- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-148 ◆MONDAY ◆24 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୮ ◆ସୋମବାର ◆୨୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍

# ଭାରତକୁ ଚାମ୍ପିଅନ କଲେ ଓଡ଼ିଶାର ଫୁଲ ସୋରେନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ରଚିଛି। ରବିବାର ପି. ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୭ ୱିକେଟରେ ନେପାଳକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ଟିସି ଦୀପିକା ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ନେପାଳ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଭାରତ ୧୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଆ ଖେଳାଳି ଫୁଲ ସୋରେନ ଭାରତ ପକ୍ଷରୁ ସର୍ବାଧିକ ଅପରାଜିତ ୪୪ ରନ କରିଥିଲେ। ଇନିଂସ ଓପନ୍ କରିଥିବା ଫୁଲ ୨୭ ବଲରେ ୪ ଚୌକା ସହ ଏହି ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ କରୁଣା ମଧ୍ୟ ୪୨ ରନ ସଂଗ୍ରହ କରିଥିଲେ। ଫୁଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫୁଲଙ୍କ ବ୍ୟତୀତ ଓଡ଼ିଶାର ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାରାଣ୍ଡି ବିଶ୍ୱ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟା ରହିଛନ୍ତି।


ଚାମ୍ପିଅନ ଟ୍ରଫି ସହ ଓଡ଼ିଶାର ୪ ଖେଳାଳି

## ମା’ କ୍ଷୀରରୁ ମିଳିଲା ୟୁରାନିୟମ

### ୬ ଜିଲ୍ଲାରୁ ସାମ୍ନାକୁ ଆସିଲା ୪୦ ମାମଲା

■ ପାଟନା, ୨୩।୧୧ (ଏଜେନ୍ସି): ନବଜାତକଙ୍କ ଅମୃତ ମା’ କ୍ଷୀର ବି ଏବେ ବିଶୁଦ୍ଧ ନୁହେଁ। ଏହା ବିଷ ପାଲଟି ଗଲାଣି। ମା’ କ୍ଷୀରରୁ ବିଷାକ୍ତ ୟୁରାନିୟମ ମିଳିଛି। ବିହାରରୁ ଏଭଳି ବିପଜ୍ଜନକ ସୂଚନା ସାମ୍ନାକୁ ଆସିଛି। ବିହାର ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ କ୍ଷୀର ନମୁନାରୁ ୟୁରାନିୟମ (ୟୁ୨୩୮) ମିଳିଛି। ନେଚର ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ମା’ କ୍ଷୀରରେ ଥିବା ୟୁରାନିୟମ ଶିଶୁଠାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନେକ ପ୍ରତିଷ୍ଠାନର ଗବେଷକଙ୍କ ଅନୁଯାୟୀ କ୍ଷୀର ମାଧ୍ୟମରେ ଶିଶୁଙ୍କ ଶରୀରକୁ ୟୁରାନିୟମ ଗଲେ କର୍କଟ ଭଳି ଜଟିଳ ରୋଗର ବିପଦ ସୃଷ୍ଟି ହୋଇପାରେ। ଠିକରେ ହାଡ଼ର ବିକାଶ ହୁଏ ନାହିଁ। ପାଟନାର ‘ମହାବୀର କ୍ୟାନସର ପ୍ରତିଷ୍ଠାନ’ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଏଥିରେ ଦିଲ୍ଲୀ ଏମ୍ସର ବାୟୋ କେମେଷ୍ଟ୍ରି ବିଭାଗ ଡ. ଅଶୋକ ଶର୍ମାଙ୍କ ଟିମ୍ ମଧ୍ୟ ସାମିଲ ଥିଲା। ସେ ଏହି ଅଧ୍ୟୟନର ସହାୟକ ଲେଖକ ମଧ୍ୟ। ଡ. ଶର୍ମା କହିଛନ୍ତି ଯେ ୪୦ ମାଆଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ସବୁ ନମୁନାରୁ ୟୁରାନିୟମ ମିଳିଥିଲା। ୟୁରାନିୟମର ଉତ୍ସ ବିଷୟରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହା କେମିତି ଆସିଲା ଜଣାପଡ଼ି ନାହିଁ। ବିହାରରେ ପାନୀୟ ଏବଂ ▶ପୃଷ୍ଠା-୭


## ଶେଷ ମିନିଟ୍‌ରେ ବାତିଲ୍ କରିହେବ ବିମାନ ଟିକଟ; ଫେରସ୍ତ ମିଳିବ ଭଡ଼ା

■ ନୂଆଦିଲ୍ଲୀ,୨୩।୧୧ (ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଖୁବ୍ ଶୀଘ୍ର ବିମାନ ଭଡା ଫେରସ୍ତ ବା ରିଫଣ୍ଡ ଏବଂ ଟିକଟ ଉପରେ ଯାତ୍ରୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ କରିବାକୁ ଯାଉଛି। କାରଣ ଡିଜିସିଏ ବିମାନ ଭଡା ଫେରସ୍ତ ସମ୍ବନ୍ଧୀୟ ନିୟମରେ ଏକ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ନୂତନ ଚିଠା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀଙ୍କୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଟିକଟ ବାତିଲ କରିବାକୁ ପଡ଼େ, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବାକୁ ପଡିବ କିମ୍ବା ଏକ କ୍ରେଡିଟ୍ ନୋଟ୍ ଜାରି କରିବାକୁ ପଡିବ। ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ରିଫଣ୍ଡ ଏବେ ବିମାନ କମ୍ପାନୀର ଦାୟିତ୍ୱ ହେବ। ଏହାର ଅର୍ଥ ହେଉଛି ଅନଲାଇନ୍ ପୋର୍ଟାଲ କିମ୍ବା ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ମଧ୍ୟ ବିମାନ କମ୍ପାନୀ ଯାତ୍ରୀଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରିବ। ଏଥିପାଇଁ ୨୧ କାର୍ଯ୍ୟ ଦିବସର ସମୟସୀମା ଧାର୍ଯ୍ୟ କରାଯାଇଛି। ଚିଠା ନିୟମ ଉପରେ ଅଂଶୀଦାରମାନଙ୍କ ମତାମତ ନଭେମ୍ବର ୨୦ ମଧ୍ୟରେ ଲୋଡାଯାଇଛି। ଆହୁରିମଧ୍ୟ ସରକାର ବିମାନ ଟିକଟରେ ଇନ୍-ବିଲ୍ଟ ବୀମା ଯୋଡିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଉଡ଼ାଣର ମାତ୍ର କିଛି ଘଣ୍ଟା ପୂର୍ବରୁ ▶ପୃଷ୍ଠା-୭

# ଦ୍ୱନ୍ଦ୍ୱ ବଢ଼ାଇଲା ଯୋଡ଼ା ଲଘୁଚାପ

### ଆଜି ଅବପାତର ରୂପ ନେବ ଲଘୁଚାପ ■ ବାତ୍ୟା ଗତିପଥ ବଦଳାଇଲେ ବର୍ତ୍ତିଯିବ ଓଡ଼ିଶା

■ ଭୁବନେଶ୍ୱର, ୨୩ ।୧୧ (ସମିସ): ମଲାକ୍କା ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ୱଦଶ ଲଘୁଚାପରେ ପରିଣତ ହୋଇଛି। ସୋମବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ପରିଣତ ହେବ। ଏହି ସ୍ପଷ୍ଟ ଚିହ୍ନିତ ଲଘୁଚାପ ବର୍ତ୍ତମାନ ସକ୍ରିୟ ରହିଖଥିବା ବେଳେ ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି ଜାରି ରଖିଛି। ଅନ୍ୟପଟେ ଏହି ଲଘୁଚାପ ସହିତ ବଙ୍ଗୋପସାଗରରେ ଆସନ୍ତା ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ଯାହାକି ବାତ୍ୟାର ଗତିପଥ ଓ ତୀବ୍ରତାକୁ ଦ୍ୱନ୍ଦ୍ୱାତ୍ମକ କରିଦେଇଛି। ପାଣିପାଗ ବିଶେଷଜ୍ଞମାନେ ଦୁଇଟି ଲଘୁଚାପର



ମିଶ୍ରଣ ନେଇ ଆକଳନ କରୁଥିଲେ ମଧ୍ୟ ଏହା ମିଶ୍ରଣ ପରେ କେଉଁ ଆଡ଼କୁ ଗତି କରିବ ତାହା ଆସନ୍ତା ୨୭ ପରେ ସ୍ପଷ୍ଟ ହେବ ବୋଲି କହୁଛନ୍ତି।

ଅନ୍ୟପଟେ ଦୀର୍ଘ ୧୦୦ ବର୍ଷର ରେକର୍ଡ ଅନୁଯାୟୀ ଶୀତ ଦିନରେ ବାତ୍ୟା ସୃଷ୍ଟି ହେଲେ ତାହାର ପ୍ରଭାବ ତାମିଲନାଡୁ ବା ଆନ୍ଧ୍ର ଆଡ଼କୁ ହୋଇଥିବା ଦେଖା ଦେଇଛି। ତେଣୁ ଏହି ବାତ୍ୟା ମଧ୍ୟ ଓଡିଶା ଆଡ଼କୁ ଆସିବାର ସମ୍ଭାବନା କମ୍ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ଅଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତାଙ୍କ କହିବା ଅନୁଯାୟୀ ▶ପୃଷ୍ଠା-୭

### ‘ସକାଳ’ର ୫ମ ସ୍ୱନକ୍ଷତ୍ର

## ବିତର୍କରେ ଭାଗନେଲେ ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ



■ ଭୁବନେଶ୍ୱର, ୨୩।୧୧ (ସମିସ): ଲୋକପ୍ରିୟ ଦୈନିକ ‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ସବୁ ଜିଲ୍ଲାର ସଦର ମହକୁମା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ରାଜ୍ୟର ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ପାଇଁ ରହିଥିବା ବିଷୟବସ୍ତୁ ‘ଜେନ୍-ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା’ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ନିଜନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେହିପରି ସେହିପରି ପୁସ୍ତକ ବଞ୍ଚିବା ଶିଖାଇବା ସହିତ ଜ୍ଞାନ ଓ ଚେତନାକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥାଏ ବୋଲି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ‘ବହି ପଢ଼ା: ଜରୁରୀ ଆବଶ୍ୟକତା ନା ଅନାବଶ୍ୟକ ଚାପ’ ବିଷୟ ଉପରେ ନିଜନିଜ ଆଭିମୁଖ୍ୟ ରଖିଛନ୍ତି।

**ରାଜ୍ୟସ୍ତରୀୟ ବିତର୍କ ପାଇଁ ୩୦ଜିଲ୍ଲାରୁ ୬୦ ପ୍ରତିଯୋଗୀ ମନୋନୀତ**

‘ଭାରତ ମସଲା’ ପ୍ରାୟୋଜିତ ଓ ‘ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ’ ସହଭାଗିତାରେ ଅନୁଷ୍ଠିତ ଏହି ବିତର୍କ ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ମାର୍ମିକ ଅଭିଭାଷଣ ରଖିଛନ୍ତି। ବିଭିନ୍ନ ସ୍ଥାନରେ ସମାଜରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଜ୍ଞ ବିଚାରକମାନେ ଛାତ୍ରଛାତ୍ରୀଙ୍କ ବିତର୍କର ମୂଲ୍ୟାୟନ କରିଛନ୍ତି। ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ପ୍ରତି ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହ ସ୍ମୃତି ଫଳକ ସହ ସମ୍ମାନିତ କରିଛନ୍ତି ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗ ଦେବେ।

ପ୍ରତିଷ୍ଠା ହେବାର ମାତ୍ର ୫ ବର୍ଷ ମଧ୍ୟରେ ପାଠକଙ୍କ ବିଶ୍ୱସନୀୟତା ହାସଲ କରିଥିବା ‘ସକାଳ’ ପକ୍ଷରୁ ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସାମ୍ପ୍ରତିକ ସମୟର ଦୁଇଟି ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ବିତର୍କ ଜରିଆରେ ଆଲୋକପାତ କରିବାରେ ସମର୍ଥ ହୋଇ ପାରିଥିବାରୁ ‘ସକାଳ’ର ପ୍ରୟାସକୁ ଅତିଥିମାନେ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ ‘ସକାଳ’ର ସ୍ୱନକ୍ଷତ୍ର ଦିବସ ଅବସରରେ ବିଭିନ୍ନ ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ‘ସକାଳ’ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଶୁଭେଚ୍ଛା ଜ୍ଞାପନ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ‘ସକାଳ’ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଖୋର୍ଦ୍ଧା ବାଘମାରୀରେ ନାବାଳିକାକୁ ଗଣଦୁଷ୍କର୍ମ

## ହୃଦୟବିଦାରକ ଓ ସ୍ପର୍ଶକାତର: ନବୀନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ଉଲ୍ଲେଖ କରି ମହିଳାମାନଙ୍କ ଉପରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି ବୋଲି ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରେ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି।



**ବିଜେପି ସରକାରରେ ରାଜ୍ୟର ମା’ମାନେ ସବୁଠୁ ଅସୁରକ୍ଷିତ**

**ନିଦରୁ ଉଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଆହ୍ୱାନ**

ନବୀନ କହିଛନ୍ତି ଯେ ଭଦ୍ରକ ଅରଞ୍ଜିରେ ମା’ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚଜିର ▶ପୃଷ୍ଠା-୭

### ଏସ୍‌ଆଇଆର୍ ଚାପ

## ୧୯ ଦିନରେ ୧୫ ବିଏଲ୍‌ଓଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ଅଭିଯାନ ଅବସରରେ ବୁଥ ଲେବଲ ଅଫିସର (ବିଏଲ୍‌ଓ)ଙ୍କ ମୃତ୍ୟୁ ଚିନ୍ତା ସୃଷ୍ଟି କରିଛି। କାର୍ଯ୍ୟର ଚାପ ଯୋଗୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି। ନଭେମ୍ବର ୨୧ ରାତିରୁ ୨୨ ତାରିଖ ମଧ୍ୟରେ ମଧ୍ୟପ୍ରଦେଶରେ ଦୁଇଜଣ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଭୋପାଳରେ ୨ ଜଣ ବିଏଲ୍‌ଓ ହୃଦ୍‌ଘାତ ଆସିବା ଫଳରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମବଙ୍ଗରେ ଜଣେ ମହିଳା ବିଏଲ୍‌ଓ ଆତ୍ମହତ୍ୟା କରିଛନ୍ତି। ଅଧିକ କାର୍ଯ୍ୟ ଓ ଲକ୍ଷ୍ୟ ପୂରଣ କରିବାର ଚାପକୁ ନିୟନ୍ତ୍ରଣ ନ କରିପାରିବାରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି। ଶନିବାର ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ରାଜସ୍ଥାନ ଭଳି ବଡ଼ ରାଜ୍ୟରେ ସର୍ବାଧିକ ୬୦.୫୪ ପ୍ରତିଶତ ଫର୍ମ ଡିଜିଟାଲ ହୋଇଛି। ସେହିପରି କେରଳରେ ସର୍ବନିମ୍ନ ୧୦.୫୮ ଫର୍ମ ଡିଜିଟାଲ ହୋଇଛି। ମୋଟ୍ ଉପରେ ୯୮. ୯୮ ଫର୍ମ ବିତରଣ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି।

**ଗୁଜରାଟ, ଏମ୍‌ପିରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗରେ ୩, ରାଜସ୍ଥାନ, ତାମିଲନାଡୁ ଓ କେରଳରେ ଜଣେ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ଆତ୍ମହତ୍ୟା ସହ ବିଏଲ୍‌ଓଙ୍କ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ରାଜ୍ୟରେ ଦୁଇଜଣ ବିଏଲ୍‌ଓ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ଚାପ ଯୋଗୁ ଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଜୟପୁରରେ ରବିବାର ବିଏଲ୍‌ଓ ମୁକେଶ ଜାଙ୍ଗିଡି (୪୮) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ କରୋଲିରେ ଜଣେ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ସବାଇ ମାଧୋପୁରରେ ଜଣେ ବିଏଲ୍‌ଓ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅନ୍ୟପଟେ ଗୁଜରାଟ୍‌ରେ ୪ ଦିନରେ ୪ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଅହମଦାବାଦ୍ ଓ ଦାହୋଦ୍‌ରେ ଜଣେ ବିଏଲ୍‌ଓ ଅସୁସ୍ଥ ହେବା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ମଧ୍ୟ ପ୍ରଦେଶରେ ଗୋଟିଏ ରାତିରେ ୨ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଓ ଆଉ ଜଣେ ହୃଦ୍‌ଘାତ୍‌ର ଶିକାର ▶ପୃଷ୍ଠା-୭

## ଏସ୍‌ସିବିରେ ଡାଏଲିସିସ୍ ବନ୍ଦ !

### ୨ ମାସ ହେବ ମିଳୁନି ପିଡି ଫ୍ଲୁଇଡ୍

■ କଟକ, ୨୩।୧୧ (ସମିସ): ଜଟିଳ ବୃକ୍କ (କିଡ୍‌ନୀ) ରୋଗରେ ଆକ୍ରାନ୍ତଙ୍କୁ ବଡ଼ ମେଡିକାଲରେ ଡାଏଲିସିସ୍ ସେବା ମିଳୁନାହିଁ। ପିଡି ଫ୍ଲୁଇଡ୍ ନଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଆଜି ୨୧ଜଣ ରୋଗୀ ଏଭଳି ଅଭିଯୋଗ କରି ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭୦ରୁ ଅଧିକ ରୋଗୀ ଏହି ସମସ୍ୟା ଭୋଗୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ(ଓଏସ୍‌ଏମସି) ପିଡି ଫ୍ଲୁଇଡ୍ ଯୋଗାଇବା ବନ୍ଦ କରିଥିବା ବେଳେ ଡିଏମଇଟିଙ୍କ କାର୍ଯ୍ୟାଳୟରୁ ଅର୍ଥ ମଞ୍ଜୁର ନହେବା ଯୋଗୁଁ ବୃକ୍କ ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଥିବା ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। ଏ ସଂପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡଃ ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


**ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କଲେ ୨୧ ରୋଗୀ**

ପ୍ରକାଶଥାଉକି, ବଡ଼ ମେଡିକାଲରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। ଗୋଟିଏ ପରେ ଗୋଟିଏ ବିଭାଗ ଏବେ ରୋଗୀଙ୍କୁ ମୌଳିକ ଚିକିତ୍ସା ଯୋଗାଇଦେବା ନିମନ୍ତେ ମଧ୍ୟ ସରକାରୀ ଅର୍ଥକୁ ଅପେକ୍ଷା କରି ରହୁଛନ୍ତି। ଡାଏଲିସିସ୍ ନିମନ୍ତେ ପିଡି ଫ୍ଲୁଇଡ୍‌ର ଆବଶ୍ୟକତା ରହିଛି। ବୃକ୍କ ଅକାମୀ ହେବାକୁ ଲାଗିଲେ ଡାଏଲିସିସ୍ ▶ପୃଷ୍ଠା-୭

## ରୋବର୍ଟ କିୟୋସାକିଙ୍କ ଚେତାବନୀ: ମାନ୍ଦାବସ୍ଥା କବଳରେ ବିଶ୍ୱ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ‘ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍’ର ଲେଖକ ରବର୍ଟ କିୟୋସାକି ଏକ ବିଶ୍ୱ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ରବର୍ଟ କିୟୋସାକି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଇତିହାସର ସବୁଠାରୁ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ଆରମ୍ଭ ହୋଇଛି। ୭୮ ବର୍ଷୀୟ କିୟୋସାକି ତାଙ୍କର ଭବିଷ୍ୟବାଣୀକୁ ପୁନରାବୃତ୍ତି କରି କହିଛନ୍ତି, ୨୦୧୩ରେ, ସେ ‘ରିଚ୍ ଡ୍ୟାଡ୍ସ ଭବିଷ୍ୟବାଣୀ’ ପ୍ରକାଶ କରିଥିଲେ। ସେଥିରେ ସେସବୁଠାରୁ ବଡ଼ ମାନ୍ଦାବସ୍ଥାର ଭବିଷ୍ୟବାଣୀ କରିଥିଲେ। ଦୁର୍ଭାଗ୍ୟବଶତଃ, ସେହି ମାନ୍ଦାବସ୍ଥା ଆସିଯାଇଛି। ସେ ଲେଖିଛନ୍ତି ଯେ ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ନୁହେଁ। ୟୁରୋପ ଏବଂ ଏସିଆ ମଧ୍ୟ ଏକ ଆର୍ଥିକ ମାନ୍ଦାବସ୍ଥାର କବଳରେ ରହିଛି। ତେବେ କେଉଁ ସମ୍ପତ୍ତି ଏହି ବଜାର ମାନ୍ଦାବସ୍ଥାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ, ତାହା ମଧ୍ୟ ସେ ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ବଜାର ତଳମୁହାଁ ହୋଇଛି। କିୟୋସାକି ବିଶ୍ୱାସ କରନ୍ତି ଯେ ଏଆଇ ଚାକିରି ଖାଇଯିବ। ଯେତେବେଳେ ଚାକିରି ଉଭାନ ହୋଇଯିବ, ଅଫିସ ଏବଂ ଆବାସିକ ସମ୍ପତ୍ତିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ରିଅଲ୍ ଇଷ୍ଟେଟ୍ ବଜାର ମଧ୍ୟ କ୍ରାସ୍ ହୋଇପାରେ।



**ଇତିହାସର ସବୁଠାରୁ ବଡ଼ ପତନ ଆରମ୍ଭ**

ଏହି ହ୍ରାସକୁ ଏଡାଇବା ପାଇଁ, କିୟୋସାକି ସୁନା, ରୁପା, ବିଟ୍ କଏନ୍ ଏବଂ ଇଥେରିୟମ୍ ଭଳି ଜିନିଷଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମ୍ପତ୍ତିରେ ନିବେଶ କରିବାର ଏହା ସଠିକ୍ ସମୟ। ସେ କହିଛନ୍ତି ଯେ ରୁପାକୁ ସର୍ବୋତ୍ତମ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ।

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ରୁପା ମୂଲ୍ୟ ୫୦ ଡଲାର। ଖୁବ୍ ଶୀଘ୍ର ଏହା ୭୦ ଡଲାର ରେ ପହଞ୍ଚିବ ଏବଂ ୨୦୨୬ ସୁଦ୍ଧା ୨୦୦ ଡଲାରରେ ମଧ୍ୟ ପହଞ୍ଚିପାରେ। ଏଥିରେ ଖବର ହେଉଛି ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ସମସ୍ତ ସମ୍ପତ୍ତି ହରାଇବେ। ଏକ ନୂତନ ପୋଷ୍ଟରେ କିୟୋସାକି ବିଟ୍ କଏନ୍ କିଣିବାକୁ ପରାମର୍ଶ ଦେଉଛନ୍ତି, ଯଦିଓ ସେ ନିଜେ ବିଟ୍ କଏନ୍ ବିକ୍ରି କରିଛନ୍ତି। ଦୁଇ ଦିନ ପୂର୍ବେ, ଏକ ପୋଷ୍ଟରେ, କିୟୋସାକି କହିଥିଲେ ଯେ ସେ ୨.୨୫ ନିୟୁତ (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟର ବିଟ୍ କଏନ୍ ବିକ୍ରି କରିଛନ୍ତି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ କେବଳ ୬୦୦୦ (ପ୍ରାୟ ୫ ଲକ୍ଷ ଟଙ୍କା) ଥିବାବେଳେ ସେ ଏହି ବିଟ୍ କଏନ୍ କିଣିଥିଲେ। ବର୍ତ୍ତମାନ, ସେ ସେଗୁଡ଼ିକୁ ପ୍ରାୟ ୯୦ ହଜାର (ପ୍ରାୟ ୮୦ ଲକ୍ଷ ଟଙ୍କା) ରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେ ଦୁଇଟି ସର୍ଜରୀ କେନ୍ଦ୍ର କିଣିଛନ୍ତି ଏବଂ ଏକ ବିଲବୋର୍ଡ ବ୍ୟବସାୟରେ ନିବେଶ କରିଛନ୍ତି।

## ୯ ବର୍ଷ ପରେ ପୁଣି ଚଣ୍ଡିଗଡ଼ ବିବାଦ; ନୂଆ ବିଲ୍ ଆସିବନି: କେନ୍ଦ୍ର

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୀର୍ଘ ୯ ବର୍ଷ ପରେ ଚଣ୍ଡିଗଡ଼କୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଚଣ୍ଡିଗଡ଼କୁ ନେଇ ନୂଆ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆସିବା ମାତ୍ରେ ହିଁ ପଞ୍ଜାବରେ ରାଜନୈତିକ ଉତ୍ତପ୍ତତା ବଢ଼ିବାରେ ଲାଗିଛି। ପଞ୍ଜାବର ସବୁ ରାଜନୈତିକ ଦଳ ଏହା ବିରୋଧରେ ଏକଜୁଟ୍ ହୋଇଛନ୍ତି। ଅବଶ୍ୟ ଏହା ପରେ କେନ୍ଦ୍ର ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଚଣ୍ଡିଗଡ଼ ପାଇଁ କେବଳ ଆଇନ ତିଆରି ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଆସିଥିବା ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରବିବାର କହିଛି। ଆଗକୁ ସଂସଦର ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ କୌଣସି ବିଲ୍ ସରକାରଙ୍କ ତରଫରୁ ଆଗତ ହେବ ନାହିଁ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଏହି ପ୍ରସ୍ତାବ ମାଧ୍ୟମରେ ଚଣ୍ଡିଗଡ଼ର ଶାସନ ବ୍ୟବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ କିମ୍ବା ପଞ୍ଜାବ ଓ ହରିୟାଣା ମଧ୍ୟରେ ପାରମ୍ପରିକ ସମ୍ପର୍କକୁ ପ୍ରଭାବିତ କରିବାର କୌଣସ ଅଭିପ୍ରାୟ ନାହିଁ ବୋଲି କୁହାଯାଇଛି। ବ୍ୟାପକ ଚର୍ଚ୍ଚା ପରେ ଯାଇ କୌଣସି ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ୨୦୧୬ରେ କେନ୍ଦ୍ର ସରକାର ଚଣ୍ଡିଗଡ଼ ପାଇଁ ଭିନ୍ନ ପ୍ରଶାସକ ନିଯୁକ୍ତି ନେଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ସେତେବେଳର ଅକାଳୀ ଦଳର ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ କ୍ୟାପ୍ଟେନ ଅମରେନ୍ଦ୍ର ସିଂ ଏହାକୁ କଡ଼ା ବିରୋଧ କରିଥିଲେ। ପ୍ରବଳ ରାଜନୈତିକ ବିରୋଧ ଫଳରେ କେନ୍ଦ୍ର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲା। ଏହି ପ୍ରସ୍ତାବିତ ବିଲ୍ ଚଣ୍ଡିଗଡ଼ର ପ୍ରଶାସନିକ ପରିଚୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଓ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, କଂଗ୍ରେସ ଓ ଶିରୋମଣୀ ଅକାଳୀ ଦଳ ତରଫରୁ ଏହି ବିଲ୍‌କୁ ବିରୋଧ କରାଯାଇଛି। ଏହା ଦ୍ୱାରା ଚଣ୍ଡିଗଡ଼ ଉପରେ ପଞ୍ଜାବ ତା'ର ଅଧିକାର ହରାଇବାର ଆଶଙ୍କା ରହିଛି ବୋଲି କୁହାଯାଇଛି।



## ତେଜସ୍ ଦୁର୍ଘଟଣା: ୱିଙ୍ଗ୍ କମାଣ୍ଡର ନମାଂଶଙ୍କ ଶେଷକୃତ୍ୟ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୁବାଇ ଏୟାର ଶୋ'ରେ ତେଜସ ଫାଇଟର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୱିଙ୍ଗ କମାଣ୍ଡର ନମାଂଶ ସ୍ୟାଲଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ ରବିବାର ହିମାଚଳ ପ୍ରଦେଶର ତାଙ୍କ ପୈତୃକ ଗ୍ରାମ ନାଗ୍ରୋଟା ବାଗୱାନ (ପଟିଆଲକାର) ଅଣାଯିବା ସହ ରବିବାର ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନମାଂଶଙ୍କ ପତ୍ନୀ ଅଫ୍*ସାନ ମଧ୍ୟ ଜଣେ ବାୟୁସେନା ଅଧିକାରୀ। ଅନ୍ତେଷ୍ଟି କ୍ରିୟାରେ ଅଫ୍‌ସାନ ତାଙ୍କୁ ଶେଷ ତଥା ଅଶ୍ରୁଳ ସାଲ୍ୟୁଟ ପ୍ରଦାନ କରି ଅନ୍ତିମ ବିଦାୟ ଦେଇଥିଲେ। ପାଖରେ ତାଙ୍କୁ ୫ ବର୍ଷର ଝିଅ ମଧ୍ୟ ଉପସ୍ଥିତ ଥିଲେ। ଗାଁ ସବୁ ଲୋକ ଏକାଠି ହୋଇ ଲୁହଭରା ଆଖିରେ ନମାଂଶଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଦୁବାଇ ଏୟାର ଶୋର ଅନ୍ତିମ ଦିବସରେ ରୁଷି ବିମାନର ଏକ ଦଳ 'ମିସିଂ ମ୍ୟାନର ଫର୍ମେସନ' ତିଆରି କରି ନମାଂଶଙ୍କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦେଇଛି। ମିସିଂ ମ୍ୟାନ ଫର୍ମେସନ ହେଉଛି ଏକ ସ୍ୱତନ୍ତ୍ର ଏରିଆଲ ଟ୍ରିବ୍ୟୁଟ ବାୟୁଶ୍ରଦ୍ଧାଞ୍ଜଳି।



ଶ୍ରଦ୍ଧାଞ୍ଜଳି ଦେଲା ରୁଷ ବିମାନ ଟିମ୍

ଆଜି ଭାରତୀୟ ବାୟୁସେନାର ଏକ ବିମାନରେ ତାଙ୍କ ପାର୍ଥିବ ଶରୀରକୁ କାଂଗ୍ରା ବିମାନ ବନ୍ଦରକୁ ଅଣାଯାଇଥିଲା ଓ ସେଠାରୁ ତାଙ୍କ ଗାଁକୁ ନିଆଯାଇଥିଲା। ତେବେ ପ୍ରଥମେ ତାଙ୍କ ମୃତଦେହକୁ କୋଏମ୍ବାଟୁରର ଏୟାର ବେଶ୍ ଅଣାଯାଇଥିଲା। କୋଏମ୍ବାଟୁର ଜିଲ୍ଲାପାଳ ପବନ କୁମାର ଜି ଗିରୟାପାନାବାର ତାଙ୍କୁ ସୁଲୁର ନିକଟସ୍ଥ ଏୟାରବେଶ୍‌ରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ହିମାଚଳ ପ୍ରଦେଶର ବାସିନ୍ଦା ନମାଂଶ ନଭେମ୍ବର ୨୧ ଶୁକ୍ରବାର ଦିନ ଦୁବାଇ ଏୟାର ଶୋରେ ପ୍ରଦର୍ଶନ ଅବସରରେ ସ୍ୱଦେଶୀ ମଲ୍ଟି- ରୋଲ ଲାଇଟ୍ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍‌ର ଦୁର୍ଘଟଣା ହେବା ପରେ ମୃତ୍ୟୁବରଣ କରିଛନ୍ତି। ନମାଂଶ ସୁଜନପୁର ତୀରା ସୈନିକ ସ୍କୁଲ୍ ଛାତ୍ର। ୨୦୦୯ ଡିସେମ୍ବରରେ ସେ ଭାରତୀୟ ବାୟୁସେନାରେ ଭର୍ତ୍ତି ହୋଇଥିଲେ। ପତ୍ନୀ, ଝିଅ ଓ ତାଙ୍କ ପିତାମାତାଙ୍କୁ ନମନଶ ଛାଡି ଚାଲିଯାଇଛନ୍ତି। ଭାରତୀୟ ବାୟୁସେନା ତରଫରୁ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

## ଦେଶର ସୀମା କେବେ ବଦଳିବ କହିହେବନି; ରାଜନାଥ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୁଣି ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଭାରତର ସୀମା କେତେବେଳେ ବଦଳିବ ତାହା କହି ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ସାମିଲ ଥିବା ସିନ୍ଧ ଭାରତର ଅଂଶ ହୋଇ ନ ଥିଲେ ମଧ ସଭ୍ୟତା ଦୃଷ୍ଟିକୋଣରୁ ଭାରତର ଅଙ୍ଗ ହୋଇ ସର୍ବଦା ରହିବ। କାଲି ପୁଣି ସିନ୍ଧ ଭାରତକୁ ଫେରି ନ ଆସିବ ବୋଲି କେହି କହିପାରିବେ ନାହିଁ। ଦିଲ୍ଲୀରେ ଆୟୋଜିତ ସିନ୍ଧ ସମ୍ମିଳନୀରେ ଯୋଗ ଦେଇ ରବିବାର ସେ ଏହି କଥା କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ ବିଜେପି ନେତା ଲାଲ କୃଷ୍ଣ ଆଡୱାନୀଙ୍କ ଲିଖିତ ଏକ ବହିର ଲେଖା ଉଲ୍ଲେଖ କରିଥିଲେ। ସିନ୍ଧି ହିନ୍ଦୁ, ଖାସ୍ କରି ତାଙ୍କ ପିଢ଼ିର ଲୋକେ ସିନ୍ଧକୁ ଭାରତରୁ ଭିନ୍ନ ବୋଲି ମନେ କରନ୍ତି ନାହିଁ। ୧୯୪୭ରେ ଦେଶ ବିଭାଜନ ହେବା ପରେ ସିନ୍ଧ ପ୍ରଦେଶ ପାକିସ୍ତାନରେ ସାମିଲ ହୋଇଥିଲା। ଏହା ପାକିସ୍ତାନର ତୃତୀୟ ସର୍ବ ବୃହତ୍ ରାଜ୍ୟ। ଏହାର ରାଜଧାନୀ କରାଚି। ସିନ୍ଧ ପ୍ରଦେଶରେ ଉର୍ଦ୍ଦୁ, ସିନ୍ଧି ଓ ଇଂଲିଶ୍ କୁହାଯାଇଥାଏ।

## ୨୬୨ କୋଟିର ନିଶାଦ୍ରବ୍ୟ ଜବତ; ୨ ଗିରଫ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦିଲ୍ଲୀ ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମିଳିତ ଚଢ଼ାଉରେ ରାଜଧାନୀରେ ଏକ ବଡ଼ ଧରଣର ନିଶା କାରବାରର ପର୍ଦ୍ଦାଫାସ୍ କରିଛି। ଏହି ଟିମ୍ ୩୨୮ କେଜି ମେଥାମଫେଟାମାଇନ୍ ଜବତ କରିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୨୬୨ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ମାମଲାରେ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଟିମ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରଶଂସା କରିଛନ୍ତି। ଡ୍ରଗ୍ସ ବିରୋଧରେ ସରକାର କଠୋର ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଓ ନିଶାଦ୍ରବ୍ୟ କାରବାର ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନିତୀ ଅବଲମ୍ବନ କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଦିଲ୍ଲୀରେ ଚରସ ସହ ଆଫଗାନ ନାଗରିକ ଗିରଫ

● ବିନା ଭିସାରେ ୧୦ ବର୍ଷ ରହିଆସୁଥିଲା

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦିଲ୍ଲୀର ଲାଜପତ ନଗର ଅଞ୍ଚଳରେ ଜେଣ ଆଫଗାନିସ୍ତାନ ନାଗରିକ ନଜିବ ଅହମ୍ମଦକୁ ଗିରଫ କରାଯାଇଛି। ତା ନିକଟରୁ ୨୧୫.୭୪ ଗ୍ରାମ୍ ଚରସ ଜବତ କରାଯାଇଛି। ନଜିବ ୨୦୧୪ରେ ଭାରତ ଆସିଥିଲା। ୨୦୧୫ରେ ଭିସା ଶେଷ ହେବା ପରେ ବି ସେ ଭାରତରେ ରହି ଆସୁଥିଲା। ସେ ଦକ୍ଷିଣପୂର୍ବ ଦିଲ୍ଲୀର କିଛ ଅଞ୍ଚଳକୁ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିଲା। ତେବେ ତା ନାରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ ବୋଲି ପୁଲିସ କହିଛି। ନଭେମ୍ବର ୨୧ରେ ସୂଚନା ମିଳିବା ମାତ୍ରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ ଲାଜପତ ନଗରରେ ନଜିବକୁ ଗିରଫ କରିଥିଲା। ସେ ୨/ଆଇ ବ୍ଲକ ମୁଖ୍ୟ ବଜାର ରୋଡ୍‌ରେ ଥିବା ମଜାର ରେସ୍ତୋରାଁରେ ଚରସ ବିକ୍ରି କରୁଥିଲା।

### ଧର୍ମସ୍ଥଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ

# ଏତଲା ନାହିଁ; ହତ୍ୟା ନା ମୋକ୍ଷ ଜଣାନାହିଁ

**ବେଙ୍ଗାଲୁରୁ, ୨୩।୧୧ (ଏଜେନ୍ସି):** କର୍ଣ୍ଣାଟକର ପ୍ରସିଦ୍ଧ ସହର ଧର୍ମସ୍ଥଳ ପୁଣି ଚର୍ଚ୍ଚାର କେନ୍ଦ୍ରରେ ରହିଛି। ୮୦୦ ବର୍ଷ ତଳର ଭଗବାନ ମଞ୍ଜୁନାଥଙ୍କ ମନ୍ଦିର ଯେତେ ପୌରାଣିକ ଏହା ସହ ଜଡ଼ିତ କଥା ମଧ ସେତେ ରହସ୍ୟମୟ ହୋଇ ରହିଛି। ଧର୍ମସ୍ଥଳକୁ ନେଇ ପୁଣି ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି। ଗତ ୨୫ ବର୍ଷ ମଧ୍ୟରେ ତଥା ୨୦୦୧ ଠାରୁ ଏ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ ହୋଇଛି।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଏହି କି ଯେ ମନ୍ଦିର ପରିସରରେ ଏବଂ ଏହାର ଆଖପାଖରେ ହୋଇଥିବା ମୃତ୍ୟୁର ବିସ୍ତୃତ ତଥ୍ୟ ପୁଲିସ ପାଖରେ ନାହିଁ। ପ୍ରକୃତ ଠିକଣା ନ ଲେଖି ପୁଲିସ କେବଳ ଆଖପାଖ ଗାଁର ନାମ ଲେଖିଛି। ଆଉ ମୃତକଙ୍କ ସମ୍ପର୍କୀୟ ମୃତ୍ୟୁକୁ ନେଇ କୌଣସି ପ୍ରଶ୍ନ ନ ଉଠାଇବା ମଧ ମାମଲାକୁ ଅଧିକ ଜଟିଳ କରିଦେଉଛି। ଏଥିଯୋଗୁଁ ପୁଲିସ ବିନା ଯାଞ୍ଚରେ ମାମଲାକୁ ବନ୍ଦ କରିଦେଇଛି। ଆଜି ପର୍ଯ୍ୟନ୍ତ କେହି ଅପରାଧୀ ବାହାରି ନାହାନ୍ତି। ଏହି ମୃତ୍ୟୁ କାହିଁକି ହେଲା ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ଦକ୍ଷିଣ ଭାରତର କାଶୀ କୁହାଯାଉଥିବା ଏହି ଧର୍ମସ୍ଥଳରେ ହେଉଥିବା ମୃତ୍ୟୁ ମୋକ୍ଷ ନା ହତ୍ୟା ତାହା ଏବେ ବି ପ୍ରଶ୍ନ ହୋଇ ରହିଛି। ମୃତ୍ୟୁ ରହସ୍ୟକୁ ଲୁଚାଇବା ପାଇଁ ମୋକ୍ଷର କାହାଣୀ ଗଢ଼ା ଯାଉଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶ୍ରଦ୍ଧାଳୁ ମୋକ୍ଷ ପାଇଁ ଏଠାକୁ ଆସନ୍ତି। ମନ୍ଦିର ପରିସର, ଫାଟକ, ବାହୁବଳୀ ମୂର୍ତ୍ତି ନିକଟ, ମନ୍ଦିର ବାହାରେ ଏବଂ ନେତ୍ରବତି ନଦୀରେ ଅଧିକାଂଶଙ୍କ ଜୀବନ ଯାଇଛି। ୨୦୧୬ରେ ଏଏସପି ଥିବା



ରାହୁଲ କୁମାର ଦାବି କରିଥିଲେ ଯେ ବର୍ଷକୁ ଶହେରୁ ଅଧିକ ଲୋକ ମୋକ୍ଷ ପାଇଁ ଧର୍ମସ୍ଥଳରେ ଆତ୍ମହତ୍ୟା କରୁଛନ୍ତି। ତେବେ ଏହାର ଯାଞ୍ଚ କେବେ ବି ହୋଇ ନାହିଁ।

### ସନ୍ଦେହ ଘେରରେ ଧର୍ମାଧିକାରୀଙ୍କ ଭୂମିକା

### ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଥିବା ଦାବି

ଗତ ମେ' ମାସରେ ମନ୍ଦିରର ସଫେଇ କର୍ମଚାରୀ ସିଏନ ଚିନ୍ନୟା ଧର୍ମସ୍ଥଳ ଆଖପାଖରେ ଶତାଧିକ ଲୋକଙ୍କୁ କବର ଦିଆଯାଇଥିବା କହିଥିଲେ। କିନ୍ତୁ ଏସଆଇଟି ଯାଞ୍ଚ ପରେ ସେ ନିଜ ବୟାନ ବଦଳାଇ ଦେଇଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଧର୍ମସ୍ଥଳ, ମଞ୍ଜୁନାଥ ମନ୍ଦିର ଏବଂ ଆଖପାଖ ଗାଁରେ ୬୪୦ ଜଣଙ୍କ ମୃତ୍ୟୁ ହୋଇଥିବା ଆରଟିଆଇରେ ସୂଚନା ଦିଆଯାଇଥିଲା। ୨୦୦୧ରୁ ୨୦୧୨ ଭିତରେ ୩୪୯ ଆତ୍ମହତ୍ୟା ହୋଇଥିବା ପୁଲିସ ସ୍ୱୀକାର କରିଥିଲା। ଏହି ସମୟରେ ଧର୍ମସ୍ଥଳ ନିକଟସ୍ଥ ୧୭ ଜନସଂଖ୍ୟା ବିଶିଷ୍ଟ ଉଜ୍ରେ ଗ୍ରାମରେ ୮୪ ଜଣ ଆତ୍ମହତ୍ୟା କରିଥିଲେ।

ନାଗରିକ ସେବା ଟ୍ରଷ୍ଟର ସୋମନାଥ ନାୟକ କହିଛନ୍ତି ଯେ ପ୍ରକୃତ ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମୋକ୍ଷର କାହାଣୀ ଗଢ଼ାଯାଉଛି। ମୃତ୍ୟୁର ରହସ୍ୟକୁ ଦଶନ୍ଧି ଦଶନ୍ଧି ହେଲା ଅନ୍ଧବିଶ୍ୱାସରେ ଚପାଇ ଦେବାକୁ ପ୍ରୟାସ ଚାଲିଛି। ମନ୍ଦିରର ଧର୍ମାଧିକାରୀ ଏବଂ ପରିଚାଳକଙ୍କ ଉପରେ ଜମି ହଡ଼ପ ଓ ସାମୂହିକ ଋଣ ବାହାନାରେ କୋଟି କୋଟି ଟଙ୍କାର ଠକେଇକୁ ଛପାଇବା ପାଇଁ ଏହି ମୃତ୍ୟୁ ହେଉନି କି ବୋଲି ସେ ପଚାରିଛନ୍ତି। ଏହାର ଯାଞ୍ଚ ହେବା ଉଚିତ। ଏହି ଗୋଷ୍ଠୀରେ କର୍ଣ୍ଣାଟକର ୫୨ ଲକ୍ଷ ଲୋକ ସାମିଲ ଅଛନ୍ତି। ଏହି ଅଭିଯୋଗକୁ ନେଇ ମନ୍ଦିର ଧର୍ମାଧିକାରୀ ତଥା ରାଜ୍ୟସଭା ସାଂସଦ ବୀରେନ୍ଦ୍ର ହେଗ୍‌ଡେ କୌଣସି ଉତ୍ତର ଦେଉ ନାହାନ୍ତି।

ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ରଞ୍ଜନ ରାଓ କହିଛନ୍ତି ଯେ ଧର୍ମସ୍ଥଳରେ ଏତେ ମୃତ୍ୟୁ ହୋଇଥିଲେ ବି କେହି ଅଭିଯୋଗ କରିବାକୁ ଆସିନାହାନ୍ତି। ୧୯୮୯ରୁ ଆମେ କୋର୍ଟଙ୍କ ନିର୍ଦ୍ଦେଶ ପାଇଁ ଲଢେଇ କରୁଛୁ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଧର୍ମାଧିକାରୀଙ୍କ ବିରୋଧରେ ଅନେକ ଅଭିଯୋଗ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୋଗକାରୀ ସୋମନାଥଙ୍କୁ ତିନି ମାସ ପର୍ଯ୍ୟନ୍ତ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଛି। ୨୦୧୩ରେ ପୂର୍ବତନ ସିଦ୍ଧରମୈୟା ସରକାର ବୀରେନ୍ଦ୍ରଙ୍କ ଟ୍ରଷ୍ଟ ଏବଂ କାର୍ଯ୍ୟକଳାପର ଯାଞ୍ଚ କରିବେ ବୋଲି କହିଥିଲେ। ମାତ୍ର କିଛି ବି କରାଯାଇ ନ ଥିଲା। ଆଜି ବି ସେହି ସରକାର ଥିବା ସତ୍ତ୍ୱେ, କାର୍ଯ୍ୟାନୁଷ୍ଠାନ ଶୂନ ରହିଛି।

### ଡିସେମ୍ବର ୧ରୁ କେସ୍ ଲିଷ୍ଟିଂର ନୂଆ ବ୍ୟବସ୍ଥା

## ମାମଲା ସଂଖ୍ୟା ହ୍ରାସ ମୋର ଲକ୍ଷ୍ୟ: ଜଷ୍ଟିସ ସୂର୍ଯ୍ୟକାନ୍ତ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ଅର୍ଥାତ ସୋମବାର ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ।



ସେ ଡିସେମ୍ବର ୧ରେ ସମସ୍ତଙ୍କୁ ଚକିତ କଲା ଭଳି ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। କେସ୍ ଲିଷ୍ଟିଂ ବା ବିଚାରଧିନ ମାମଲାକୁ ତାଲିକାଭୁକ୍ତ କରିବାକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଲିଷ୍ଟିଂର ବ୍ୟବସ୍ଥା ଏତେ ଭଲ ହେବ ଯେ, ସମସ୍ତେ ତାଙ୍କୁ ସ୍ୱାଗତ କରିବେ। ଦେଶର ଅଦାଲତରେ ବାକି ପଡିଥିବା ମାମଲାଗୁଡିକର ସଂଖ୍ୟା କମ୍ କରିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି। ହାଇକୋର୍ଟଗୁଡିକରେ ଯେଉଁ କେସ୍ ଶେଷ ପର୍ଯ୍ୟାୟରେ ରହିଛି, ସେଗୁଡିକୁ ସୁପ୍ରିମକୋର୍ଟରେ ଶେଷ କରିବେ। ସେହିପରି ମେଡିଏସନ ଅର୍ଥାତ ମଧ୍ୟସ୍ଥତାକୁ ଏକ ଗେମ୍ ଚେଞ୍ଜର ବୋଲି ସେ ଅବିହିତ କରିଥିଲେ। ମଧ୍ୟସ୍ଥତା କୋର୍ଟ ବାହାରେ ବିଭିନ୍ନ ମାମଲାକୁ ଦ୍ରୁତଗତିରେ ସମାଧାନ କରିପାରେ। ପୁଣି ମେଡିଏସନ ଦ୍ୱାରା ପ୍ରି-ଲିଟିଗେସନ ମାମଲାର ସମାଧାନ ହୋଇପାରିବ। ଏପରି ହେଲେ କୋର୍ଟଙ୍କ ଉପରେ ବୋଝ କମ୍ ହେବ ବୋଲି ସେ ମତ ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଦିଲ୍ଲୀସ୍ଥିତ ନିଜ ସରକାରୀ ବାସଭବନରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ଏହି ଟିପ୍ପଣୀ ଦେଇଛନ୍ତି।

### ସିଜେଆଇ ଭାବେ ଆଜି ନେବେ ଶପଥ

ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ଏହି ଉତ୍ସବରେ ୭ଟି ଦେଶର ପ୍ରଧାନ ବିଚାରପତି ଅଂଶଗ୍ରହଣ କରିବେ। ଏଥିରେ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଓ ଶ୍ରୀଲଙ୍କା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଯୋଗ ଦେବେ।

● ୩୫ ବର୍ଷ ପରେ ଖୋଲିଲା ରହସ୍ୟ

## ଯବାନଙ୍କୁ ୟାସିନ୍ ମଲ୍ଲିକ ହିଁ ମାରିଥିଲା ଗୁଳି

**ଶ୍ରୀନଗର,୨୩।୧୧(ଏଜେନ୍ସି):** ଶ୍ରୀନଗରରେ ୧୯୯୦ ଜାନୁଆରୀ ୨୫ରେ ଭାରତୀୟ ବାୟୁସେନା ଯବାନଙ୍କ ଉପରେ ଆକ୍ରମଣ ହେବାର ୩୫ ବର୍ଷପରେ ପୁଣି ଏହି ଘଟଣାକୁ ନେଇ ଦେଶରେ ହଇଚଇ ସୃଷ୍ଟି ହୋଇଛି। ଶନିବାର ଜମ୍ମୁର ଟାଡା କୋର୍ଟରେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ତଥା ସାକ୍ଷୀ ମୁଖ୍ୟ ଅଭିଯୁକ୍ତ ୟାସିନ ମଲିକଙ୍କ ସମେତ ଅନ୍ୟ ଅପରାଧୀ ଜାଭେଦ ମୀର, ନାନାଜୀ ଓ ସାକତେ ବକ୍ସିକୁ ଚିହ୍ନଟ କରିଛନ୍ତି। ବାୟୁସେନା ଯବାନଙ୍କ ଉପରେ ଗୁଳିମାଡ କରିଥିବା ଅପରାଧିଙ୍କ ମଧ୍ୟରେ ୟାସିନ ମଲିକ ହିଁ ସର୍ବାଗ୍ରେ ଥିଲା ବୋଲି ସାକ୍ଷୀମାନେ ସ୍ପଷ୍ଟ ଭାବେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ୟାସିନ ହିଁ ମୁଖ୍ୟ ସୁଟର ଥିଲା ବୋଲି ସେମାନେ କହିଛନ୍ତି। ଶନିବାର ଟାଡା କୋର୍ଟରେ ସବୁ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୟାସିନ ତିହାର ଜେଲ୍‌ରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ହାଜର ହୋଇଥିବା ଦୁଇଜଣ ସାକ୍ଷୀ ମଧ୍ୟରେ ଜଣେ ବାୟୁସେନା କର୍ମଚାରୀ ଓ ଆଉଜଣେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଦୁଇଜଣ ବିନା କୌଣସି ଦ୍ୱିଧାରେ ଅଭିଯୁକ୍ତଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ପାରିଥିଲେ। ୟାସିନଙ୍କୁ ଗୁଳି ଚଳାଉଥିବାର ସେମାନେ ଦେଖିଥିଲେ ବୋଲି କହିଛନ୍ତି। ୩୫ ବର୍ଷ ତଳେ ହୋଇଥିବା ଏହି ଆକ୍ରମଣରେ ବାୟୁସେନା ଅଧିକାରୀ ରବି ଖାନ୍ନାଙ୍କ ସମେତ ୪ ଜଣ ଯବାନ ପ୍ରାଣ ହରାଇଥିଲେ ଏବଂ ୨୨ଜଣ ଆହତ ହୋଇଥିଲେ। ଶ୍ରୀନଗରର ବାହାର ଅଞ୍ଚଳରେ ରାବଲପୁରାରେ ବାୟୁସେନାର ଯବାନ ନିଜ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ। ୟାସିନ ହିଁ ଏହି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ସହ ନେତୃତ୍ୱ ନେଇଥିଲା।



## ଜି୨୦ରେ ପ୍ରଥମ — ଆୟୋଜକଙ୍କୁ ଦିଆଗଲାନି ନେତୃତ୍ୱ

**ଜୋହାନ୍ସବର୍ଗ, ୨୩।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦ତମ ଜି୨୦ ସମ୍ମିଳନୀ ଔପଚାରିକ ନେତୃତ୍ୱ ପରିବର୍ତ୍ତନ ବିନା ରବିବାର ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା କୌଣସି ଆମେରିକା ଅଧିକାରୀଙ୍କୁ ଗାବେଲ ତଥା ଅଧ୍ୟକ୍ଷତାର ପ୍ରତୀକ ହାତୁଡ଼ା ପ୍ରଦାନ କରିନାହାନ୍ତି। କୌଣସି ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ବିଦେଶମନ୍ତ୍ରୀ ରୋନାଲ୍ଡୋ ଲାମୋଲା କହିଛନ୍ତି। ଆମେରିକା ଚାହିଁଲେ ଦକ୍ଷିଣ ଆଫ୍ରିକା ବିଦେଶ ମନ୍ତ୍ରାଳୟ (ଡିଆଇଆରସିଓ) କାର୍ଯ୍ୟାଳୟରୁ ଜି-୨୦ କାଗଜପତ୍ର ନେଇପାରିବ। ଏହାକୁ ନେଇ ଆମେରିକା କ୍ଷୁବ୍ଧ ହୋଇଛି। ଦକ୍ଷିଣ ଆଫ୍ରିକା ଜି-୨୦ର ପ୍ରତୀକ ହସ୍ତାନ୍ତର ନ କରି ଭୁଲ୍ କରିଛି ବୋଲି ହ୍ୱାଇଟ ହାଉସ୍ ଉପ-ସଚିବ ଅନ୍ନା କେଲି କହିଛନ୍ତି।

ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମିଲ ହୋଇ ନ ଥିବାରୁ ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ କରିବାକୁ ଦକ୍ଷିଣ ଆଫ୍ରିକା ରାଜି ହୋଇ ନ ଥିଲା। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଦକ୍ଷିଣ ଆଫ୍ରିକାରେ ଗୋରା-ଖ୍ରୀଷ୍ଟିଆନଙ୍କୁ ହତ୍ୟା କରାଯାଉଛି। ତାଙ୍କ ଜମି ଛଡ଼ାଇ ନିଆଯାଉଛି। ଏଥିପାଇଁ ସେ ସମ୍ମିଳନୀରେ ସାମିଲ ହେବାକୁ ମନା କରିଦେଇଥିଲେ। କିନ୍ତୁ ଗାବେଲ ପାଇଁ ରାଷ୍ଟ୍ରଦୂତ ପଠାଇବାକୁ କହିଥିଲେ। ତେବେ କନିଷ୍ଠ ଅଧିକାରୀଙ୍କ ବଦଳରେ ଖାଲି ଚୌକିକୁ ଗାବେଲ ଦେଇଦେବେ ବୋଲି ରାମାଫୋସା କହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କୁହାଯାଇଥିଲା ଯେ ଆମରିକା ସହ ଆମର କୌଣସି ବିବାଦ ନାହିଁ। କିନ୍ତୁ ଜି୨୦ ମଞ୍ଚରେ କନିଷ୍ଠ ଅଧିକାରୀଙ୍କୁ ଗାବେଲ ଦିଆଯାଇପାରିବ ନାହିଁ। କାରଣ ଏହା ସମ୍ମାନର ବିଷୟ। ଟ୍ରମ୍ପ ଏହି ସମ୍ମିଳନୀକୁ ସମ୍ମାନ ଦେବାକୁ ଚାହୁଁ ନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ସାମିଲ ହୋଇ ଏଆଇର ଅପବ୍ୟବହାରକୁ ନେଇ ଚେତାବନୀ ଦେଇଛନ୍ତି। ଏହା ଦ୍ୱାରା ବିଶ୍ୱର ଅନେକ କ୍ଷତି ହୋଇପାରେ। ତେଣୁ ଏହାର ମୁକାବିଲା ପାଇଁ ସବୁ ଦେଶ ମିଶି ନିୟମ ଆଣିବା ଜରୁରୀ ବୋଲି ମୋଦୀ କହିଛନ୍ତି।

## ଉମରକୁ ୪୦ ଲକ୍ଷ ଦେଇଥିଲା ଜମାତ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଦିଲ୍ଲୀ କାର ବୋମା ବିସ୍ଫୋରଣରେ ସାମିଲ ଆତ୍ମଘାତୀ ଡକ୍ଟର ଉମର ଏବଂ ଡକ୍ଟର ମୁଜାମ୍ମିଲ ମଧ୍ୟରେ ୪୦ ଲକ୍ଷ ଟଙ୍କା ପାଇଁ ବିବାଦ ଥିଲା। ଏହି ପାଣ୍ଠି ଜମାତରୁ ଆସିଥିଲା। ଏହି ଟଙ୍କା ବ୍ୟବହାର କରି ସାମଗ୍ରୀ କିଣିବା ନେଇ ଉମର ଏବଂ ମୁଜାମ୍ମିଲ ମଧ୍ୟରେ ବିବାଦ ଥିଲା। ଏହି ମାମଲାରେ ଏନଆଇଏ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ମସଜିଦରୁ ମୌଲବୀ ଇସ୍ତିଆକକୁ ଗିରଫ କରିଛି। ସେ ଜମାତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପାଇଥିଲା। ଏହାକୁ ମୁଜାମ୍ମିଲ ବିସ୍ଫୋରଣ ପାଇଁ ସାମଗ୍ରୀ କିଣିବାରେ ବ୍ୟବହାର କରିଥିଲେ। ଅନ୍ୟପଟେ ସବୁ ଆତଙ୍କବାଦୀ ପୃଥକ ହ୍ୟାଣ୍ଡଲରଙ୍କ ସଂସ୍ପର୍ଶରେ ଥିଲେ ବୋଲି ଜଣାପଡ଼ିଛି।

### ଜନତାଙ୍କୁ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀଙ୍କ ଧମକ

# ଭୋଟ ନ ଦେଲେ ପାଣ୍ଠି ଦେବିନି

**ମୁମ୍ବଇ, ୨୩।୧୧ (ଏଜେନ୍ସି):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ସରକାରୀ ମେଣ୍ଟ ମହାୟୁତିରେ ସାମିଲ ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଖୋଲାଖୋଲି ଭାବେ ଲୋକଙ୍କୁ ଧମକ ଦେବାରେ ଲାଗିଛନ୍ତି। ଏଥିପାଇଁ ଗାଁରୁ ନେଇ ସହର ପର୍ଯ୍ୟନ୍ତ ଲୋକେ ସବୁଠି ତାଙ୍କୁ ନିନ୍ଦା କରୁଛନ୍ତି। ଅଜିତଙ୍କୁ ଧମକ ଦେଉଥିବା ଉପ-ମୁଖ୍ୟମନ୍ତ୍ରୀ କହୁଛନ୍ତି। ଗତ ସେପ୍ଟେମ୍ବରରେ ବେଆଇନ ଖଣି ଖନନ ରୋକିବାକୁ ଯାଇଥିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ କଲ୍ କରି ସେ ଧମକ ଦେଇଥିଲେ। ମୋତେ ତୁମେ ଚିହ୍ନି ନାହିଁ ବୋଲି କହିଥିଲେ। ଏହାର ଭିଡିଓ ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଥିଲା। ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତଥାପି ଉପ-ମୁଖ୍ୟମନ୍ତ୍ରୀ ନିଜ ଗୁଣ ଛାଡ଼ିବାକୁ ନାରାଜ। ଧମକ ଦେବାକୁ ନେଇ ତାଙ୍କ ଉପରେ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏବେ ସେ ମାଲେଗାଁଓ ନଗର ପଞ୍ଚାୟତ ନିର୍ବାଚନ ପାଇଁ ବାରାମତିରେ ତହସିଲରେ ପ୍ରଚାର କରି ସିଧାସଳଖ ଭୋଟରଙ୍କୁ ଧମକ ଦେଇଛନ୍ତି। 'ଆପଣଙ୍କ ପାଖରେ ଭୋଟ ଆଉ ମୋ ପାଖରେ ପାଣ୍ଠି ଅଛି। ଯଦି ଭୋଟ ନ ଦେବେ ଅଞ୍ଚଳକୁ ଦିଆଯାଉଥିବା ପାଣ୍ଠି ହ୍ରାସ କରିଦେବି' ବୋଲି ଅଜିତ କହିଛନ୍ତି। ସେ ଗତ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ।

ଅଜିତ କହିଥିଲେ ଯେ 'ଯଦି ଏନ୍‌ସିପି ପ୍ରାର୍ଥୀ ନିର୍ବାଚନରେ ଜିତିବେ ତେବେ ସେ ପାଣ୍ଠି ଜାରି କରିବେ। କେନ୍ଦ୍ର ଏବଂ ରାଜ୍ୟର ଅନେକ ଯୋଜନା ରହିଛି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏକାଠି କାମ କରୁଛନ୍ତି। ଏହି ସବୁ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ମାଲେଗାଁଓର ବିକାଶ ସୁନିଶ୍ଚିତ ହୋଇପାରିବ। ୧୮ ଏନ୍‌ସିପି ପ୍ରାର୍ଥୀଙ୍କୁ ବିଜୟୀ କରାଇଲା ପାଣ୍ଠିର ଅଭାବ ରହିବ ନାହିଁ। ନିର୍ବାଚିତ କଲେ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି। ଯଦି ଦଳର ପ୍ରାର୍ଥୀ ନ ଜିତିବେ ତେବେ ପାଣ୍ଠି ହ୍ରାସ କରିଦେବି। ଆପଣଙ୍କ ପାଖରେ ଭୋଟ ଦେବାର କ୍ଷମତା ଏବଂ ମୋ ପାଖରେ ପାଣ୍ଠି ଜାରି କରିବାର କ୍ଷମତା ରହିଛି। ଏବେ ନିଷ୍ପତ୍ତି ନିଅନ୍ତୁ ଆପଣ କ'ଣ କରିବେ'।



ମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ ନେଇ ବିରୋଧୀ ସମାଲୋଚନା କରିଛନ୍ତି।ନିର୍ବାଚନ କମିଶନ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ବିରୋଧୀ ଏନ୍‌ସିପି (ଏସପି) ଏବଂ ଶିବସେନା ପକ୍ଷରୁ ପଚରାଯାଇଛି। କ୍ଷମତାରେ ଥିବାରୁ ମଦମତ୍ତ ହୋଇ ଏଭଳି ଧମକ ଦେଉଛନ୍ତି ବୋଲି କଂଗ୍ରେସ ନେତା ବିଜୟ ୱେଡିଟିୱାର କହିଛନ୍ତି। ଏଭଳି ସ୍ଥିତିରେ ମୁକ୍ତ ଏବଂ ଅବାଧ ନିର୍ବାଚନ କେମିତି ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିବାଦ ବଢ଼ିବାରୁ ଅଜିତ ରବିବାର ସାମ୍ନାକୁ ଆସି ସ୍ପଷ୍ଟୀକରଣ ଦେଇଛନ୍ତି। ଏହା କୌଣସି ଧମକ ନୁହେଁ ବୋଲି କହିଛନ୍ତି। ଏହା ସହିତ ନିଜ ବୟାନକୁ ଉଚିତ୍ ସାବ୍ୟସ୍ତ କରି ବିହାର ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବ ଦେଇଥିବା ସରକାରୀ ଚାକିରି ପ୍ରତିଶ୍ରୁତି ବିଷୟରେ ଉଲ୍ଲେଖ କରିଛନ୍ତି।

## ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ଚୟନ

# ୧୪ ଡିସେମ୍ବରେ କଂଗ୍ରେସର ଦିଲ୍ଲୀ ଚଲୋ ଡକରା

ଭୁବନେଶ୍ୱର,୨୩।୧୧(ସମିସ): ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇସାରିବା ବରେ ଏବେ ଏହି ଅଭିଯାନ ମଧ୍ୟମରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ଓ ବ୍ଲକ ସଭାପତି ବାଛିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଂଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏ ସମସ୍ତ ତାଲିକା ପ୍ରସ୍ତୁତ କରି ୧୦ ଡିସେମ୍ବର ସୁଦ୍ଧା ପିସିସି ସଭାପତିଙ୍କ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାକୁ



ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିର୍ଦ୍ଦେଶ ଦେଇଛନ୍ତି।

ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରି ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ପଠାଇବାକୁ କହିଛନ୍ତି। ଅନ୍ୟପଟେ ବୈଠକରେ ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେଦିନ ଡିସିସିମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରି ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। "ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ର ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷେ ଲୋକ ଠୁଳ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଆଜିର ପ୍ରଥମ ବୈଠକରେ ପିସିସି କର୍ମକର୍ତ୍ତା, ଡିସିସି ସଭାପତି ଓ ଛାମୁଆଁ ସଂଗଠନ/ବିଭାଗ/ପ୍ରକୋଷ୍ଠର ମୁଖ୍ୟମାନେ ଭାଗ ନେଇଥିବା ବେଳେ ଦ୍ୱିତୀୟ ବୈଠକରେ

**■ ସମାବେଶ ପାଇଁ ଓଡ଼ିଶାରୁ ଯିବେ ୫ ହଜାର ଲୋକ**
**■ ୨୬ରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିବ ଦଳ**

ଦଳର ବିଧାୟକବୃନ୍ଦ, ଗତ ନିର୍ବାଚନରେ ଲଢ଼ିଥିବା ଦଳର ପ୍ରାର୍ଥୀମାନେ ଯୋଗ ଦେଇ ନେତୃବୃନ୍ଦଙ୍କ ସହ ଭାବ ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଦୁଇ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଓ ଜୟଦେବ ଜେନା, ୩ ଉପସଭାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**■ ଦଶରଥପୁରରେ ଶିଶୁବିକ୍ରି ଅଭିଯୋଗ**

# ନବଜାତକଙ୍କୁ ୬୦ ହଜାରରେ ବିକିଦେଲେ ଦମ୍ପତି

ଦଶରଥପୁର, ୨୩।୧୧(ସମିସ): ୬୦ ହଜାର ଟଙ୍କାରେ ନବଜାତ ଶିଶୁକନ୍ୟାକୁ ବିକିଦେଲେ ଶ୍ରମିକ ଦମ୍ପତି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ ବିଭୂତିପୁର ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ଅଭିଯୋଗ ମୁତାବକ, ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମର ଦମ୍ପତି ନରେନ୍ଦ୍ର ଯେନା ଓ ସୁଲୋଚନା ଯେନାଙ୍କର ପୂର୍ବରୁ ୩ଟି ଝିଅ ଏବଂ ଗୋଟିଏ ପୁଅ ରହିଥିବା ବେଳେ ୨ଦିନ ତଳେ ସୁଲୋଚନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ତେବେ ସେଠାରୁ ଫେରିବା ପରେ ସେମାନଙ୍କ କୋଳରେ ନବଜାତକ ନଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ଜଣେ ସମାଜସେବୀ ସମ୍ପୃକ୍ତ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କୁ ସୂଚନା ଦେଇଥିଲେ। ଯାଞ୍ଚ କରିବାରୁ, ଜଣେ ମଧ୍ୟସ୍ଥିଙ୍କ ଜରିଆରେ ସେମାନେ ଯାଜପୁର ବ୍ଲକ୍ ମକେଇପୁର ଅଞ୍ଚଳର ଜଣେ ଦମ୍ପତିଙ୍କୁ ୬୦ହଜାର ଟଙ୍କାରେ ବିକି ଦେଇଥିବା ଜଣାପଡ଼ିଥିଲା। ଏ ସଂପର୍କରେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ତେବେ ଶିଶୁକନ୍ୟାକୁ ସେମାନେ ବିକିନାହାନ୍ତି, ବରଂ ସ୍ୱଇଚ୍ଛାରେ ଜଣେ ସମ୍ପର୍କୀୟ ମହିଳାଙ୍କୁ ଦାନ କରିଦେଇଥିବା କହିଛନ୍ତି।

ଏ ସଂପର୍କରେ ସମ୍ପୃକ୍ତ ସମାଜସେବୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସମେତ ଜିଲ୍ଲା ଚାଇଲଡ ଲାଇନ୍ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ବିଭାଗ ବିକ୍ରି ଶିଶୁକନ୍ୟାକୁ ଉଦ୍ଧାର କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଚାଇଲ୍ଡ ଲାଇନ୍ ସଂଯୋଜକଙ୍କୁ ଯୋଗାଯୋଗ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇନଥିଲା। ଅପରପକ୍ଷେ ବିଭାଗୀୟ ଅବହେଳା ଯୋଗୁ ବିକ୍ରି ଶିଶୁକନ୍ୟାକୁ ଆଜି ରାତିରେ ରାଜ୍ୟ ବାହାରକୁ ସ୍ଥାନାନ୍ତର କରାଇବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି।

# ବାଲି ବୋଝେଇ ଟ୍ରାକ୍ଟର ଓଲଟି ନାବାଳକ ମୃତ

ଦିଗପହଣ୍ଡି, ୨୩।୧୧(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ସମାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀପଠାରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକଜଣଙ୍କ ହେଲ, ଭ୍ରମରପୁର ଗ୍ରାମର ପ୍ରଫୁଲ୍ଲ ନାଇକଙ୍କ ପୁଅ ପ୍ରକାଶ ନାଇକ (୧୧)। ପ୍ରକାଶ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ତା' ବାପା ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରକାଶ ମଧ କାମ କରୁଥିଲା। ଗାଁର ରବୀନ୍ଦ୍ର ସାହୁଙ୍କ ଟ୍ରାକ୍ଟର୍‌ରେ ଖଲାସି ଭାବେ କାମ କରୁଥିଲା। ରବିବାର ସକାଳେ ସେ କିଛି ଶ୍ରମିକଙ୍କ ସହ ପ୍ରକାଶ ବାଲି ଉତ୍ତୋଳନ ପାଇଁ ଗାଁ ନିକଟ ନଦୀପଠାକୁ ଯାଇଥିଲା। ସେଠାରେ ବାଲି ଲୋଡ୍ ପରେ ଟ୍ରାକ୍ଟରଟି ନଦୀ ହିଡ଼କୁ ଉଠୁଥିବା ବେଳେ ଓଲଟି ପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପ୍ରକାଶ ବାଲି ବୋଝେଇ ଡାଲା ତଳେ ଚାପି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଯାଇଥିଲା। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୁଲିସ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଅପରପେକ୍ଷ, ଗିରଫ ଭୟରେ ଟ୍ରାକ୍ଟର୍ ଚାଳକ ଫେରାର୍ ହୋଇଯାଇଛି।

# ନଦୀରୁ ନରକଙ୍କାଳ ଉଦ୍ଧାର

ବଲାଙ୍ଗିର,୨୩।୧୧ (ସମିସ): ବଲାଙ୍ଗିର ସଦର ଥାନା ଅଧୀନ କୁମିଆପାଲି ଗାଁ ଦେଇ ପ୍ରବାହିତ ସୁକତେଲ ନଦୀରୁ ପୁଲିସ ଏକ ନରକଙ୍କାଳ ଉଦ୍ଧାର କରିଛି।



ଗ୍ରାମବାସୀଙ୍କ ପାଖରୁ ଖବର ପାଇ ସଦର ପୁଲିସ ନରକଙ୍କାଳ ଉଦ୍ଧାର କରିଥିଲା। ତେବେ ଏହି ଉଦ୍ଧାର କଙ୍କାଳ କାହାର ତାହା ଅସ୍ପଷ୍ଟ ରହିଛି। ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ୨ ମାସ ତଳେ ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଫଟାମୁଣ୍ଡା ଗାଁର ପ୍ରଶାନ୍ତ ଡୁଡୁକା(୨୭) ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଅଛନ୍ତି। ଏଣୁ ଏହା ତାଙ୍କ କଙ୍କାଳ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛି; କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ପରିଚୟ ସ୍ପଷ୍ଟ କରିବାକୁ ଉଦ୍ଧାର କଙ୍କାଳର ଡିଏନଏ ପରୀକ୍ଷା ପାଇଁ ନମୁନା ପଠାଯିବ ବୋଲି ବଲାଙ୍ଗିର ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

**■ ଭଣଜା ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଆସିଥିଲେ**

# କାଠଫାଳିଆ ମାଡ଼ରେ ଗଲା ଜୀବନ

ବାଲିଗୁଡ଼ା, ୨୩।୧୧(ସମିସ): ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଧାଇଁ ଆସିଥିଲେ। ଭଉଣୀର ଦୁଃଖରେ ଭାଗି ହେବା ସହ ତାକୁ ସାନ୍ତ୍ୱନା ଦେବା ପାଇଁ ତା' ଘରେ ରାତିକ ପାଇଁ ଅଟକି ଯାଇଥିଲେ। କିନ୍ତୁ ସେ ରାତିରେ ଦୁର୍ବୃତ୍ତର କାଠଫାଳିଆରେ ଯେ ତାଙ୍କ ଜୀବନ ଚାଲିଯିବ, ତାହା ସେ ଜାଣିନଥିଲେ। କନ୍ଧମାଳ ଜିଲ୍ଲା କ. ନୂଆଗାଁ ଥାନା ଯୁଗାପଦର ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଅଞ୍ଚଳର ଅଲେଖ ନାୟକ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ମିଥୁନ ମଲ୍ଲିକ ଥାନାରେ ଆତ୍ମସମର୍ପଣ କରିଛି। କେଉଁ କାରଣରୁ ସେ ଅଲେଖଙ୍କୁ ହତ୍ୟା କଲା, ସେ ସଂପର୍କରେ ପୁଲିସ୍ ତାକୁ ପଚରାଉଚରା କରୁଛି। ସୂଚନାନୁସାରେ, ଅଲେଖ ନିଜର ସମ୍ପର୍କୀୟ ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଶନିବାର ସନ୍ଧ୍ୟାରେ ଯୁଗାପଦର ଗାଁସ୍ଥିତ ତାଙ୍କ ଭଉଣୀଘରକୁ ଆସିଥିଲେ। ରାତିରେ ଖାଇପିଇ ଶୋଇଥିବା ବେଳେ ମିଥୁନ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ଏକ କାଠଫାଳିଆରେ ତାଙ୍କୁ ନିର୍ଦ୍ଧୁମ୍ ପିଟିଥିଲା। ଏଥିରେ ଅଲେଖଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।

# ଦୁଇ ପୁଲିସ ଏସ୍ଆଇ ଚାକିରି ଆଶାୟୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୨୩।୧୧(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲାରେ ଭୁବନେଶ୍ୱର ସିବିଆଇ ରବିବାର ୨ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସିବିଆଇ ଅଧିକାରୀମାନେ ସେମାନଙ୍କୁ ଏସ୍ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲେ। ଏହି ପଚରାଉଚରା ସମ୍ପର୍କରେ ଚାକିରିରେ ଅନିୟମିତତା ସଂକ୍ରାନ୍ତରେ ଅନେକ ତଥ୍ୟ ମିଳିଥିବା କୁହାଯାଉଛି।

**୩ ଦିନରେ ଜେରା ହେଲେଣି ମୋଟ ୧୦ ଜଣ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲଗାତାର ୩ଦିନ ମଧ୍ୟରେ ମୋଟ୍ ୧୦ଜଣଙ୍କୁ ଜେରା କରିଛି ସିବିଆଇ। ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରାଯିବା ବେଳେ ଏହି ରାକେଟର କିଏ ମାଷ୍ଟରମାଇଣ୍ଡ ସେ ସମ୍ପର୍କରେ ପଚରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ସେମାନଙ୍କର କିଭଳି ଲିଙ୍କ୍ ରହିଛି। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି। କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

# ନକଲି ପୁଲିସକୁ ବାନ୍ଧିଲା ଅସଲି

ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୨୩।୧୧ (ସମିସ): ବ୍ରହ୍ମପୁର ସଦର ଥାନା ପୁଲିସ ଆଜି ଜଣେ ନକଲି ପୁଲିସ କନେଷ୍ଟବଲକୁ ପଦରବାଲି ଛକରୁ ଗିରଫ କରିଛି। ସେ ହେଲା, ନାରାୟଣପୁର ଗ୍ରାମର କେଦାରନାଥ ସ୍ୱାଇଁ ଓରଫ୍ ମନୋଜ କୁମାର ସ୍ୱାଇଁ (୩୭)। ପୁଲିସ ତା' ପାଖରୁ ପୁଲିସ ପୋଷାକ,



ଖେଳଣା ବନ୍ଧୁକ, ଜୋତା, ବେଲ୍ଟ, ପୁଲିସ ଲାଠି, ନକଲି ନେମ୍ ପ୍ଲେଟ୍ ଜବତ କରିଛି। ନିଜକୁ ପୁଲିସ ପରିଚୟ ଦେଇ ସେ ବିଲଡର୍, ବ୍ୟବସାୟୀ, ଅପରାଧୀଙ୍କଠାରୁ ବଟି ଆଦାୟ କରୁଥିଲା ବୋଲି ପୁଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ରବିବାର ସକାଳେ ପଦରବାଲି ଛକ ରାଜ୍ୟ ରାଜପଥ-୧୭ ଉପରେ ଜଣେ ପୁଲିସ କନଷ୍ଟେବଳ ଗାଡ଼ିମଟର ଯାଞ୍ଚ କରି ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଥିବା ସଦର ଥାନାକୁ ଖବର ମିଳିଥିଲା। ଏଏସ୍ଆଇ ଡି.ପି ପଟ୍ଟନାୟକ ଓ ତାଙ୍କ ଟିମ୍ ଘଟଣାସ୍ଥଳ ଅଭିମୁଖେ ଯାଇଥିଲେ। ପୁଲିସ ଗାଡ଼ି ଆସିବା ଦେଖି ସେଠାରେ ପୁଲିସ ପୋଷାକ ପିନ୍ଧି ଛିଡ଼ା ହୋଇଥିବା ଅଭିଯୁକ୍ତ ମନୋଜ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ତାକୁ ମାଡ଼ି ବସିଥିଲା। ପଚରାଉଚରା କରିବାରୁ ମନୋଜ ଲାଠିରେ ଘର ଭଡ଼ା ନେଇ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ସେହିକ୍ରମରେ

**ପୋଷାକ, ଜୋତା ଓ ଖେଳନା ବନ୍ଧୁକ ଜବତ**

ପୁଲିସ ଲାଠି ସ୍ଥିତ ମନୋଜଙ୍କ ଭଡ଼ା ଘରେ ଚଢ଼ଉ କରିଥିଲା। ସେଠାରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଥିଲା। ଅଭିଯୁକ୍ତ ମନୋଜ ଘର ମାଲିକଙ୍କୁ ପୁଲିସ କନଷ୍ଟେବଳ ବୋଲି କହି ଘର ଭଡ଼ା ନେଇଥିଲେ ଓ ୧୦ ମାସ ହେବ ଭଡ଼ା ଦେଇନାହାନ୍ତି ବୋଲି ଜଣାପଡ଼ିଥିଲା। ସେ ପୁଲିସ ପୋଷାକ ପିନ୍ଧି କନେଷ୍ଟେବଳ ବୋଲି କହି ବିଭିନ୍ନ ଜିଲ୍ଲାକୁ ମାଗଣାରେ ବସ ଓ ଟ୍ରେନ ଯୋଗେ ଯିବା ଆସିବା କରୁଥିଲା। ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଠାକୁରାଣୀ ପୀଠରେ ହତ୍ୟା

ରାଜନଗର,୨୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ରିଘାଗଡ଼ର ମା' ଥାନପତି ଠାକୁରାଣୀ ପୀଠରେ ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ରିଘାଗଡ଼ ଗାଁର ବୁଦ୍ଧିଆ ସାହୁ (୫୫)। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଛି।

ମିଳିଥିବା ସୂଚନାନୁଯାୟୀ, କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗାଁର କିଛି ଯୁବକ ଥାନପତି ଠାକୁରାଣୀ ପୀଠରେ ରନ୍ଧାଭୋଗ କରିଥିଲେ। ରୋଷେଇ ପରେ ପୂଜା କରି ଖାଇସାରିବା ପରେ ଟାଟା ଏସିଇ ଗାଡ଼ିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିଲେ। ଏହି ସମୟରେ ଦୁଇ ଯୁବକ ଗାଡ଼ି ଅଟକାଇ ସେମାନଙ୍କୁ ମଦ ମାଗିଥିଲେ। ଡ୍ରାଇଭର ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଦୁଇ ଯୁବକ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ଼ ମରିଥିବା ଯୁବକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ରିଘାଗଡ ଗାଁ ଲୋକ ଏକାଠି ହୋଇ ଜଗନ୍ନାଥପୁର



ଲୋକଙ୍କୁ ଘେରି ଯାଇଥିଲେ। ଠାକୁରାଣୀ ପୀଠରେ ଉଭୟ ପକ୍ଷ ମଧ୍ୟରେ ବାଡ଼ିଆପିଟା ଯାଏଁ କଥା ଯାଇଥିଲା। ଗଣ୍ଡଗୋଳ ଭିତରେ ରିଘାଗଡ ଗାଁର ବୁଦ୍ଧିଆ ସାହୁ(୫୫)ଙ୍କୁ କେହି ଠେଲି ଦେବାରୁ ସେ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ, ଯୁବକମାନେ ଗାଁ ରାସ୍ତାରେ ଗାଡ଼ି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହାଲ୍ଲା କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଥାନପତି କମିଟି ସଦସ୍ୟ ବୁଦ୍ଧିଆ ସାହୁ ଉତ୍ୟକ୍ତ ଯୁବକମାନଙ୍କୁ ବୁଝାସୁଝା କରିବା ବେଳେ ସେମାନେ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗଣ୍ଡଗୋଳ ସମୟରେ ଉତ୍ତୋଳନ କରାଯାଇଥିବା ଭିଡିଓରେ ଟାଟା ଏସିଇ ଗାଡ଼ି ରାସ୍ତା କଡ଼ରେ ଥିବା ଦେଖାଯାଉଛି।

**■ ଆଜି ମନ୍ତ୍ରୀ ପରିଷଦ ବୈଠକ**

# ୧୩ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୩।୧୧(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟକୁ ଅନୁମୋଦନ ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଆଗତ ଅତିରିକ୍ତ ବଜେଟ୍ ୧୩ ହଜାର କୋଟି ଟଙ୍କା ମଧ୍ୟରେ ରହିବ। ଚଳିତ ଆର୍ଥିକ ବର୍ଷରେ ଅଧିକାଂଶ ବିଭାଗଗୁଡ଼ିକ ସେମାନଙ୍କର ମୂଳ ବଜେଟ ବରାଦ ଖର୍ଚ୍ଚ କରିବାରେ ବ୍ୟର୍ଥ ହୋଇଛନ୍ତି। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ଅତ୍ୟନ୍ତ ନିରୁତ୍ସାହଜନକ ରହିଛି। ସେଥିଲାଗି ଅତିରିକ୍ତ ବଜେଟରେ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ କମ୍ ଅର୍ଥ ବରାଦ ହୋଇଛି। କେବଳ ଅଣ ଯୋଜନା ବ୍ୟୟ ବାବଦରେ ସମ୍ପୃକ୍ତ ବିଭାଗ ପାଇଁ ଆବଶ୍ୟକ ଅର୍ଥ ବରାଦ କରାଯିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ଚଳିତ ବର୍ଷ ଅତିରିକ୍ତ ବଜେଟ୍‌ର ଆକାର ପୂର୍ବବର୍ଷଠାରୁ ସାମାନ୍ୟ ଅଧିକ ରହିପାରେ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋଟ ୨.୯୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ ହୋଇଥିଲା । ଏଥିରୁ ଅଣଯୋଜନା ଅର୍ଥାତ୍ ପ୍ରଶାସନିକ ବ୍ୟୟ ବ୍ୟତୀତ ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦଗୁଡ଼ିକ ନିରୁତ୍ସାହଜନକ ରହିଛି।

**■ ପଛୁଆ ବର୍ଗ କମିଶନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

# ଏସ୍ଇବିସି ବର୍ଗଙ୍କୁ ଓବିସି ସୂଚୀଭୁକ୍ତ କରାଯାଉ

ଭୁବନେଶ୍ୱର,୨୩।୧୧(ସମିସ): ରାଜ୍ୟର ଏକାଧିକ ଜାତିଙ୍କୁ କେନ୍ଦ୍ରୀୟ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଅହିରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ନିଜ ଚିଠିରେ ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାଭୁକ୍ତ ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀବଳାସୀ/ବଳାସୀ ବର୍ଗଗୁଡ଼ିକୁ ଓବିସି ତାଲିକାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।


**ତାଲିକାଭୁକ୍ତ ହୋଇ ନ ଥିବାରୁ ମିଳୁନି ଯୋଜନାର ସୁବିଧା**

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ଏସ୍ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନ ଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ । ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ କମିଶନ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବି ସଂପର୍କରେ ଶୁଣିବା ସହ ଏ ସମ୍ପର୍କିତ ତଥ୍ୟ ସମ୍ବନ୍ଧିତ କାଗଜପତ୍ର ଗ୍ରହଣ କରିଥିଲେ। ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନଠାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଜାତିବର୍ଗ, ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି କମିଶନ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କୁ ସାକ୍ଷାତ କରି ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ।

## ମହାପ୍ରଭୁଙ୍କ ପାଖରେ ବାପା ମା'ଙ୍କ ଭିକ୍ଷା

# ଅସୁସ୍ଥ ପୁଅକୁ ସିଂହଦ୍ୱାରରେ ଗଡ଼ାଇ କାନି ପାତିଲେ ମା'

ପୁରୀ,୨୩।୧୧(ସମିସ): ଯେଉଁଠି ଚିକିତ୍ସା ବିଜ୍ଞାନ ଫେଲ୍ ମାରେ, ସେଠି ଅସହାୟ ମଣିଷ ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦିଏ। ଏମିତି ସମର୍ପଣ ମନୋଭାବ ରଖି ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଛୁଟି ଆସନ୍ତି ବହୁ ଅସହାୟ ମଣିଷ। ଶ୍ରୀମନ୍ଦିର ସିଂହଦ୍ୱାରରେ ବହୁବାର ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଦୁଇ ସପ୍ତାହ ତଳେ ରାଜସ୍ଥାନର ଜଣେ ଯୁବକ ନିଜ ପୁଅକୁ ମହାବାହୁଙ୍କୁ ସମର୍ପି ତା'ର ଜୀବନଭିକ୍ଷା କରିବାର ଦୃଶ୍ୟ ଏବେ ବି ସାମାଜିକ ଗଣମାଧ୍ୟମରେ ତାଜା ରହିଛି। ତେବେ ରବିବାର ପୁଣି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସିଂହଦ୍ୱାର ନିକଟରେ ଏକ ଅସହାୟ ଦମ୍ପତି ଜଗା ଦୁଆରେ ନିଜ କୁନି ପୁଅର ଜୀବନ ଭିକ୍ଷା କରିଛନ୍ତି। ପତିତପାବନଙ୍କ ପାଦପଦ୍ମରେ ଅସୁସ୍ଥ



ପୁଅକୁ ଗଡାଇ ପଣତ କାନି ପତେଇଥିଲେ ମା'। କାନ୍ଦି କାନ୍ଦି ନିଜ କୁନି ପୁଅକୁ ଭଲ କରିଦେବା ପାଇଁ ନେହୁରା ହେଉଥିଲେ। କାଳିଆ ଠାକୁରଙ୍କ ପାଖରେ ହାତପାତି ନିଜ ପୁଅର ଜୀବନ ପାଇଁ କାକୁତି ମିନତି ହେଉଥିଲେ ଦମ୍ପତି। ଏହି ଦୃଶ୍ୟ ଶ୍ରଦ୍ଧାଳୁଙ୍କ ଆଖି ଓଦା କରି ଦେଇଥିଲା।

ସୂଚନାନୁଯାୟୀ, ରବିବାର ଭୋର୍‌ରୁ ସିଂହଦ୍ୱାର ଫିଟିବା ପରେ ଏହି ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଅର ସୁସ୍ଥତା କାମନା କରି ସିଂହଦ୍ୱାରରେ ବାପା, ମା' ମହାପ୍ରଭୁଙ୍କୁ ଆକୁଳ ନିବେଦନ କରୁଥିଲେ। ଅସୁସ୍ଥ କୁନି ପୁଅକୁ ଶୁଆଇଦେଇ କାନି ପତେଇ ମହାପ୍ରଭୁଙ୍କୁ ନିଜର ଦୁଃଖ ଜଣାଇଥିଲେ ତାଙ୍କ ମା'। ଦଣ୍ଡ ପ୍ରଣାମ କରି ମହିଳାଜଣଙ୍କ ସିଂହଦ୍ୱାର ନିକଟରେ ନିଜ ଛୁଆ ପାଇଁ ଗୁହାରି କରୁଥିଲେ। ଲାଗୁଥିଲା, ସତେଯେମିତି ସେ ମାନସିକ କରିଛନ୍ତି ଦଣ୍ଡ ପ୍ରଣାମ କରି କାଳିଆ ଦୁଆରେ ନିଜ ପିଲାକୁ ଗଡ଼ାଇଦେଲେ ସେ ସୁସ୍ଥ ହୋଇଯିବ।

ଶନିବାର ମଧ୍ୟ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗତ ୯ ତାରିଖରେ ରାଜସ୍ଥାନର ନିଖିଲ ଭୋଇ ବ୍ରେନ ଷ୍ଟ୍ରୋକ ଯୋଗୁ କୋମାରେ ଥିବା ୮ ବର୍ଷର ପୁଅକୁ ଆଣି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ଭାବର ଠାକୁର ଶୁଣିଲେ ଭକ୍ତର ଡାକ। କୋମାରେ ଥିବା ତାଙ୍କ ପୁଅ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛି। ହାତଗୋଡ ହଲାଇବା ଆରମ୍ଭ କରିବା ପରେ ପୁଣି ନିଖିଲ ପୁଅକୁ ଧରି ଶନିବାର ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇ କୃପା ଭିକ୍ଷା କରିଛନ୍ତି। ମହାପ୍ରଭୁଙ୍କର ଏହି ଚମତ୍କାରିତା ନେଇ ଏବେ ସବୁଠି ଚର୍ଚ୍ଚା ଭିତରେ ରବିବାର ଅସୁସ୍ଥ କୁନି ପୁଅକୁ ଧରି କାଳିଆ ଠାକୁରଙ୍କ ଶରଣ ପଶିଛନ୍ତି ଦମ୍ପତି।

## ବିହାରରେ ଏନ୍ ଡିଏର ବିଜୟ 'ଜନତାଙ୍କ ଶକ୍ତିର ବିଜୟ'

# ଝାରସୁଗୁଡ଼ା ଓ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା





**ସମ୍ବଲପୁର, ୨୩।୧୧(ସମିସ)**

ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବୁଧବାର ଝାରସୁଗୁଡ଼ା ଓ ସମ୍ବଲପୁର ଗସ୍ତ ସମୟରେ ବିପୁଳ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଉଭୟ ସହରରେ ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଭିଡ଼ ଜମାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସ୍ଥାନରେ ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେ ତାଳେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ବିହାର ନିର୍ବାଚନରେ ଏନଡ଼ିଏର ବିଜୟକୁ 'ଜନତାଙ୍କ ଶକ୍ତିର ବିଜୟ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଜନଶକ୍ତି ବିଜେପିକୁ ବିକାଶର ନୂଆ ଆଶା ଓ ଭରସା ଦେଇଛି। ଅନେକ ବର୍ଷ ଧରି ବିହାରରେ ବିଜେପି ଓ ଏନ୍‌ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି। ବିଗତ ସାଢ଼େ ଏଗାର ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ହିଁ ଏହି ବିକାଶର ଧାରା ସମ୍ଭବ ହୋଇଛି। ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରି' ଭଳି ଅପପ୍ରଚାର କରୁଥିଲା। ମାତ୍ର ବିହାରର ଜନତା ଏଥର ଉଚିତ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କଲେ। ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଜି ସକାଳେ ଖିଣ୍ଡା ଠାରେ ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଠେଲକୋଲୋଇସ୍ଥିତ ମା' ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# କଲମ ପରିବାର ପକ୍ଷରୁ ଶୀତ ସକାଳ କବିତା ଆସର

**ସମ୍ବଲପୁର, ୨୩।୧୧ (ସମିସ) :** କଲମ ପରିବାର ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ଭବନଠାରେ ଏକ ଶୀତ ସକାଳ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଏହି ସାରସ୍ୱତ ସକାଳରେ ଉପସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର, ଯୁଗ୍ମ ସମ୍ପାଦକ ଡଃ ସତ୍ୟ ନାରାୟଣ ଠାକୁର, ଉପଦେଷ୍ଟା ସୁହଂସ ଭୋଇ ଓ ଭବାନୀ ଶଙ୍କର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଶ୍ରୀ ବିଭାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆଗାମୀ ଦିନରେ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ତୃତୀୟ ସମ୍ବଲପୁରୀ ବହି ହାଟର ପ୍ରସ୍ତୁତି ବିଷୟରେ କହିଥିଲେ। ସଭାପତି ଶ୍ରୀ ହୁସେନ କହିଲେ ଯେ, ବହିହାଟରେ ଏକ ସ୍ମରଣିକା ପ୍ରକାଶିତ କରାଯିବ। ତା'ବାହାରେ ପ୍ରତି ୬ ମାସରେ ଥରେ ସାହିତ୍ୟ ପୁସ୍ତକ ୨୫/୩୦ ଜଣ ସାହିତ୍ୟିକଙ୍କ ଲେଖାକୁ ନେଇ ପ୍ରକାଶ କରାଯିବ। ସେଥିପାଇଁ ସମସ୍ତ ସାହିତ୍ୟିକ କବିଙ୍କ ସହଯୋଗ ଆହ୍ୱାନ କରିଥିଲେ। ଏହି ପରିପେକ୍ଷୀରେ ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଡଃ ସତ୍ୟନାରାୟଣ ଠାକୁର, ସୂର୍ଯ୍ୟ ପାଣିଗ୍ରାହୀ, ସୁହଂସ ଭୋଇ, କମଳ ଲୋଚନ ପଣ୍ଡା, ଡଃ ପଦ୍ମାଳୟା ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶେଷରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୨୩।୧୧(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ଏନ୍‌ସିସି ୟୁନିଟ୍ ପକ୍ଷରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଏହି ଅବସରରେ ଆୟୋଜିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବାପୂର୍ବକ ପତାକା ଉତ୍ତୋଳନ କରିଥିଲେ। ୟୁନିଟ୍ ଅଫିସର ମେଜର ସରିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଭୋଇ ଦିବସ ପାଳନର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ତଥା ବିକଶିତ ଭାରତର ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବାରେ ଏନ୍‌ସିସିର ଲକ୍ଷ୍ୟ ଏକତା ଓ ଶୃଙ୍ଖଳା ବିଶେଷ ଜରୁରୀ ବୋଲି ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ କ୍ୟାଡେଟ ଜୁନିଅର ଅଣ୍ଡରଅଫିସର ଅପସରା ଖାତୁନ, ସର୍ଜେଣ୍ଟ ସ୍ନେହା ରାଜଗୁରୁ ଓ ଲାନ୍ସ କର୍ପୋରାଲ ରୁବାନା ଅନଜାନା ସଂଯୋଜନା କରିଥିଲେ। ଦିବସ ପାଳନ ଉପଲକ୍ଷେ କ୍ୟାଡେଟ ସଜାସ୍ମିତା ନାୟକ, ସିଦ୍ଧିଶ୍ରୀ ବକ୍ସି, ଅଦିଜା ବେହେରା, ଜିଜ୍ଞାସା ମେହେର ଓ ଦେବସ୍ମିତା ଛୁରା ନିଜ ନିଜ ଅନୁଭୂତି ପ୍ରକାଶ କରି ଜୀବନକୁ ଶୃଙ୍ଖଳିତ ଓ ପରିବର୍ତ୍ତିତ କରିବାରେ ଏନ୍‌ସିସିର ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାପରେ ଛାତ୍ରୀମାନଙ୍କ ଦ୍ୱାରା ଦେଶଭକ୍ତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦିଲ୍ଲୀପ ଆଇଏନ୍‌ଟିୟୁସି ଓଡ଼ିଶା ରାଜ୍ୟ ସଭାପତି

**ସମ୍ବଲପୁର, ୨୩।୧୧(ସମିସ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶ୍ରମିକ କଂଗ୍ରେସ ମହାସଂଘର ଓଡ଼ିଶା ରାଜ୍ୟର ସଭାପତି ନିଯୁକ୍ତି କରାଯାଇଛି। ସମ୍ବଲପୁରର ଦିଲ୍ଲୀପ ଦୁରିଆଙ୍କ



ରାଜ୍ୟ ସଭାପତି ଭାବେ ମନୋନୀତ କରାଯାଇଛି। ପୂର୍ବରୁ କଂଗ୍ରେସ ଦଳ ପାଇଁ ଅନେକ କାମ କରିଥିବାରୁ ତାଙ୍କୁ କାର୍ଯ୍ୟଭାର ଦିଆଯାଇଛି। ଶ୍ରମିକଙ୍କ ସ୍ୱାର୍ଥ ପାଇଁ କାମ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି।

## ଗ୍ୟାରେଜରୁ ଚୋରି, ୨ଗିରଫ

**ସମ୍ବଲପୁର, ୨୩।୧୧(ସମିସ):** ସଦର ଥାନା ଅଞ୍ଚଳର ଏକ ଗ୍ୟାରେଜରୁ ଚୋରି ଅଭିଯୋଗରେ ପୁଲିସ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ସିଦ୍ଧାର୍ଥ ବେସନ ଓରଫ ରାକା ଓ ଏମଡି ସୋନୁ। ସେମାନେ ଏକ ଗ୍ୟାରେଜରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ପରେ ନିଆଁ ଲଗାଇଦେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଉଦ୍ଧାର କରିଛି।

## ଭାଗବତ ପଠନ ଓ ଶ୍ରବଣର ସାର୍ଥକତା ରହିଛି : ଦାମକିଙ୍କରଜୀ ମହାରାଜ

**ସମ୍ବଲପୁର, ୨୩।୧୧ (ସମିସ):** ସାମ୍ପ୍ରତିକ ବ୍ୟସ୍ତପୂର୍ଣ୍ଣ, ପ୍ରତିଯୋଗିତାମୂଳକ ପରିବେଶରେ ସତ୍‌ସଙ୍ଗର ଆବଶ୍ୟକତା ରହିଛି ବୋଲି ବୃନ୍ଦାବନନିବାସୀ ଶ୍ରୀ ଦାମକିଙ୍କରଜୀ ମହାରାଜ କହିଛନ୍ତି। ସ୍ଥାନୀୟ ଦଧିବାମନ କଲ୍ୟାଣ ମଣ୍ଡପ ଠାରେ ଗୋପାଳବାଡ଼ି ମଠର ମହନ୍ତ ଅଦ୍ୱୈତ ପ୍ରସାଦ ମହାରାଜଙ୍କ ନିକୁଞ୍ଜ ଗମନୋତ୍ସବ ଅବସରରେ ଭାଗବତ ସପ୍ତାହରେ ଏହା ସେ କହିଛନ୍ତି। ବର୍ତ୍ତମାନ ଯୁଗରେ ଭାଗବତ ପଠନ, ଶ୍ରବଣ, କୀର୍ତ୍ତନ ଦ୍ୱାରା ମଣିଷ ଜୀବନ ସାର୍ଥକ ହୋଇପାରିବ। ସନ୍ଥମାନଙ୍କ ଦ୍ୱାରା ବର୍ଣ୍ଣିତ ଚରିତ୍ରମାନଙ୍କ ନୀତି ସମୂହକୁ ପାଳନ କରିବା ପାଇଁ ସମସ୍ତେ ସମୟ ବାହାର କରିବା ଉଚିତ। ଯାହାକି ବର୍ତ୍ତମାନ ପାଇଁ ଉପାଦେୟ ବୋଲି ସେ ମତ ରଖିଛନ୍ତି। ଦିବ୍ୟ ଭାଗବତ ସପ୍ତାହ ଅବସରରେ ରାମଜନ୍ମ, ବାମନ ଜନ୍ମ, ନୃସିଂହାବତାର ପ୍ରସଙ୍ଗ ବ୍ୟାଖ୍ୟାନ କରି ଶ୍ରୀ ଶ୍ରୀ ଦାମକିଙ୍କରଜୀଙ୍କ ଦ୍ୱାରା କ୍ରିଷ୍ଣାବତାର ଓ ନନ୍ଦୋତ୍ସବରେ ସହର ଓ ଆଖପାଖ ଅଞ୍ଚଳର ବହୁ ଭକ୍ତ ଅଂଶଗ୍ରହଣ କରିଛନ୍ତି। ପଟ୍ଟନାୟକପଡ଼ା ନିବାସୀ ରାଜେଶ ବହିଦାର ଓ ଜାଗୃତି ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଭାଗବତ ସପ୍ତାହର ପ୍ରଥମ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ

**ବରଗଡ଼ ୨୩। ୧୧(ସମିସ):** ସଦର ବ୍ଲକ ଅଧୀନ ଜମୁର୍ଡ଼ା ଟାଙ୍ଗରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା କ୍ଲଷ୍ଟରସ୍ତରୀୟ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ସିଆର୍‌ସିସି ଜିତେନ୍ଦ୍ର ପାଇକଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ପ୍ରଥମ ଦିବସରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଟିଏଲଏମ ଓ ତାର ବ୍ୟବହାରିକ ଦିଗ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିବା ବେଳେ



ଦ୍ୱିତୀୟ ଦିବସରେ ଟିଏଲଏମ ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀକୁ ବ୍ଲକ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସହକାରୀ ଶିକ୍ଷୟିତ୍ରୀ ନିରୁପମା ବାରିକ, ଭୂମିଜା ବଢ଼େଇ, ତିଳପାଲି ସ୍କୁଲର ପ୍ରଧାନଶିକ୍ଷକ ଅଶୋକ ଦାଶ, ରେଶମା ଛୁରିଆ, ମଞ୍ଜୁଲତା ଭୋଇ, ମହିମା ଭୋଇ, ରାମେଶ୍ୱର ଭୋଇ, ସୀମା ପ୍ରଧାନ, ପ୍ରିୟା ପାଲ, ବୀଣାପାଣି ମେହେର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରେଣୀ ଗୃହ ପାଠ୍ୟ ଦାନ ସମୟରେ ଶିକ୍ଷଣ ସାମଗ୍ରୀର ବ୍ୟାବହାରିକ ଦିଗ ଓ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ




**ବରଗଡ଼, ୨୩। ୧୧(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକସ୍ଥିତ ଶିକ୍ଷାକେନ୍ଦ୍ର ଲରମ୍ବା କଲେଜ ଖେଳପଡ଼ିଆରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଅଶୋକ ମହାନ୍ତି ପତାକ ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ।ଚଳିତବର୍ଷ ମିଳିତଭାବେ ଲରମ୍ବା ମହାବିଦ୍ୟାଳୟର ଏନ୍‌ସିସି ଆର୍ମୀ ଅଧିକାରୀ ପାଟମଞ୍ଜରୀ ସାହୁ, ନାଭାଲ ଅଧିକାରୀ ସରୋଜ ନାୟକ, ଅଜିତ ନାଥ, ସଂଘମିତ୍ରା ମହାକୁର ଯୁବରେଡକ୍ରସ ଅଧିକାରୀ କାଦମ୍ବିନୀ ଗୁରୁ, ବୀଣା ମେହେର ଲରମ୍ବା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ ନାୟକ, କୁଲୁଡାଟୁକୁରା ଉଚ୍ଚବିଦ୍ୟାଳୟର ଅଧିକାରୀ ଫକୀର ଝାଙ୍କର, ଜନତା ଉଚ୍ଚବିଦ୍ୟାଳୟ ଗୋଡଭଗାର ଅଧିକାରୀରାଜେଶ ପଟେଲ, ସିଦ୍ଧାର୍ଥ ପବ୍ଲିକ ସ୍କୁଲ କୁମେଲସିଂହାର ଅଧିକାରୀ ପୁଷ୍ପାଞ୍ଜଳି ଦାଶ ନିଜନିଜର ଟ୍ରୁପ ସହ ଯୋଗଦାନ କରିଥିଲେ। ପରେଡ ସମାପନ ପରେ ଟ୍ରୁପମାନେ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ।କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଦିଗାମ୍ବର ଚାନ୍ଦ, ଅଧ୍ୟାପକ ପବିତ୍ର ମାହାଣା ପୂର୍ଣ୍ଣଚନ୍ଦ୍ର ମିରିଗ, ଅବିନାଶ ସାହୁ, ହୃଷିକେଶରଥ, ଲକ୍ଷ୍ମୀନାରାୟଣ ଦେହେରୀ, ବଡ଼ବାବୁ ପ୍ରମୋଦ ଚନ୍ଦ୍ର ସେଠ, ସତ୍ୟବ୍ରତ କର୍ଣ୍ଣ, ତାରାଚନ୍ଦ୍ରା କଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

**ବିଜେପୁର :** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଚିନ୍ମୟ ସାହୁ ନେତୃତ୍ୱ ନେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅଧ୍ୟାପିକା ମଣ୍ଟି ବିଶି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଯୁବଶକ୍ତି ଓ ଦେଶ ନିର୍ମାତା ସମ୍ପର୍କରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଲିଜା ପଧାନ, ମାନସ ମିର୍ଦ୍ଧା, ନୀତିଶ ନନ୍ଦ, ପ୍ରଭାତ ସାହୁ, ସ୍ମୃତି ସାହୁ ପ୍ରମୁଖ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ପଶାୟତ, ସୋନାଲିରାଣୀ ଦାଶ, ମାନସ ମହାପାତ୍ର, ଭେଙ୍କଟଶ୍ୱର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରାରେ ବିଜେପୁର ସହର ପରିକ୍ରମା କରିବା ସହ ଏକତା ଓ ଅନୁଶାସନର ସନ୍ଦେଶ ପ୍ରଦାନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଫିସର ରୂପକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ପରିଚାଳିତ ହୋଇଥିଲା। ମାନସ ମହାପାତ୍ର, ରୁଦ୍ର ପ୍ରତାପ ମେହେର, କିରନ ସାହୁ, ପୁନମ ପାଇକ, ପୂଜା ଜାଲ ପ୍ରମୁଖ ପରିଚାଳନା କରିଥିଲେ।

## ଚତୁର୍ଥ ମା' ପରରାପାଟ ଯାତ୍ରା ମହୋତ୍ସବ

**ବିଜେପୁର, ୨୩।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଜାଲପାଲି ଗାଁରେ ଚତୁର୍ଥ ମା' ପଁରରାପାଟ ଯାତ୍ରା ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଦେବକୀ ବସୁଦେବ ବିବାହ, କୃଷ୍ଣଜନ୍ମ ଠାରୁ କଂସବଧ ପର୍ଯ୍ୟନ୍ତ ତଥା ଝାଙ୍କର ବରଣ, ଉଗ୍ରସେନ ଦରବାର ଆଦି ନାଟ୍ୟାଭିନୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଅଗ୍ରଣୀ ସମାଜସେବୀ ସଂଗଠନ ସଂଘମିତ୍ରା ଗ୍ରୁପ୍ ସମେ ଅନେକ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ବିନୋଦ ମେହେର, ସମ୍ପାଦକ ନରେଶ ମେହେର ତଥା ଜାଲପାଲି ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୟସ୍କଙ୍କ କ୍ରିକେଟ ମ୍ୟାଚ୍

**ବରଗଡ଼, ୨୩। ୧୧(ସମିସ):** ରବିବାର ବରଗଡ଼ ସଦର ବ୍ଲକ ଅଧୀନ କୁର୍ଲା ଅମ୍ବୁରାଇ ପଡ଼ିଆଠାରେ କୁର୍ଲା ଓ ଜଙ୍ଗେଡ ମଧ୍ୟରେ ୪୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଏକଦିବସୀୟ ୫୦ ଓଭର୍‌ର କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ କୁର୍ଲା ଦଳ ୫୦ ଓଭରରେ ୮ ୱିକେଟରେ ୩୦୪ରନ କରିଥିଲେ। ଜଙ୍ଗେଡ ଦଳ ୩୯ ଓଭରରେ ୨୩୦ରନ କରି ଆଲଆଉଟ୍ ହୋଇଥିଲା। ଏଥିରେ କୁର୍ଲଦଳ ବିଜୟୀ ହୋଇ ଥିଲା। ସରପଞ୍ଚ କିରଣ ପ୍ରଧାନ ଖେଳାଳିଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର, ୨୩।୧୧(ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ନାଟ୍ୟମହର୍ଷୀ ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଯାଇଛି। ବୈଠକରେ ଗୁରୁ ଭଗବାନ ସାହୁ ସମ୍ବଲପୁରୀ ନାଟକ ଜରିଆରେ ସାମାଜିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଥିବା ନେଇ ଆଲୋଚନା କରାଯାଇଥିଲା। ଗୁରୁ ଭଗବାନ ସାହୁ ନିଜ ନାଟକ ଦଳ ଜରିଆରେ ସମ୍ବଲପୁରୀ ଭାଷା, ସମ୍ବଲପୁରୀ ନାଚ ସହ ଅଞ୍ଚଳର ଶାସ୍ତ୍ରୀୟ ନୃତ୍ୟ ଶବ୍ଦନୃତ୍ୟକୁ ପ୍ରଚାର ପ୍ରସାର କରିଥିବା ବିଷୟରେ ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଆସନ୍ତା ଡିସେମ୍ବର ୨୦ ଏବଂ ୨୧ ତାରିଖରେ ଆୟୋଜିତ ହେବାକୁ ଥିବା ପଞ୍ଚମ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ଆୟୋଜନ ନେଇ ମଧ ଆଲୋଚନା କରାଯାଇଥିଲା। ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ ସମ୍ବଲପୁରୀ ଭାଷାର ବିଶେଷଜ୍ଞ ମାନଙ୍କୁ ନେଇ ଆଲୋଚନାଚକ୍ର ସହ ସମ୍ବଲପୁରୀ ନୃତ୍ୟଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଜିର କାର୍ଯ୍ୟକ୍ରମକୁ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସଂଯୋଜନା କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଝାରବନ୍ଧ, ୨୩।୧୧(ସମିସ):** ଝାରବନ୍ଧ ବ୍ଲକ ପଡ଼ିଆ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ସାହୁ ଯୋଗ ଦେଇଥିବା ବେଳେ ଡାକ୍ତର ଆଚାର୍ଯ୍ୟ



ଚନ୍ଦ୍ରକାନ୍ତ ପାଟଯୋଶୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ ବେହେରା, ଡାକ୍ତର ସମୀର ଖମାରୀ, ରୋଶନ ସେଠ, ଆଲୋକ ରଞ୍ଜନ ମେହେର, ଡାକ୍ତର ଆକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି, ପ୍ରାଣୀ ଓ ମତ୍ସ୍ୟ ବିଭାଗର ଚାଷୀ ସଚେତନତା ଉପରେ ଆଲୋଚନା ହୋଇଥିଲା। ବିପିଏମ ସତ୍ୟକୁମାର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଏମବିକେ ସୌଦାମିନୀ ବାଗ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ କ୍ଷେତ୍ରର ଚାରି ଜଣ ସଫଳ ଚାଷୀ ଏବଂ ମତ୍ସ୍ୟ ଚାଷ କ୍ଷେତ୍ରରେ ଚାରି ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଇନରହ୍ୱିଲ୍ କ୍ଲବ୍‌ର ପ୍ରଶଂସନୀୟ ପଦକ୍ଷେପ

# 'ଅରେଞ୍ଜ୍ ଦି ୱାର୍ଲ୍ଡ'ମହିଳା ସୁରକ୍ଷା ଶୋଭାଯାତ୍ରା

**ବରଗଡ଼, ୨୩।୧୧(ସମିସ)**

ବରଗଡ଼ରେ ଇନରହ୍ୱିଲ୍ କ୍ଲବ୍ ଅଫ ବରଗଡ଼ ଏବଂ ଇନରହ୍ୱିଲ୍ କ୍ଲବ୍ ଅଫ ବରଗଡ଼ ସେଣ୍ଟ୍ରାଲର ମିଳିତ ଉଦ୍ୟମରେ 'ଅରେଞ୍ଜ୍ ଦି ୱାର୍ଲ୍ଡ - ମହିଳା ଏବଂ ଝିଅମାନଙ୍କ ବିରୋଧରେ ହିଂସା ବନ୍ଦ କରନ୍ତୁ' ଅଭିଯାନକୁ ସମର୍ଥନ କରି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଅରେଞ୍ଜ୍ ଦି ୱାର୍ଲ୍ଡ ଅଭିଯାନ ମହିଳା ହିଂସା ଉନ୍ମୂଳନ ପାଇଁ ବିଶ୍ୱସ୍ତରୀୟ ଅଭିଯାନର ଏକ ଅଂଶ ବୋଲି କ୍ଲବ୍ ପିଡିସି ମମତା ପୁରୋହିତ କହିଥିଲେ। ମହିଳାଙ୍କ ପ୍ରତି ହିଂସା, ଡିଜିଟାଲ୍ ଉତ୍ପୀଡ଼ନ ଏବଂ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଉଦ୍ଦେଶ୍ୟରେ ଅନୁଷ୍ଠିତ ରାଲିକୁ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶୁଭାରମ୍ଭ କରିଥିଲେ।ସମାଜକୁ ମହିଳାମାନଙ୍କ ସୁରକ୍ଷା ଏବଂ ସମ୍ମାନ ସୁନିଶ୍ଚିତ



କରିବାକୁ ଆହ୍ୱାନ କରିଥିଲେ। କ୍ଲବ୍‌ର ପୂର୍ବତନ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମମତା ପୁରୋହିତଙ୍କ ତତ୍ତ୍ୱାବଧାନରେ ଇନରହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ର ସଭାନେତ୍ରୀ ଆଶିମା ବିସୋଇ ଏବଂ ଇନରହ୍ୱିଲ୍ କ୍ଲବ୍ ବରଗଡ଼ ସେଣ୍ଟ୍ରାଲ୍ର ସଭାନେତ୍ରୀ ଅଫସାନା ଲୋଧିଆ ମିଳିତ ଭାବେ କହିଛନ୍ତି ଯେ ଏହି ଅଭିଯାନ ହେଉଛି ସଂଯୁକ୍ତରାଷ୍ଟ୍ରର ମହିଳା ବିରୋଧୀ ହିଂସା ସମାପ୍ତି ଅଭିଯାନର ଏକ ଅଂଶ, ଯାହାର ଲକ୍ଷ୍ୟ ମହିଳା ବିରୋଧୀ ସମସ୍ତ ପ୍ରକାରର ହିଂସା ସମାପ୍ତ କରିବା। ପୂଜା ଅଗ୍ରୱାଲ, ଭାବନା ଅଗ୍ରୱାଲ, ପ୍ରତିଭା ବାରିକ, ମଞ୍ଜୁ ସାହୁ, ଅଞ୍ଜନା ଦାଶ, ଅନୁପମା ଅଗ୍ରୱାଲ, ନିବେଦିତା ପୂଜାରୀ, ସରିତା ଦାଶ, ସୁପ୍ରଭା ସାମଲ, ଲୀନାରାଣୀ ଦାଶ, ପ୍ରଜ୍ଞା ମିଶ୍ର, ରତୁ ସାନନ, ମନ୍ଦାକିନୀ ପତି, ଗାୟତ୍ରୀ କର, ସାରିକା ଅଗ୍ରୱାଲ, ଶ୍ୱେତା ମିତ୍ତଲ, ନୁପୁର ଅଗ୍ରୱାଲ, ପ୍ରିୟା ପନସାରୀ, ଗୀତାଞ୍ଜଳି ମେହେର, ସୁନିତା ଅଗ୍ରୱାଲ, କିରଣ କଂସଲ, ସୁନିତା ଅଗ୍ରୱାଲ ସମେତ ବହୁ ସଂଖ୍ୟାରେ ମହିଳା ଅଂଶଗ୍ରହଣ କରିଥିଲେ। ରାଲିର ମୁଖ୍ୟ ଆକର୍ଷଣ ଥିଲା ବରଗଡ଼ ଫିଜିକାଲ୍ ଏକାଡେମୀର ଛାତ୍ରୀମାନେ, ଯେଉଁମାନେ ଉତ୍ସାହର ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ବରଗଡ଼ ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ସୁରେଶ ଦାଶଙ୍କୁ ମହିଳା ସୁରକ୍ଷା ସଚେତନତା ଅଭିଯାନରେ ସହଯୋଗ ପାଇଁ ସମ୍ମାନିତ କରାଯାଇଥିଲା।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪
ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

'ସକାଳ'ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିତର୍କ ପ୍ରତିଯୋଗିତା

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରୟାସ

ସମ୍ବଲପୁର, ୨୩।୧୧ (ସମିସ)

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ରବିବାର ସମ୍ବଲପୁର ସ୍ଥିତ ସ୍ଥାନୀୟ ଗୁରୁ ନାନକ ପବ୍ଲିକ ସ୍କୁଲରେ 'ବିତର୍କ ପ୍ରତିଯୋଗିତା ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ କନିଷ୍ଠ ବର୍ଗରେ ମୃଣ୍ମୟୀ ପ୍ରଧାନ ଓ ବରିଷ୍ଠ ବର୍ଗରେ ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ସକାଶେ ମନୋନୀତ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ଦାଶ ଯୋଗ ଦେଇଥିଲେ। ବିତର୍କ ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଅନୁଭବ ତଥା ନିଜସ୍ୱ ଚିନ୍ତନକୁ ମଞ୍ଚରେ ଉପସ୍ଥାପନ କରିବାର ଏକ ସୁନ୍ଦର ସୁଯୋଗ 'ସକାଳ' ଯୋଗାଇ ଦେଉଛି ବୋଲି ମୁଖ୍ୟଅତିଥି ଭୂୟସୀ ପ୍ରଶଂସା କରିଥିଲେ।

କନିଷ୍ଠ ବର୍ଗରେ ବିତର୍କର ବିଷୟ "ବହିପଢ଼ା : ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?" ଥିବାବେଳେ ବରିଷ୍ଠ ବର୍ଗରେ ବିଷୟ - "ଏରଭ -ଛ : ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?" ରହିଥିଲା। ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲର ମୃଣ୍ମୟୀ ପ୍ରଧାନ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ସ୍ନେହମୟୀ ମହାପାତ୍ର ଦ୍ୱିତୀୟ ଏବଂ ଓ.ଏ.ଭି. ଜମନକିରାର ଅଙ୍କେଶ କୁମାର ନାଥ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ, 'ସୁଇଟ୍', ସମ୍ବଲପୁର ବିଶ୍ୱବିଦ୍ୟାଳୟର ମାନସ ରଞ୍ଜନ ଦୀକ୍ଷିତ ଦ୍ୱିତୀୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବର୍ଷାରାଣୀ ମେହେର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ହାଇସ୍କୁଲସ୍ତରୀୟ ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ହୋତା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳି ଦାଶ ଓ ବରିଷ୍ଠ ସାମ୍ବାଦିକ

## କନିଷ୍ଠରେ ମୃଣ୍ମୟୀ, ବରିଷ୍ଠରେ ଶ୍ରୁତିରେଖା ବିଜୟୀ

ପ୍ରିୟ ରଞ୍ଜନ ସାହୁ ଥିବାବେଳେ ବରିଷ୍ଠ ବର୍ଗରେ ଅଧ୍ୟାପକ ଅଖିଳ ରଞ୍ଜନ ବିଶ୍ୱାଳ, ଅଧ୍ୟାପକ ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ଓ ଅଧ୍ୟାପିକା ରୀତାରାଣୀ ମିଶ୍ର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଚାରକମାନେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୧ ତାରିଖ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

'ସକାଳ' ଏଜିଏମ୍ ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର ଓ ନନ୍ଦିଘୋଷ ବ୍ୟୁରୋମୁଖ୍ୟ ସମୀର ଷଡ଼ଙ୍ଗୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସାମ୍ବାଦିକ ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ନିଲୁ ସାହୁ, ବିଜ୍ଞାପନ ଏକ୍ଜିକ୍ୟୁଟିଭ ବ୍ରିଜେଶ ଷଡ଼ଙ୍ଗୀ, ପ୍ରସାରଣ ଏକ୍ଜିକ୍ୟୁଟିଭ୍ ସନତ କୁମାର ସ୍ୱାଇଁ, ନିରଞ୍ଜନ ଲେଙ୍କା, ଗୋଲକ ମୋହନ ଛତ୍ରିଆ, ସୁନୀଲ ଗୁପ୍ତା, ସତ୍ୟବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।


















# ଗୋମାଂସ ସହ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର, ୨୩।୧୧(ସମିସ): ହୀରାକୁଦ ଥାନା ଅନ୍ତର୍ଗତ ନୂଆଁ ଗୁଜାତାଲ ଗାଁରୁ ରବିବାର ସକାଳେ ହୀରାକୁଦ ପୁଲିସ ଗୋମାଂସ ସହିତ ବେଆଇନ୍ ଗଞ୍ଜେଇ ଜବତ କରିଛି। ଯାହାକୁ ନେଇ ଉକ୍ତ ଗ୍ରାମରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା।ଏଥିରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହୀରାକୁଦର ଗରିଧାରୀ ରୋହିଦାସ(୫୫) ଓ ତାଙ୍କ ସହଯୋଗୀ। ସେମାନଙ୍କ ନିକଟରୁ ପ୍ରାୟ ୩ କିଲୋଗ୍ରାମ ଗୋମାଂସ ଓ ୫ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ ହୀରାକୁଦର ଶ୍ରୀଗୋପାଳ ଗୋ-ସେବକ ଓ ସେବା କୁଞ୍ଜ ସଂଗଠନର କର୍ମକର୍ତ୍ତାମାନେ ଉକ୍ତ ଗ୍ରାମର ଅଭିଯୁକ୍ତ ରୋହିଦାସଙ୍କ ଘରେ ଗୋମାଂସ କଟାଯାଇ ବିକ୍ରୟ କରାଯାଉଥିବା ସମ୍ପର୍କରେ ଖବର ପାଇ ସେଠାରେ ଚଢଉ କରିଥିଲେ। ଚଢାଉ ସମୟରେ ସେଠାରେ ଗାମାଂସ ସହିତ ବେଆଇନ୍ ଭାବେ ଗଚ୍ଛିତ ରଖା ଯାଇଥିବା ଏକାଧିକ ଗଞ୍ଜେଇ ପ୍ୟାକେଟକୁ ମଧ୍ୟ ଠାବ କରିଥିଲେ।ଏହି ସମୟରେ ଅଭିଯୁକ୍ତ ଗରିଧାରୀଙ୍କ ପରିବାର ଲୋକଙ୍କ ପକ୍ଷରୁ ପ୍ରତିବାଦ କରିବାରୁ ଏଠାରେ କିଛି ସମୟ ପାଇଁ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇଁ ପୁଲିସ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରଶମିତି ହୋଇଥିଲା। ଏନେଇ ହୀରାକୁଦ ଥାନାରେ ଶ୍ରୀଗୋପାଳ ଗୋ-ସେବକ, ସେବା କୁଞ୍ଜ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଆଦି ଏକାଧିକ ସଂଘଠନ ପକ୍ଷରୁ ଏକାଧିକ ଏତଲା ଦିଆ ଯାଇଥିଲା। ଏହା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଅଭିଯୁକ୍ତ ଗିରିଧାର ନିୟମିତ ଭାବେ ବେଆଇନ୍ ଗୋ।ମାଂସ ବ୍ୟବସାୟ କରି ଆସୁଛନ୍ତି। ଅତିତରେ ମଧ ବେଆଇନ୍ ଗୋମାଂସ ବ୍ୟବସାୟ ଲିପ୍ତ ଅଭିଯୋଗରେ ଗିରଫ ହୋଇଛନ୍ତି। ତେବେ ଜାମିନରେ ଆସି ପୁନର୍ବାର ବେଆଇନ୍ ଭାବେ ଏହି ବ୍ୟବସାୟରେ ଲିପ୍ତ ରୁହନ୍ତି।



ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେନି ସରକାର

# ସମ୍ବଲପୁର ହୋମିଓପାଥି କଲେଜରେ ଆଜିଠୁ ତାଲା

ସମ୍ବଲପୁର, ୨୩।୧୧(ସମିସ):ଆଠ ଦଫା ଦାବି ପୂରଣ ନେଇ ଆୟୁଷ ଛାତ୍ରଛାତ୍ରୀ ସଂଘ ପ୍ରତିବାଦ କରିଥିଲେ। ଏନେଇ ଗତ ୬ ତାରିଖରୁ ସମସ୍ତ ସରକାରୀମମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କଳାବ୍ୟାଜ ପିନ୍ଧିଥିଲେ। ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚରେ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଆନ୍ଦୋଳନକୁ ୧୯ ଦିନ ବିତିଗଲାଣି କିନ୍ତୁ ସରକାର କୌଣସି ଦାବି କର୍ଣ୍ଣପାତ କରିନଥିଲେ। ଏଣୁ ଆଜି(ସୋମବାର)ଠାରୁ ସମ୍ବଲପୁର ହୋମିଓପାଥି କଲେଜରେ ତାଲା ଝୁଲିବ ବୋଲି ସୂଚନା ରହିଛି।

## କଳାବ୍ୟାଜ ପ୍ରତିବାଦକୁ ୧୯ ଦିନ ପୂରିଲା

ରାଜ୍ୟରେ ଥିବା ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ) ଛାତ୍ରଛାତ୍ରୀ ଓ ହାଉସ ସର୍ଜନଙ୍କ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ବିଜେପି ସରକାର ଆସିବା ଦୁଇ ବର୍ଷ ହେବାକୁ ଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସମ୍ପର୍କରେ ଆୟୁଷ ଛାତ୍ରଛାତ୍ରୀ ବାରମ୍ବାର ଭେଟି ଦାବିପତ୍ର ଓ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର କୌଣସି ପ୍ରକାର ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋମବାର ଦିନ ଠାରୁ ସମସ୍ତ ଆୟୁଷ କଲେଜ ବନ୍ଦ ସହିତ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ଏହାକୁ ନେଇ ଆଜି ଅଲ ଓଡ଼ିଶା ଆୟୁଷ ଛାତ୍ର ସଂସଦ ପକ୍ଷରୁ ସମ୍ପୃକ୍ତ ସମସ୍ତ ଜିଲ୍ଲା ପାଳ, ଏସପି ଓ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ପତ୍ର ପ୍ରଦାନ କରାଯାଇଛି।

# ନାରୀ ଜାଗୃତି ମହିଳା ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ



ସମ୍ବଲପୁର, ୨୩।୧୧(ସମିସ): ରବିବାର ନାରୀ ଜାଗୃତି ମହିଳା ସମିତିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଶୁଭଶ୍ରୀ ମିଶ୍ର ଯୋଗ ଦେଇଥିଲେ। ସମିତିର ଉପଧ୍ୟକ୍ଷା ବବିତା ରଏଙ୍କ ତତ୍ତ୍ୱାବଧାନରେ ସମ୍ପାଦିକା ବବିତା ଦାସ ତଥା ଅନ୍ୟାନ ସଦସ୍ୟ ସହଯୋଗ କରିଥିଲେ।

# ଡିଏଭି ସ୍କୁଲରେ ଏନ୍‌ସିସି ଦିବସ

ସମ୍ବଲପୁର, ୨୩।୧୧(ସମିସ):ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ବିଦ୍ୟାର୍ଥୀଙ୍କ ଦ୍ୱାର ହୋଇଥିବା ମାର୍ଚ୍ଚପାଷ୍ଟରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଏନସିସି କ୍ୟାଡେଟଙ୍କୁ ଦେଶ ପାଇଁ କାର୍ଯ୍ୟ କରିବାକୁ ସଦା ତତ୍ପର ରହିବାକୁ ପରାମର୍ଶ ଦେଇଥିଲେ। କ୍ୟାଡେଟ ମାନେ ଏନିସିସି ସଙ୍ଗୀତ ଗାନ କରିଥିଲେ।କାର୍ଯ୍ୟକ୍ରମକୁ ଏନସିସି ଅଫିସର ଶୁକ୍ଲାମ୍ବର ସା ପରିଚାଳନା କରିଥିବା ବେଳେ, ଏନ୍‌ସିସି ଅଫିସର ରାଜଶ୍ରୀ ସାହାଣୀ ସାହାଯ୍ୟ କରିଥିଲେ।



# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର, ୨୩।୧୧(ସମିସ)

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଆଜି ସନ୍ଧ୍ୟାରେ ଭକ୍ତି ସଙ୍ଗୀତର ସ୍ୱରରେ ଆଧ୍ୟାତ୍ମିକ ପରିବେଶରେ ଭରିଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଭଜନ ପରିବେଷଣ ଭକ୍ତି ଓ ଆସ୍ଥାର ଅଲୌକିକ ମାହୋଲ ସୃଷ୍ଟି କରିଥିଲା। ଏହି ଭଜନ ସନ୍ଧ୍ୟାର ଆୟୋଜନ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରଙ୍କ ପକ୍ଷରୁ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ, ଡଃ ଶ୍ୟାମ ସୁନ୍ଦର ଧର, ସୁଶୀଲ ଦାସ, ଗୁରୁ ରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ପଦ୍ମିନୀ ଦୋରା, ଦିପାଳି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମା ଗାନ କରିଥିଲେ। କଣ୍ଠଶିଳ୍ପୀ ବିଶ୍ୱେଶ ପଣ୍ଡା, ସୁଧାଂଶୁ ଜାଲ, ରାଜକୁମାର ଜାଲ, ବିଜୟ କୁମାର ମିଶ୍ର, ପ୍ରୀତିନନ୍ଦା ମିଶ୍ର, ଯୋଗିତା ରାଣୀ ଭୋଇ, କିରନ ସାହୁ, ପୂଜା ମୁଣ୍ଡା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ବାଗ, ଦେବାଶିଷ ପାଢ଼ୀ, ସିଲୁ ସିଂଦେଓ, ଦିବାକର ମହାନନ୍ଦ, ମହେଶ ପଣ୍ଡା ଓ ସଞ୍ଜୟ ବାଗ ସହଯୋଗ କରିଥିଲେ। ଶ୍ରୀକାନ୍ତ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୁରୁ ତ୍ରିଲୋଚନ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିଲେ।


ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି 'ଭଜନ ସନ୍ଧ୍ୟା' ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାପ୍ରକାଶ କରିଛନ୍ତି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀଦିନରେ ଏ ଦିଗରେ ଟ୍ରଷ୍ଟ ବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରିଛି ବୋଲି ସଭାପତି ସଞ୍ଜୟ ବାବୁ କହିଛନ୍ତି।

# ହୀରାକୁଦ କ୍ରୀଡ଼ା ସଂସଦ ପକ୍ଷରୁ ଲିଗ୍ ମ୍ୟାଚ୍



ସମ୍ବଲପୁର, ୨୩।୧୧(ସମିସ):ହୀରାକୁଦ କ୍ରୀଡ଼ା ସଂସଦ ତରଫରୁ ଆଜି ସ୍ଥାନୀୟ ସୁବାଷ ଖେଳ ପଡ଼ିଆରେ ଡିସେମ୍ବର ୭ ତାରିଖରେ ହେବାକୁ ଥିବା ହୀରାକୁଦ କ୍ରିକେଟ ଲିଗ ପ୍ରତିଯୋଗିତା ପାଇଁ ଏମଏମ ସିଟି ଓ ରାଇସିଂ ଷ୍ଟାର ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ମ୍ୟାଚକୁ ହୀରାକୁଦ କ୍ରୀଡା ସଂସଦର ଉପ ସଭାପତି କାର୍ତିକ କଲେତ ଉଦଘାଟନ କରିଥିଲେ।କ୍ରୀଡା ସଂସଦର ଉପ କ୍ରିକେଟ ସମ୍ପାଦକ ଅନିଶ ସାହୁ, ପ୍ରହଲ୍ଲାଦ ତାଣ୍ଡି, ଅଭିଷେକ ଦାସ, ଅଶୋକ ମହାରଣା, ତୁଷାର ଷଣ୍ଢ ଓ ଜଟା ଛନ୍ଦ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଅସ୍ପୃଶ୍ୟତା ବିରୋଧୀ ଅଭିଯାନ ଜରିଆରେ ମୁଁ ଅମାନବିକତା ବିରୋଧରେ ସଂଗ୍ରାମ କରୁଛି।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଶ୍ରମ ସଂହିତାର ବାସ୍ତବତା

ଅର୍ଦ୍ଧଶତାବ୍ଦୀ ଧରି ପ୍ରଚଳିତ ଶ୍ରମ ଆଇନକୁ ହଟାଇ କେନ୍ଦ୍ର ସରକାର ନୂଆ ଶ୍ରମ ଆଇନ କାର୍ଯ୍ୟକାରୀ କରିଛନ୍ତି। ଚାରିଟି ଶ୍ରମ ସଂହିତା ସମ୍ବଳିତ ଏହି ନୂତନ ଶ୍ରମ ଆଇନ୍ କର୍ମଜୀବୀ ମହିଳା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗିଗ୍ ୱାର୍କରଙ୍କ ପ୍ରତି ଅନୁକୂଳ ହୋଇଥିବାରୁ ସ୍ୱାଗତଯୋଗ୍ୟ। ଚାରିଟି ଶ୍ରମ ସଂହିତା ମଧ୍ୟରେ ରହିଛି - ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦। ଅପରପକ୍ଷରେ ଏହା ଦାଦନ ଶ୍ରମିକ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହନ ଦେବ ବୋଲି ଅଭିଯୋଗ ଆସିଛି। ସେହିପରି ଶ୍ରମ କ୍ଷେତ୍ର ଓ ଶ୍ରମିକଙ୍କ ପାଇଁ ସେଭଳି କିଛି ବିଶେଷ ଧରଣର ଉତ୍ସାହଜନକ ହେବା ଭଳି ଖବର ଏଥିରେ ନାହିଁ। ଚାରିଟି ଶ୍ରମ ସଂହିତା ବଦଳରେ ବରଂ ଗୋଟିଏ ପ୍ରଚଳନ ହୋଇଥିଲେ ଆହୁରି ଅଧିକ ସରଳ ଓ ପ୍ରଭାବଶାଳୀ ହୋଇଥା'ନ୍ତା ବୋଲି ମତ ପ୍ରକାଶ ପାଇଛି। ନୂଆ ଶ୍ରମ ସଂହିତା ନୂଆ ବୋତଲରେ ପୁରୁଣା ପାନୀୟ ଭଳି ହୋଇଥିବା ଏବଂ ନିୟମଗୁଡ଼ିକର କେବଳ ନାମ ପରିବର୍ତ୍ତନ ହୋଇଥିବା କୁହାଯାଉଛି।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତାରେ ବିଭକ୍ତ କରାଯାଇଥିବା ନୂଆ ଶ୍ରମ ଆଇନ୍‌ରେ ୧୨୨୮ ପୁରୁଣା ଧାରାକୁ ହ୍ରାସ କରି ୪୮୦ କରାଯାଇଛି। ସେହିପରି ୧୪୩୬ଟି ନିୟମକୁ ୩୫୧ରେ ସୀମିତ କରାଯାଇଥିବା ବେଳେ ୮୪ଟି ପଞ୍ଜିକରଣ ବ୍ୟବସ୍ଥା ବଦଳରେ ୮ଟି ପ୍ରଚଳନ କରାଯାଇଛି। ୬୫ଟି ଉପଧାରାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍ସନ୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ପୁରୁଣା ମାମଲାଗୁଡ଼ିକର ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କଟକଣାକୁ ହଟାଇ ଦିଆଯାଇଛି ଏବଂ ନିଜ ଆଡ଼ୁ କର୍ତ୍ତୃପକ୍ଷ ପୁରୁଣା ମାମଲାର ପୁଣି ବିଚାର ଆରମ୍ଭ କରିପାରିବେ ବୋଲି ପ୍ରାବଧାନ ରହିଛି। ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି। ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ। ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା, ଏକ ଦେଶ ଏକ ଲାଇସେନ୍ସ, ଏକ ପଞ୍ଜିକରଣ ଓ ଏକ ରିଟର୍ଣ୍ଣ ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି।

ବିଡ଼ମ୍ବନା ହେଉଛି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୫ ବର୍ଷ ଲାଗିଗଲା। ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଶାଳୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି। ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି। ଏହି ପୃଷ୍ଠଭୂମିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି 'ଲଙ୍କାରେ ହରି ଶବ୍ଦ' ପରି ଶୁଭୁଛି। ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ। ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି। କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ। ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ଏବଂ ସର୍ବନିମ୍ନ କାର୍ଯ୍ୟ ଘଣ୍ଟା କେତେ ହେବ ତାହା ସ୍ପଷ୍ଟ ହୋଇନାହିଁ।

ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ। ଏପରିକି ଭାରତର ଶ୍ରମ ବଜାରରେ ଚୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି କେତେକ ଶିଳ୍ପ ସଂସ୍ଥା ମତ ଦେଇଛନ୍ତି।

ନୂଆ ଶ୍ରମ ସଂହିତା ଅଧିକ ସଂଖ୍ୟକ ଘରୋଇ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତାପ୍ରାପ୍ତ ଓ ସୁଯୋଗ ପ୍ରଦାନ କରିଥିବା କୁହାଯାଉଛି। କିନ୍ତୁ ଅର୍ଥନୀତିର ଚାରି ପ୍ରମୁଖ ବାହକଙ୍କ ମଧ୍ୟରୁ କେବଳ ଶ୍ରମିକ ବ୍ୟବସ୍ଥାକୁ ସୁସଂଗତ କଲେ ଚଳିବ ନାହିଁ। ଅତ୍ୟ ତିନି କାରକ ଜମି, ପୁଞ୍ଜି ଓ ସଂଗଠନର ସୁଦୃଢ଼ୀକରଣ ଓ ସରଳୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଭାରତକୁ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଉତ୍ସାହଜନକ ଓ ଆଶାନୁରୂପ ନୁହେଁ। ଏ କ୍ଷେତ୍ରରେ ଥିବା ସର୍ତ୍ତ, କଟକଣା ଓ ନିୟମାବଳୀର ସଂଶୋଧନ ଓ ସରଳୀକରଣ ହେବା ଆବଶ୍ୟକ। ୧୯୯୧ ମସିହାରେ ପ୍ରଣୀତ ଯୁଗାନ୍ତକାରୀ ଓ ଐତିହାସିକ ଅର୍ଥନୈତିକ ସଂସ୍କାରରେ ଘରୋଇକରଣ ଓ ଉଦାରୀକରଣକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଆଜି ୩୫ ବର୍ଷ ପରେ ମଧ୍ୟ ଲାଇସେନ୍ସ ରାଜ୍‌ର ପ୍ରଭାବ ଓ ଆଧିପତ୍ୟ ଜାରି ରହିଛି। ପ୍ରଚଳିତ ବ୍ୟବସ୍ଥାରେ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ କରିବାକୁ ହେଲେ ସମ୍ପୃକ୍ତ ଶିଳ୍ପ ସଂସ୍ଥା କିମ୍ବା ଉଦ୍ୟୋଗୀ ଆନୁଷଙ୍ଗିକ ୧୫୦୦ରୁ ଊର୍ଦ୍ଧ୍ୱ ଆଇନ, ୬୯, ୦୦୦ରୁ ଊର୍ଦ୍ଧ୍ୱ ଆଦେଶପତ୍ର ଓ ୬, ୫୦୦ରୁ ଊର୍ଦ୍ଧ୍ୱ ସ୍ତର ଦେଇ ଗତି କରିବାକୁ ହୁଏ। ତେଣୁ ଶ୍ରମ ଆଇନ ସହିତ ଏହିସବୁ ବ୍ୟବସ୍ଥା, ନୀତିନିୟମ ଓ କଟକଣାର ମଧ୍ୟ ସରଳୀକରଣ କରାଯିବା ଆବଶ୍ୟକ।

## # ୱି ଟୁ: ଆମେ ମଧ୍ୟ ହକ୍‌ଦାର

ଗୌରୀ ପ୍ରସାଦ ମହାପାତ୍ର

ସଦ୍ୟସମାପ୍ତ ବିହାର ବିଧାନସଭା ନିର୍ବାଚନର ଅପ୍ରତ୍ୟାଶିତ ଓ ଆଚମ୍ବିତ ଫଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ମହିଳା ଭୋଟରଙ୍କ ଅଭୂତପୂର୍ବ ଅଂଶଗ୍ରହଣ। ଭାରତୀୟ ଗଣତନ୍ତ୍ରରେ ମହିଳାମାନେ ନିର୍ଣ୍ଣାୟକ ହୋଇପାରିବେ ଏବଂ ଗତାନୁଗତିକ ଧାରଣା ଓ ଅବଗଣନାକୁ ଓଲଟପାଲଟ କରିପାରିବାର ଦକ୍ଷତା ଯେ ସେମାନଙ୍କ ପାଖରେ ରହିଛି, ତାହା ପୁଣି ଥରେ ପ୍ରମାଣିତ ହୋଇଛି। କିଛିସପ୍ତାହ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ୍ ଜିତି ପ୍ରମାଣ କରିସାରିଥିଲେ ଯେ 'ଆମେ ମଧ୍ୟ ପାରିବୁ'। ଏହି ଦୁଇ ଘଟଣା ପରେ ଭାରତୀୟ ସାମାଜିକ ସମୀକରଣରେ ପରିବର୍ତ୍ତନ ଏବଂ ଲିଙ୍ଗଭେଦରେ ବିବର୍ତ୍ତନର କ୍ଷୀଣ ସମ୍ଭାବନାଟିଏ ସୃଷ୍ଟି ହୋଇଛି। କିନ୍ତୁ ଭାରତୀୟ ପୁରୁଷକୈନ୍ଦ୍ରିକ ମାନସିକତାର କଳାବାଦଲ୍ ଅପସାରଣକୁ ଏହି ନୂତନ ସମ୍ଭାବନାର ସୂର୍ଯ୍ୟୋଦୟ ଅପେକ୍ଷା କରି ରହିଛି।

ଏହା ଅନସ୍ୱୀକାର୍ଯ୍ୟ ଯେ ଜ୍ଞାନ, ବିଜ୍ଞାନ, ସାହସ, ରୋମାଞ୍ଚ, କ୍ରୀଡ଼ା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇସାରିଛନ୍ତି; ସ୍ଥଳ ବିଶେଷରେ ଦୁଇପାଦ ଆଗକୁ ଯାଇଛନ୍ତି। ଏ ସବୁ ସତ୍ତ୍ୱେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତର ୭୯ ବର୍ଷର ଗଣତନ୍ତ୍ରର ଜୟଯାତ୍ରାରେ ମହିଳାମାନେ ଯଥୋଚିତ ନ୍ୟାୟ, ସ୍ଥାନ ଓ ସମ୍ମାନ ପାଇ ନାହାନ୍ତି- ଏହି ନିଷ୍ଠୁର ସତ୍ୟକୁ ସ୍ୱୀକାର କରିବାକୁ ହେବ। ଲିଙ୍ଗଭେଦ ଆଧାରିତ ବିଷମ ପରିବେଶରେ ସମାନ ପଦବୀରେ ନିୟୋଜିତ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ଆଜି ମଧ୍ୟ ହାରାହାରି ୪୮% କମ୍। ଦେଶର ପ୍ରଥମ ୫୦୦ ବୃହତ୍ ଶିଳ୍ପାନୁଷ୍ଠାନ ବା ବ୍ଲୁଚିପ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ପଦରେ ମହିଳାଙ୍କ ସଂଖ୍ୟା ମାତ୍ର ୧.୬%। ଜିଡିପିରେ ୩୦% ଅବଦାନ ରଖୁଥିବା ଏବଂ ଦେଶର ୨୦ କୋଟି ଶ୍ରମଜୀବୀ ନିୟୋଜିତ ଥିବା ଏମ୍‌ଏସ୍‌ଏମ୍‌ଇର ମାତ୍ର ୨୨% ମାଲିକାନା ମହିଳାଙ୍କ ହାତରେ ରହିଛି, ଯାହାର ଲାଭାଂଶ ବା କାରବାର ନଗଣ୍ୟ। ଭାରତର ଷ୍ଟେମ୍(ସାଇନ୍‌ସ, ଟେକ୍‌ନୋଲଜି, ଇଞ୍ଜିନିୟରିଂ, ମ୍ୟାଥମେଟିକ୍ସ) ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ୪୩% ମହିଳା(ଆମେରିକାରେ ୩୪%, ୟୁରୋପରେ ୩୨%, ଓଇସିଡିରେ ୩୩%); ଅଥଚ ଗବେଷଣା ଓ ବିକାଶ କ୍ଷେତ୍ରରେ ମହିଳାଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ମାତ୍ର ୧୯%। କ୍ରୀଡ଼ାରେ ଉଭୟ ପୁରୁଷ ଓ ମହିଳା ସମନୈପୁଣ୍ୟ ପ୍ରଦର୍ଶନ କରୁଥିବା ବେଳେ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ନୈରାଶ୍ୟଜନକ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ମହିଳା ଖେଳାଳିଙ୍କ ପାରିଶ୍ରମିକ ପୁରୁଷ ଖେଳାଳିଙ୍କ ସହିତ ସମାନ କରିବା ପାଇଁ ଦୀର୍ଘଦିନ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାର ମାନସିକତା ସୃଷ୍ଟି କରିପାରିନାହିଁ। ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ମହିଳାମାନଙ୍କ ଖେଳର ସିଧା ପ୍ରସାରଣ କ୍ୱଚିତ ହୁଏ ଏବଂ ପ୍ରାୟୋଜକମାନେ କ୍ୱଚିତ ଆଗ୍ରହ ପ୍ରଦର୍ଶନ କରନ୍ତି। ଭାରତୀୟ ଧର୍ମଧାରଣାରେ ନାରୀମାନଙ୍କୁ ଆମେ ଶକ୍ତିସ୍ୱରୂପିଣୀ ଓ ଅସୁରମର୍ଦ୍ଦିନୀ ଭାବେ ପୂଜା କରୁ, ଅଥଚ ସେନାବାହିନୀରେ ମହିଳା କ୍ୟାଡରଙ୍କୁ କମିଶନ୍ ର୍‌ୟାଙ୍କ ଦେବା ପାଇଁ ଆଜି ମଧ୍ୟ ଆମେ କୁଣ୍ଠିତ।

ସନାତନ ଧର୍ମରେ ପ୍ରଗାଢ଼ ବିଶ୍ୱାସୀ ଦେବଭୂମି ଭାରତର ଅନ୍ୟତମ ବିଡ଼ମ୍ବନା ହେଉଛି ଲିଙ୍ଗଭେଦ ବିଲକ୍ଷଣଟି ପୌରାଣିକ ଯୁଗରୁ ପ୍ରବାହମାନ। ସମୟସ୍ରୋତରେ ଅନେକ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ମହିଳାଙ୍କୁ ସମାଦର କରିବାର ମାନସିକତାରେ ଉତ୍ତରଣ ଘଟିପାରିନାହିଁ। ଆମେ ମହାଳୟାରେ ମାତୃଶକ୍ତିକୁ ଆବାହନ କରୁ; ଅଥଚ ସେଦିନର ଶ୍ରାଦ୍ଧରେ କେବଳ ପିତୃ ଓ ମାତାମହ(ଅଜା) ତିନିପୁରୁଷଙ୍କୁ ପିଣ୍ଡଦାନ ହୁଏ; ମାଆ ଓ ଆଈମାନଙ୍କୁ ନୁହେଁ। ବୈଶ୍ୱୋଦେବରେ ମଧ୍ୟ ମାତୃପକ୍ଷଙ୍କୁ ଅନ୍ନଦାନର ବିଧି ଶାସ୍ତ୍ରସମ୍ମତ ନୁହେଁ। ଏହି ଇଚ୍ଛାକୃତ ପକ୍ଷପାତିତା ବୈଦିକ ଯୁଗରୁ ପ୍ରଚଳିତ ନା ପରବର୍ତ୍ତୀ ଯୁଗରେ ପ୍ରକ୍ଷିପ୍ତ, ତାହା ଗବେଷଣାସାପେକ୍ଷ ନିଶ୍ଚୟ; କିନ୍ତୁ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାଟି କେତେ ସ୍ୱାର୍ଥପର ଏବଂ ମହିଳାଙ୍କ ପ୍ରତି କେତେ ନିଷ୍ଠୁର ତାହା ପ୍ରମାଣିତ। ସ୍ୱାମୀ ଓ ପିଲାମାନଙ୍କର ଅଇଁଠା ଥାଳିରେ କିମ୍ବା ସେମାନେ ଛାଡ଼ିଥିବା ଖାଦ୍ୟ ଖାଇବା ଆଜି ମଧ୍ୟ ମହିଳାମାନଙ୍କର ଭାଗ୍ୟଲିଖନ। ଯିଏ ରାନ୍ଧିବ ସିଏ ଗରମ ସଜ ଖାଇବାର ଅଧିକାର କିମ୍ବା ଅନୁମତି ନାହିଁ। ବୋଧହୁଏ ଏହି ମାନସିକତା ଆଧାରରେ ମହାଳୟା କିମ୍ବା ବୈଶ୍ୱୋଦେବରେ ମହିଳାମାନଙ୍କୁ ଅନ୍ନଦାନର ବିଧିଟି ଉଠାଇ ନିଆଯାଇଛି ଏବଂ ଦିବଙ୍ଗତ ପୁରୁଷମାନଙ୍କୁ ଅର୍ପଣ ଅନ୍ନର ଉଚ୍ଛିଷ୍ଟ ସେମାନଙ୍କ ଦିବଙ୍ଗତ ଧର୍ମପତ୍ନୀମାନେ ଗ୍ରହଣ କରିବାର ପରମ୍ପରାଟି ଆମେ ଇହଲୋକରୁ ବିନା ବାଧାରେ ପିତୃଲୋକ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେଇଛୁ। ଯେଉଁ ମାଆ ପିଲାକୁ ଜନ୍ମରୁ ଖୁଆଇ ପିଆଇ ଅଳିଅର୍ଦ୍ଦଳି ସହି ମଣିଷ କଲା, ତା'କୁ ହିଁ ତା'ର ଅବର୍ତ୍ତମାନରେ ଅନ୍ନଦାନରୁ ବଞ୍ଚିତ କରିବା କେଉଁ ଶାସ୍ତ୍ର ଓ ତର୍କସମ୍ମତ? ଏହି ଅବାଞ୍ଛିତ ଓ ଅମାନବିକ ଧାରାଟିକୁ କ'ଣ ବଦଳା ଯାଇପାରିବ ନାହିଁ?

ସ୍ୱାଭାବିକ ଭାବରେ ଆମର ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ସୀତାମାନେ ହିଁ ଅଗ୍ନି ପରୀକ୍ଷା ଦିଅନ୍ତି; ଅହଲ୍ୟାମାନେ ହିଁ ପାଷାଣୀ ହୁଅନ୍ତି; ମାଙ୍ଗଳିକ ଉତ୍ସବରେ ଅପୁତ୍ରିକୀଙ୍କ ଉପସ୍ଥିତି ଅଶୁଭ; ଅମଙ୍ଗୁଳା କନ୍ୟା ପ୍ରଥମେ ଶାହାଡ଼ା କିମ୍ବା କଦଳୀଗଛକୁ ବିବାହ କରିବାକୁ ଏବଂ ବିଧବାମାନେ ସନ୍ନ୍ୟାସିନୀର ଜୀବନ ଜିଇଁବାକୁ ଓ ହବିଷାନ୍ନ ଗ୍ରହଣ କରିବାକୁ ବାଧ୍ୟ। ଏତେ ସବୁ ଅପମାନ ଓ ଅପବାଦ କେବଳ ମହିଳାମାନଙ୍କ ପାଇଁ ହିଁ ସତେଯେପରି ବିଧିନିର୍ଦ୍ଦିଷ୍ଟ। ଅଥଚ ସମଦଣ୍ଡଭୋଗୀ ପୁରୁଷମାନେ କଟକଣାମୁକ୍ତ। ପାରିବାରିକ ହିଂସା, ଯୌନ ଅତ୍ୟାଚାର, ଡାହାଣୀ ଅପବାଦ ଆଦି ନିର୍ଯ୍ୟାତନା, ଶୋଷଣର କୁତ୍ସିତ ଅବାଞ୍ଛିତ ଧାରା ସହିତ ମହିଳାମାନେ ଅଧିକାଂଶ ଯୋଡ଼ି ହୋଇଯା'ନ୍ତି। ଅଥଚ ସ୍ୱର ଉତ୍ତୋଳନର କ୍ଷମତା, ଅଧିକାର ଓ ସୁଯୋଗ ସେମାନଙ୍କ ପାଖରେ ନଥାଏ। ତେଣୁ ୨୦୦୬ରେ ଜନ୍ମ ନେଇ ୨୦୧୭ରେ ଯୁଗାନ୍ତକାରୀ ବିପ୍ଳବ ଆଣିଥିବା '# ମି ଟୁ' ଆନ୍ଦୋଳନ ପର୍ଯ୍ୟନ୍ତ ଉଚ୍ଚ ପଦପଦବୀରେ ଅଧିଷ୍ଠିତ, ସମ୍ଭ୍ରାନ୍ତ ଓ ପ୍ରତିପତ୍ତିଶାଳୀ ଧନାଢ଼୍ୟ ମହିଳାମାନେ ମଧ୍ୟ ଭୋଗୁଥିବା ନିର୍ଯ୍ୟାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ ଜୁଟାଇ ପାରି ନଥିଲେ। ଏହି ଆନ୍ଦୋଳନ ଅନେକ ନକଲି ଭଦ୍ରମୁଖାଧାରୀଙ୍କ ଅସଲି ଚେହେରାର ଉନ୍ମୋଚନ କରିଥିଲା। ଏହିକ୍ରମରେ ଏବେ ସମୟ ଆସିଛି '# ୱି ଟୁ: ଆମେ ମଧ୍ୟ ହକ୍‌ଦାର' - ଅଭିଯାନ ଆରମ୍ଭ କରିବାର।

ମହିଳାଙ୍କ ଏହି ହକ୍ ବା ଅଧିକାର ପାଇଁ କିନ୍ତୁ ଲଢ଼ିବ କିଏ? ଦେଶର ୭୫ ବର୍ଷର ନ୍ୟାୟିକ ଇତିହାସରେ ଏ ପର୍ଯ୍ୟନ୍ତ ମାତ୍ର ୧୧ ଜଣ ମହିଳା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଏବଂ ଏବେ ମାତ୍ର ଜଣେ ଅଛନ୍ତି। ଦେଶର ୨୫ଟି ଉଚ୍ଚ ନ୍ୟାୟାଳୟରେ ମହିଳା ବିଚାରପତିଙ୍କ ସଂଖ୍ୟା ମାତ୍ର ୭୬ ବା ୧୧.୭% ଥିବା ବେଳେ ଜିଲ୍ଲା ଅଦାଲତମାନଙ୍କରେ ସେମାନଙ୍କ ନିଯୁକ୍ତି ହାର ୨୮%। ସ୍ୱାଧୀନ ଗଣତାନ୍ତ୍ରିକ ଭାରତବର୍ଷରେ ୨୦୨୫ ନଭେମ୍ବର ସୁଦ୍ଧା ନୀତି ନିର୍ଦ୍ଧାରଣର ସର୍ବୋଚ୍ଚ ଅନୁଷ୍ଠାନ ଲୋକସଭା ଓ ରାଜ୍ୟସଭାରେ ମହିଳା ଜନପ୍ରତିନିଧି ହାର ଯଥାକ୍ରମେ ୧୩% ଓ ୧୭%। ସାମଗ୍ରିକ ଭାବେ ସବୁରାଜ୍ୟର ବିଧାନପାଳିକାରେ ସେମାନଙ୍କ ହାରାହାରି ସଂଖ୍ୟା ମାତ୍ର ୧୦%। ଜନସଂଖ୍ୟାରେ ପ୍ରାୟ ଅଧା ଅଂଶ ଥିବା ମହିଳାମାନଙ୍କ ପାଇଁ ବିଧାନପାଳିକାରେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗି ଆମ ସଂସଦ କୁଣ୍ଠିତ। ବାଧ୍ୟବାଧକତାରେ ୨୦୨୩ରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ୨୦୨୯ ପର୍ଯ୍ୟନ୍ତ ଗଡ଼ାଇ ନେବାରେ ପୁରୁଷକୈନ୍ଦ୍ରିକ ମାନସିକତାର ପ୍ରତିଫଳନ ସ୍ପଷ୍ଟ। ତେଣୁ ପୁଣି ସନ୍ଦେହ ବିଜଡ଼ିତ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ମହିଳା ସଶକ୍ତୀକରଣ ସ୍ଲୋଗାନ୍‌କୁ ବାସ୍ତବବାଦୀ କରିବା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ଓ ରୂପାୟନ କରିବ କିଏ?

ବିଖ୍ୟାତ ଆମେରିକୀୟ ସମାଜିକ କର୍ମୀ, ସାମ୍ବାଦିକ, ସ୍ତମ୍ଭକାର ଗ୍ଲୋରିଆ ଷ୍ଟିନେମ୍‌ଙ୍କ 'ଇଫ୍ ମେନ୍ କୁଡ୍ ମେନ୍‌ଷ୍ଟ୍ରୁଏଟ୍'(ପୁରୁଷମାନଙ୍କର ମଧ୍ୟ ଯଦି ଋତୁସ୍ରାବ ହେଉଥା'ନ୍ତା) ଶୀର୍ଷକ ଆଲେଖ୍ୟଟିଏ ୧୯୭୮ ମସିହାରେ ପ୍ରକାଶ ପାଇଥିଲା। ସେହି ଆଲେଖ୍ୟ ଆଧାରରେ ପ୍ରଖ୍ୟାତ ଭାରତୀୟ ବ୍ୟଙ୍ଗକାର ଉରୁଜ୍ ଆଶ୍‌ଫାକ୍ ଏକ ହାସ୍ୟୋଦ୍ଦୀପକ ଅଥଚ ଚେତନାଧର୍ମୀ ସମ୍ବେଦନଶୀଳ କଥାଟିଏ କହିଥିଲେ, ଯାହାର ମର୍ମାନୁବାଦ ହେଉଛି, 'ଯଦି ପୁରୁଷମାନଙ୍କର ଋତୁସ୍ରାବ ହେଉଥା'ନ୍ତା, ତେବେ ୧୫୦ ଥର ପରେ ସେମାନେ ଜୟନ୍ତୀ ପାଳନ କରୁଥା'ନ୍ତେ, ଏକ ଋତୁସ୍ରାବ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିଟିଏ ଗଠନ ହୋଇସାରିଥା'ନ୍ତା। ଅଥଚ ମହିଳାମାନଙ୍କ ପାଇଁ ଛୁଟିଟିଏ ମଧ୍ୟ ମଞ୍ଜୁର ହୋଇପାରୁନାହିଁ।'

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଯାଉଛି। ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦%। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା। ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ମହିଳାମାନଙ୍କ ଉପସ୍ଥିତି ୩୩%; ଓଡ଼ିଶା ପରି କେତେକ ରାଜ୍ୟରେ ଏହା ୫୦%। ସେଠାରୁ ଆରମ୍ଭ ହେଉ ଏହି ଅଭିଯାନ। '# ୱି ଟୁ' ଏହି ସ୍ୱର ତୃଣମୂଳସ୍ତରରୁ ଆରମ୍ଭ ହୋଇ ଜାତୀୟ ଆନ୍ଦୋଳନର ରୂପ ନେଉ। ମହିଳାମାନେ ନିଜକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ଯେ ପ୍ରଗତି ଯାତ୍ରାରେ ଏବଂ ସ୍ୱାଧୀନତାର ଅମୃତକାଳରେ ସେମାନେ କେବଳ ଅଂଶୀଦାର ନୁହନ୍ତି, ସେମାନେ ହିଁ ଚାଳକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଅମୃତରେ ବିଷ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅମୃତ ରୂପେ ବିଦିତ କ୍ଷୀର ଭାରତରେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ। କିନ୍ତୁ ଏହାର ପୁଷ୍ଟିକର ଖ୍ୟାତି ପଛରେ ଗମ୍ଭୀର ପ୍ରଶ୍ନଟିଏ ରହିଛି, ଯାହା ଜନସ୍ୱାସ୍ଥ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣି, ଷ୍ଟାର୍ଚ୍ଚ, ଡିଟରଜେଣ୍ଟ, ୟୁରିଆ, କଷ୍ଟିକ୍ ସୋଡା, ମାଲ୍ଟୋଡେକ୍ସଟ୍ରିନ୍ ଓ ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ କ୍ଷୀରରେ ମିଶାଯାଏ। ପରିମାଣ ବୃଦ୍ଧି କରିବା, ପରିଚୟ ପରିବର୍ତ୍ତନ କରିବା କିମ୍ବା ଗୁଣବତ୍ତା ପରୀକ୍ଷାକୁ ଠକିବା ପାଇଁ ଏଗୁଡ଼ିକୁ ବ୍ୟବହାର କରାଯାଏ। ପେରୋକ୍ସାଇଡ୍ କର୍କଟ ରୋଗ ସୃଷ୍ଟିକାରୀ ବୋଲି ଜଣାଶୁଣା। ଏହା ମଧ୍ୟ ଯକୃତ ଓ ବୃକ୍କ ଭଳି ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ। ପ୍ରଚୁର ଆର୍ଥିକ ଲାଭ ପାଇଁ ଏହି ଅନୈତିକ କାରବାର କ୍ଷୀରର ପ୍ରାକୃତିକ ପୁଷ୍ଟିକର ଗୁଣବତ୍ତା ଓ ମୂଲ୍ୟକୁ କ୍ଷତି ପହଞ୍ଚାଇବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ସରକାରୀ ଭାବେ ତିନି ବର୍ଷ ମଧ୍ୟରେ ନିଆଯାଇଥିବା ଦୁଗ୍ଧଜାତ ଦ୍ରବ୍ୟର ନମୁନା ପରୀକ୍ଷଣ ସମ୍ପର୍କିତ ତଥ୍ୟ ପ୍ରକାଶ କରିଛନ୍ତି। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଫର୍ମାଲିନ୍ ଓ ହାଇଡ୍ରୋଜେନ୍(କ୍ଷୀରରେ ଚର୍ବି ବୃଦ୍ଧି ପାଇଁ ବ୍ୟବହୃତ) ଭଳି ରାସାୟନିକ ପଦାର୍ଥ ସହିତ ଅପମିଶ୍ରିତ କ୍ଷୀର ପ୍ରସ୍ତୁତି ତାଲିକାରେ ଉତ୍ତରପ୍ରଦେଶ ଶୀର୍ଷରେ ଅଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶର ଅନେକ ସହରରେ କ୍ଷୀର ଅପମିଶ୍ରଣ ଜନିତ ଘଟଣା ପଦାକୁ ଆସିଛି। ତାଲିକାରେ ରାଜସ୍ଥାନ ଦ୍ୱିତୀୟ, ତାମିଲନାଡୁ ତୃତୀୟ ଓ କେରଳ ଚତୁର୍ଥ ସ୍ଥାନରେ ଅଛି। ଉତ୍ତରପ୍ରଦେଶରେ ଅପମିଶ୍ରିତ କ୍ଷୀର ବିକ୍ରୟ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସମୁଦାୟ ୧୯୨୮ଟି ମାମଲା ପଞ୍ଜିକୃତ ହୋଇଛି। ତାମିଲନାଡୁରେ ୯୪୪, କେରଳରେ ୭୩୭, ମହାରାଷ୍ଟ୍ରରେ ୧୯୧ ଓ ବିହାରରେ ୧୭୪ ମାମଲା ପଞ୍ଜିକୃତ ହୋଇଛି।

ଆମୋନିଆ ଓ ୟୁରିଆ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାଦକୁ ଲୁଚାଇବା ପାଇଁ ଏବେ ଷ୍ଟାର୍ଚ୍ଚ ମିଶାଯାଉଛି। ମେସିନ୍ ଓ ଲ୍ୟାବ ପରୀକ୍ଷା ବିନା ଅପମିଶ୍ରିତ କ୍ଷୀର ଚିହ୍ନଟ କରିବା କ୍ରମଶଃ କଷ୍ଟକର ହୋଇପଡୁଛି। ଜାତୀୟ କ୍ଷୀର ସୁରକ୍ଷା ଓ ଗୁଣବତ୍ତା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ମାନବ ସ୍ୱାସ୍ଥ୍ୟ ପାଇଁ ହାଇଡ୍ରୋଜେନ ପେରକ୍ସାଇଡ, ୟୁରିଆ ଓ ଡିଟରଜେଣ୍ଟ ସହିତ ଦୂଷିତ କ୍ଷୀରକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ତଥ୍ୟ ଅନୁଯାୟୀ ଭାରତ ଉତ୍ପାଦନ ଅପେକ୍ଷା ଅଧିକ କ୍ଷୀର ବ୍ୟବହାର କରୁଥିବାରୁ ଏଭଳି କୃତ୍ରିମ କ୍ଷୀରର ବଜାର ଅଂଶ ବଢ଼ିବାରେ ଲାଗିଛି। ଭାରତରେ କ୍ଷୀର ଉତ୍ପାଦନ ୨୦୧୩-୧୪ ରେ ୧୪.୬୯ କୋଟି ଟନ୍‌ରୁ ବୃଦ୍ଧି ପାଇ ଆଜି ୨୩.୦୬ କୋଟି ଟନ୍‌ରେ ପହଞ୍ଚିଛି। ବିଶ୍ୱରେ ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ହାର ୨%। ଭାରତରେ ଏହା ପ୍ରତିବର୍ଷ ୬% ହାରରେ ବୃଦ୍ଧି ପାଉଛି।

ଭାରତରେ କ୍ଷୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ୬୮ ପ୍ରତିଶତ ସଂସ୍ଥା ଅସଂଗଠିତ। ଏହାକୁ ସଂଗଠିତ ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ଦେଶରେ କ୍ଷୀର ଉତ୍ପାଦନର ମୂଲ୍ୟ ବାର୍ଷିକ ୧୧.୧୬ ଲକ୍ଷ କୋଟି ଟଙ୍କା। କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ଗୋରୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶେଷକରି ଗାଈଙ୍କ ସଂଖ୍ୟା ୧୯.୦୯ କୋଟିରୁ ୧୯.୩୦ କୋଟିକୁ ଏବଂ ମଇଁଷିଙ୍କ ସଂଖ୍ୟା ୧୦.୮ କୋଟିରୁ ୧୧କୋଟିକୁ ବୃଦ୍ଧି ପାଇଛି। ପଶୁପାଳନ ଓ ଦୁଗ୍ଧ ଶିଳ୍ପରେ ୧୨ କୋଟିରୁ ଅଧିକ ଲୋକ ନିଯୁକ୍ତ ଓ ଜଡ଼ିତ ହୋଇଛନ୍ତି।

ଭାରତ, ଆମେରିକା ଓ ୟୁରୋପ ସମେତ ଅନେକ ଦେଶରେ ଅପମିଶ୍ରଣ କ୍ଷୀର ବିରୋଧରେ କଠୋର ଆଇନ ଅଛି। ଚୀନରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଅଛି। ଖାଦ୍ୟରେ ଭେଜାଲ, ବିଶେଷକରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ। ଚୀନରେ୨୦୦୮ ମସିହାରେ ମେଲାମାଇନ୍ ଦୁର୍ନୀତି ପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ଦୁର୍ନୀତି ଫଳରେ ଭେଜାଲ କ୍ଷୀର ଓ ପାଉଡର ଯୋଗୁଁ ହଜାର ହଜାର ପିଲା ଅସୁସ୍ଥ ଓ ମୃତ୍ୟୁବରଣ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ଆଜୀବନ କାରାଦଣ୍ଡ ଓ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ କ୍ଷୀର ଉତ୍ପାଦକମାନଙ୍କୁ ନୈତିକ ମାନଦଣ୍ଡ ପାଳନ କରିବାକୁ ପଡ଼ିବ ଏବଂ ଲାଭ ଅପେକ୍ଷା ଗୁଣବତ୍ତା ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ଏହି ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରକ, ନିୟାମକ, ଦୁଗ୍ଧ ଶିଳ୍ପ ଓ ଗ୍ରାହକଙ୍କ ମିଳିତ ପ୍ରୟାସ ଆବଶ୍ୟକ। ବିଭିନ୍ନ ପ୍ରକାରର ଭେଜାଲକୁ ସଠିକ୍ ଭାବରେ ଚିହ୍ନଟ କରୁଥିବା ଉନ୍ନତ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ସରକାର କଠୋର ଖାଦ୍ୟ ସୁରକ୍ଷା ନିୟମାବଳୀ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ଓ ଜରିମାନା ଅନ୍ତର୍ଭୁକ୍ତ ହେବା ଉଚିତ। ଗ୍ରାହକ ସଚେତନତା ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ଆମେ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇପାରିବା। ଏହା ଦୁଗ୍ଧକୁ ସୁରକ୍ଷିତ ଏବଂ ପୁଷ୍ଟିକର ଅଂଶ ଭାବରେ ରହିବାକୁ ନିଶ୍ଚିତ କରିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପାଷାଣଭେଦୀ
Fringed Bergenia or Hairy Leaf Bergenia - Bergenia ciliata

ସୌଭାଗ୍ୟସୁନ୍ଦର

ପାଷାଣଭେଦୀ ହିମାଳୟର ନାତିଶୀତୋଷ୍ଣ ଅଞ୍ଚଳରେ ୮୦୦ ରୁ ୩, ୦୦୦ ମିଟର ଉଚ୍ଚତା ମଧ୍ୟରେ ଦେଖିବାକୁ ମିଳେ। ଭାରତରେ ଏହା ଲୁସାଇ ପାହାଡ଼, ପଶ୍ଚିମବଙ୍ଗ, ଅରୁଣାଚଳ ପ୍ରଦେଶ, ମେଘାଳୟ, ହିମାଳୟ (କୁମାଓଁ), କ୍ୟୋଙ୍ଗନୋସଲା, କାର୍ପୋନାନାଗ, ସିକିମର ଗ୍ୟାଙ୍ଗଟକ ଓ ଉତ୍ତରାଖଣ୍ଡରେ ପ୍ରାକୃତିକ ଭାବରେ ବଢୁଥିବା ଜଣାଯାଏ। ଏହା ଏକ ପ୍ରମୁଖ ଆୟୁର୍ବେଦ ଔଷଧୀୟ ଉଦ୍ଭିଦ ଭାବରେ ଜଣାଶୁଣା, ଏବଂ ଭାରତରେ ଏହାକୁ ସାଧାରଣତଃ 'ପଥର ଫୋଡ଼ ବୁଟି' ଅର୍ଥାତ 'ପତ୍ରକୁ ଫଟାଇବା କ୍ଷୁପ' ବୋଲି କୁହାଯାଏ। ଏହାର ଫୁଲକୁ ଉତ୍ତରାଖଣ୍ଡର ପ୍ରସିଦ୍ଧ 'ଫୁଲ ଦେଇ ମହୋତ୍ସବ' ସମୟରେ ଅର୍ପଣ କରାଯାଏ।

ପାଷାଣଭେଦୀ ଏକ ଛୋଟ ବହୁବର୍ଷୀୟ ରାଇଜୋମାଟସ୍ ବା ଧାବକ କନ୍ଦ ବିଶିଷ୍ଟ କ୍ଷୁପ, ଯାହା ପ୍ରାୟ ୩୦ ସେମି ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଧାବକ କନ୍ଦ କଠିନ, ଉଚ୍ଚା ନୀଚା ଧାର ସହିତ ପିମ୍ପା ଆକାରର, ନଳାକାର, ଅନେକ ଛୋଟ ମୂଳ ବା ଚେର ବହନ କରିଥାଏ। ଲମ୍ବା ଡେମ୍ଫ ବିଶିଷ୍ଟ ପତ୍ରସଂଖ୍ୟା ଅପେକ୍ଷାକୃତ କମ୍, ବିସ୍ତାରିତ, ମସୃଣ ଓ ବର୍ତ୍ତୁଳାକାର। ଫୁଲ ଡେମ୍ଫ ଯୁକ୍ତ, ଗୋଲାପୀରୁ ବାଇଗଣୀ ବା ଧଳା ରଙ୍ଗର। ଫୁଲ ପାଖୁଡ଼ା ବର୍ତ୍ତୁଳାକାର, ଶୀର୍ଷ ଭାଗ ଦନ୍ତୁରିତ। ପୁଷ୍ପ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ। ୫ ଟି ଗୋଲାପୀ ବା ଲାଲ ରଙ୍ଗର ପାଖୁଡ଼ା ବହନ କରିଥାଏ। ଫୁଂକେଶର ମଣ୍ଡଳ ଅନେକ କେଶ ଧାରଣ କରେ। ଡିମ୍ବାଶୟ ୪ କିମ୍ବା ୫ ଏକତ୍ରିତ ଯୋଡ଼ି ହୋଇ ରହିଥାଏ। ଫଳ କ୍ୟାପସୁଲାର ବା ସ୍ଫୋଟକ। କାର୍ପେଲ ବା ଫଳିକା ଏବଂ ଷ୍ଟାଇଲ୍ ବା ଶଳାକା ସବୁଜ କିମ୍ବା ଗୋଲାପୀ ବର୍ଣ୍ଣ। ବିହନ ସାଧାରଣତଃ ଅନେକ।

ପାଷାଣଭେଦୀ ପାରମ୍ପରିକ ଭାବରେ ମୂତ୍ର, ପାକସ୍ଥଳୀ, ଚର୍ମ, ଫୁସଫୁସ, ଯକୃତ, ସ୍ତ୍ରୀରୋଗ, ବୃକ୍କ, ପ୍ରଦାହ ଓ ସଂକ୍ରାମକ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ବିଶେଷକରି ଏହାକୁ ବୃକକ୍‌ରେ ପଥର ତରଳାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧ ଭାବରେ ବ୍ୟବହାର କରାଯାଉଥିବାରୁ ଭାରତୀୟ ଚିକିତ୍ସାରେ ଏହାକୁ 'ପାଷାଣଭେଦୀ' (ପଥର ତରଳାଇବା) ଭାବେ ପରିଚିତ। ଏହାର ମଧ୍ୟ ଜ୍ୱର, ପତଳାଝାଡ଼ା, ଫୁସଫୁସ ସଂକ୍ରମଣ, ମାଂସପେଶୀ ପୀଡ଼ା, ଲ୍ୟୁକୋରିଆ, ପାଇଲ୍ସ ବା ଅର୍ଶ, ପ୍ଲୀହା ବୃଦ୍ଧି, କାଶ, ଥଣ୍ଡା, ହୃଦରୋଗ, ଚକ୍ଷୁ ରୋଗ ଉପଶମରେ ବ୍ୟବହୃତ ହୁଏ। ପାଷାଣଭେଦୀରେ ବର୍ଗେନିନ୍, କ୍ୟାଟେଚିନ୍, ଗାଲିକ୍ ଏସିଡ୍, ଗାଲିସିନ୍, କ୍ୟାଟେଚିନ୍-୭-ଓ-ଗ୍ଳୁକୋସାଇଡ୍, ବିଟା-ସିଟୋଷ୍ଟେରୋଲ୍, ପାଶନୋଲାକ୍ଟୋନ୍, ସିଟୋଇଣ୍ଡୋସାଇଡ୍, କ୍ୱେରସିଟିନ୍, ଆଫ୍ଟେଲେଚିନ୍, ଫାଇଟୋକେମିକାଲ, ଉଚ୍ଚ ଆଣ୍ଟିଫଙ୍ଗାଲ୍, ଆଣ୍ଟିଭାଇରାଲ୍, ଆଣ୍ଟିପ୍ଲାଜମୋଡିଆଲ୍ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଦ୍ରବ୍ୟ ଗୁଣ ରହିଛି। ଏଥିସହିତ ବିଭିନ୍ନ ଶ୍ରେଣୀର ଯୌଗିକ ରସାୟନ ଯଥା ଫିନୋଲ୍, ଆଲକୋହଲ୍, ଟେର୍ପେନୋଏଡ୍, ଫ୍ୟାଟି ଏସିଡ୍, ଟାନିକ୍ ଏସିଡ୍, ଆଲବୁମେନ୍, ମ୍ୟୁସିଲେଜ୍, ଗ୍ଲୁକୋଜ୍, ମହମ, ମେଟାର୍ବିନ୍ ଓ ଖଣିଜ ଲବଣ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ଦ୍ୱିତୀୟ ମେଟାବୋଲାଇଟ୍ ପୃଥକ ହୋଇଥିବା ରିପୋର୍ଟ କରାଯାଇଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଏହାକୁ ସାଧାରଣତଃ ଟନିକ୍ ଭାବେ ବ୍ୟବହାର କରାଯାଏ। ପାଷାଣଭେଦୀର ସର୍ବାଧିକ ବ୍ୟବହୃତ ଅଂଶ ହେଉଛି ରାଇଜୋମ୍ ଓ ମୂଳ। ପାରମ୍ପରିକ ଚିକିତ୍ସକମାନେ ଏହାକୁ ପ୍ରାୟତଃ ପାଉଡର ଆକାରରେ ବ୍ୟବହାର କରନ୍ତି।

ଏହା ସାଧାରଣତଃ ପଥୁରିଆ ପାହାଡ଼ରେ ମିଳିଥାଏ। ଉଦ୍ଭିଦଟି ପଥର ମଧ୍ୟରେ ଉତ୍ପନ୍ନ ହୁଏ ଏବଂ ସେଗୁଡ଼ିକୁ ଭାଙ୍ଗିବା ପରି ଦେଖାଯାଏ କିମ୍ବା ଏଥିରେ ଲିଥୋଟ୍ରିପ୍ସିକ୍ ଗୁଣ ଥାଏ। ପାଷାଣଭେଦୀ ଆର୍ଦ୍ର ଏବଂ ଛାଇ ଅଞ୍ଚଳରେ ଭଲ ଭାବରେ ବଢେ। କେତେକ ସମୟରେ ଖାଦ୍ୟ ପାଇଁ ମଧ୍ୟ ଏହି ଉଦ୍ଭିଦକୁ ଜଙ୍ଗଲରୁ ଅମଳ କରାଯାଏ। ଭାରତରେ ଏହାର ଏପର୍ଯ୍ୟନ୍ତ ଚାଷ କରାଯାଉଥିବା ଜଣାଯାଏ ନାହିଁ। ଏହି ଉଦ୍ଭିଦକୁ ଦୁର୍ବଳ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଆୟୁଷ ମନ୍ତ୍ରଣାଳୟର ଯୋଜନା ଅଧୀନରେ ଚାଷ ପାଇଁ ପ୍ରାଥମିକତାପ୍ରାପ୍ତ ଉଦ୍ଭିଦ ମଧ୍ୟରେ ମଧ୍ୟ ତାଲିକାଭୁକ୍ତ କରାଯାଇଛି। ଉଚ୍ଚ ରାଇଜୋମ୍ ଉତ୍ପାଦନ ଏବଂ ଗୁଣବତ୍ତା ସହିତ ଏହାର ବିକାଶ ପାଇଁ ଗବେଷଣା ଚାଲିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' କ୍ଷୀରରୁ...

ଜଳସେଚନ ପାଇଁ ଭୂତଳ ଜଳର ବହୁଳ ବ୍ୟବହାର ହୋଇଥାଏ। ବିନା ବିଶୋଧନରେ ଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଚାଷ କାର୍ଯ୍ୟରେ ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର ବଢ଼ିବାରୁ କ୍ଷୀରରେ ଆର୍ସେନିକ, ଲିଡ ଏବଂ ମରକୁରୀ ଭଳି ଧାତୁର ସ୍ତର ମଧ୍ୟ ବଢ଼ିଛି। ୟୁରାନିୟମ ବୃକକ ଉପରେ ପ୍ରଭାବ ପକାଇ ଥାଏ। ଏହା ସ୍ନାୟବିକ ସମସ୍ୟା ସୃଷ୍ଟି କରିଥାଏ। ଏହା ବଢ଼ି ଚାଲିଲେ କର୍କଟ ଭଳି ବିପଦ ସୃଷ୍ଟି ହୋଇଥାଏ। ତେବେ ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଜାତୀୟ ବିପର୍ଯ୍ୟୟ ପରିଚଳାନା କର୍ତ୍ତୃପକ୍ଷ (ଏନ୍‌ଡିଏମଏ)ର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି। କାରଣ କ୍ଷୀରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ କମ୍ ପରିମାଣର ୟୁରାନିୟମ ଥିବା ସେ କହିଛନ୍ତି।

ଏହା ପୂର୍ବରୁ ବିହାରରେ ମା' କ୍ଷୀରରୁ ଲିଡ୍‌ର ମାତ୍ରା ଅଧିକ ଥିବା ଜଣାପଡ଼ିଥିଲା। ଗଙ୍ଗା ନଦୀ ଅବବାହିକା ଜିଲ୍ଲା ସମସ୍ତିପୁର, ଦରଭଙ୍ଗା, ବେଗୁସରାୟ, ଖଗଡ଼ିଆ, ମୁଙ୍ଗେର, ନାଳନ୍ଦାରେ ଏହା ମିଳିଥିଲା। ମହାବୀର କ୍ୟାନସର ଇନ୍‌ଷ୍ଟିଚ୍ୟୁଟର ରିସର୍ଚ୍ଚ ଡିପାର୍ଟମେଣ୍ଟରୁ ଏହାର ଖୁଲାସା ହୋଇଥିଲା। ଏହା ନବଜାତକର ମାନସିକ ବିକାଶରେ ପ୍ରଭାବ ପକାଇ ଥାଏ।

### ଶେଷ ମିନିଟ୍‌ରେ...

ଟିକଟ୍ ବାତିଲ୍ ହେଲେ ମଧ୍ୟ ୮୦% ପର୍ଯ୍ୟନ୍ତ ଅର୍ଥ ରିଫଣ୍ଡ ପ୍ରଦାନ କରିବ। ବୀମା ପାଇଁ ଏୟାରଲାଇନ୍ସ ଏବଂ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା ମାଧ୍ୟମରେ ପ୍ରିମିୟମ୍ ପ୍ରଦାନ କରାଯିବ। ବର୍ତ୍ତମାନ, ଉଡ଼ାଣର ୩ ଘଣ୍ଟା ମଧ୍ୟରେ ଟିକଟ ବାତିଲ୍‌କୁ ନୋ-ଶୋ' ଭାବରେ ବିବେଚନା କରାଯାଏ ଏବଂ କୌଣସି ରିଫଣ୍ଡ ମିଳେନାହିଁ।

### ଦ୍ୱନ୍ଦ୍ୱ ବଢ଼ାଇଲା...

ବଙ୍ଗୋପସାଗରରେ ୨ ଟି ଲଘୁଚାପ ସୃଷ୍ଟି ହେଉଛି। ଗୋଟେ ଲଘୁଚାପ ଦକ୍ଷିଣ ଆଣ୍ଡମାନ ସାଗର ଓ ଆଖ ପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଳେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଅନ୍ୟପଟେ ଆଉ ଏକ ଲଘୁଚାପ ଦକ୍ଷିଣ ବଙ୍ଗୋପସାଗରରେ ମଧ୍ୟ ସୃଷ୍ଟି ହେବା ସମ୍ଭାବନା ରହିଛି। ତେବେ କେଉଁ ଲଘୁଚାପ ଶକ୍ତିଶାଳୀ ହେବ କିଏ ଦୁର୍ବଳ ହେବ ଏହା ଏଯାବତ ସ୍ପଷ୍ଟ ହେଉ ନଥିବାରୁ ବଙ୍ଗୋପସାଗରରେ ଯୋଡ଼ା ଲଘୁଚାପରୁ ଗୋଟିଏ ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି। ତେଣୁ ଆସନ୍ତା ୪୮ ଘଣ୍ଟା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ବାତ୍ୟା କେତେ ସୁଦୃଢ଼ ହେବ କେଉଁ ଦିଗକୁ ଯିବ ଓଡ଼ିଶାରେ ଏହା ର ପ୍ରଭାବ ପଡିବ କି ନାହିଁ ତାହା ବର୍ତ୍ତମାନ ସ୍ପଷ୍ଟ ହେଉ ନାହିଁ। କିନ୍ତୁ ଡିସେମ୍ବର ପହିଲାରୁ ରାଜ୍ୟର ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ବିଭିନ୍ନ ମଡେଲ୍‌ର ବାତ୍ୟାକୁ ନେଇ ଦୁଇଟି ଦୃଶ୍ୟପଟ ଆଙ୍କୁଛନ୍ତି। ଏଥିରେ ଜିଏଫ୍‌ଏସ୍ ମଡେଲ୍ ବାତ୍ୟା ଦୁଇ ତାରିଖ ବେଳକୁ ଓଡ଼ିଶା ଉପକୂଳ ନିଟତର ହୋଇ ଓଡ଼ିଶାରେ ଘସି ହୋଇ ବଙ୍ଗଳାଦେଶ ମୁହାଁ ହୋଇପାରେ। ମାତ୍ର ଇସିଏମ୍‌ଡବ୍ଲୁଏଫ୍ ଏହାର ଆକଳନ ସମ୍ପୂର୍ଣ୍ଣ ଅଲଗା ରଖିଛି। ଏହି ମଡେଲ୍ ଅନୁଯାୟୀ ବାତ୍ୟାଟି ଡିସେମ୍ବର ୪ ତାରିଖ ବେଳକୁ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ନିକଟତର ହୋଇପାରେ। ମାତ୍ର ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରି ଆନ୍ଧ୍ର ଓ ତାମିଲନାଡୁ ମୁହାଁ ହେବ। ଏମିତି ହେଲେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ି ନପାରେ। ଅନ୍ୟପଟେ ସାମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବନ୍ୟା ଓ ବାତ୍ୟା ପରିଚାଳନା କରିବାରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦେଶରେ ସବୁଠୁ ଆଗରେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତାକୁ ସାମ୍ନା କରିବାରେ ଆମ ରାଜ୍ୟର ବିପର୍ଯ୍ୟୟ ପପରିଚାଳନା ବିଭାଗ, ଅଗ୍ନିଶମ ବିଭାଗ, ଓଡିଆରଏଫ, ଏନଡିଆରଏଫ ବିଭାଗ ଆଦି ନିକଟରେ ବହୁତ ଅନୁଭବ ରହିଛି। ଜିଲ୍ଲା ପ୍ରଶାସନର ମଧ୍ୟ ଚମତ୍କାର ପରିଚାଳନା ଦକ୍ଷତା ରହିଛି। ବିଗତ ଦିନରେ ଭଲ ଅଭିଜ୍ଞତା ଥିଲା ଏଥିରେ ଜିରୋ କାଜୁଆଲିଟି ରହିଛି। ତେଣୁ ଆମେ ସମ୍ଭାବ୍ୟ ବାତ୍ୟା ପାଇଁ ପୁରାପୁରି ପ୍ରସ୍ତୁତ ଅଛୁ ବୋଲି ମନ୍ତ୍ରୀ କହିଛନ୍ତି।

### ହୃଦୟବିଦାରକ ଓ...

ମହିଳାମାନେ ନିସ୍ଥୁକ ମାଡ଼ ମାରିବା ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ମାତ୍ର ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ ହୋଇଛି। ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ନବୀନ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଗତ ୧୭ ମାସ ମଧ୍ୟରେ ମହିଳା ବିରୋଧୀ ହିଂସା ଉର୍ଦ୍ଧ୍ୱମୁଖୀ ହୋଇଛି । ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମର୍, ଅତ୍ୟାଚାର ପରି ଘଟଣା ସୀମା ଟପିଛି। ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି, ବଲଙ୍ଗା ଆତ୍ମାହୂତି ପରି ଘଟଣା ପାଇଁ ଓଡ଼ିଶା ସମଗ୍ର ଦେଶରେ ନିନ୍ଦିତ ହୋଇଛି। ଦିନକୁ ରାଜ୍ୟରେ ହାରାହାରି ୧୫ ମହିଳା ଓ ଯୁବତୀ ଦୁଷ୍କର୍ମ ବା ଗଣଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ନବୀନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହ ସରକାର ନିଦରୁ ଉଠି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇ ଦେଇଛନ୍ତି।

### ୧୯ ଦିନରେ...

ହୋଇଛନ୍ତି। ମଧ୍ୟ ପ୍ରଦେଶର ରାୟସେନରେ ଶନିବାର ବିଏଲ୍‌ଓ ରମାକାନ୍ତ ପାଣ୍ଡେ ମୃତ୍ୟୁବରଣ କରିଛନ୍ତି। ସେହିପରି ବିଏଲ୍‌ଓ ଯୋଗେଶ ୪ ରାତି ଶୋଇ ପାରି ନାହାନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଅନ୍‌ଲାଇନ୍ ମିଟିଂ ପରେ ସେ ବୋହେଶ ହୋଇ ତଳେ ପଡିଯାଇଥିଲେ ଓ ତାଙ୍କର ଜୀବନ ରକ୍ଷା ହୋଇ ପାରିନଥିଲା। ସେହିପରି ଦମହୋରେ ୫୦ ବର୍ଷୀୟ ଶୀତାରାମ ଗୋଣ୍ଡ ଫର୍ମ ପୁରଣ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ଓ ଚିକିତ୍ସା ସମୟରେ ସେ ମୃତ୍ୟୁବରଣ କରିଥିଲେ। ସେହିପରି ରାୟସେନରେ ବିଏଲ୍‌ଓ ନାରାୟଣ ସୋନୀ ୬ ଦିନ ହେଲା ନିଖୋଜ ଅଛନ୍ତି। ଟାର୍ଗେଟ, ବିଳମ୍ବିତ ରାତିରେ ବୈଠକ ଓ ନୀଲମ୍ବନର ଚେତାବନୀ ଯୋଗୁ ସେ ଚିନ୍ତିତ ଥିଲେ। ଭୋପାଳରେ କାର୍ଯ୍ୟରତ ବିଏଲ୍‌ଓ କିର୍ତ୍ତୀ କୌଶଲ ଓ ମହମ୍ମଦ ଲଇକ୍ ଡ୍ୟୁଟି କରୁଥିବା ବେଳେ ହୃଦ୍‌ଘାତ୍‌ର ଶିକାର ହୋଇଥିଲେ ଓ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ନଭେମ୍ବର ୬ରେ ଦମୋହରରେ ସଡ଼କ ଦୁର୍ଘଟଣାରେ ଶ୍ୟାମ ଶର୍ମା (୪୫) ମୃତ୍ୟୁବରଣ କରିଛନ୍ତି। ଦତିଆର ଉଦୟଭାନ ସିହାର (୫୦) ନଭେମ୍ବର ୧୧ରେ ଆତ୍ମହତ୍ୟା କରିଥିଲେ।

### ଏସ୍‌ସିବିରେ ଡାଏଲିସିସ୍...

ଜରିଆରେ ପିଡି ଫ୍ଲୁଇଡ୍ ବ୍ୟବହାର ଦ୍ୱାରା ରୋଗୀର ରକ୍ତରୁ ବର୍ଜ୍ୟବସ୍ତୁ ଏବଂ ଅତ୍ୟଧିକ ତରଳ ପଦାର୍ଥ ନିଷ୍କାସନ କରାଯାଇଥାଏ। ଦୀର୍ଘବର୍ଷ ଧରି ଏସ୍‌ସିବିରେ ରୋଗୀଙ୍କୁ ନିଃଶୁଳ୍କରେ ଡାଏଲିସିସ ସେବା ଯୋଗାଇ ଦିଆଯାଉଛି। ଓଏସ୍‌ଏମସି ପକ୍ଷରୁ ପିଡି ଫ୍ଲୁଇଡ୍ ଯୋଗାଇ ଦିଆଯାଏ। ନଚେତ୍ ଡିଏମଇଟି କାର୍ଯ୍ୟାଳୟରୁ ଆସୁଥିବା ଅନୁଦାନ ଟଙ୍କାରେ ଏସ୍‌ସିବି କର୍ତ୍ତୃପକ୍ଷ ପିଡି ଫ୍ଲୁଇଡ୍ କ୍ରୟ କରିଥା'ନ୍ତି। ଏବେ ପିଡି ଫ୍ଲୁଇଡ୍ ନଥିବାରୁ ଡାଏଲସିସି ବନ୍ଦ ହୋଇ ଯାଇଥିବା ଅଭିଯୋଗ ଉଠିଛି।

## ସ୍କର୍ପିଓ ଧକ୍କାରେ ୨ ଗୁରୁତର

# ଗାଡ଼ି ଛାଡ଼ି ପଳାଇଲେ ବିଧାୟକ, ଚାଳକ






ଖୁଣ୍ଟା/କୁଆମରା, ୨୩।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଟିଟିଆ ନିକଟ ଟାଙ୍ଗଣା ଛକରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କର୍ପିଓ ଧକ୍କାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ପରିବର୍ତ୍ତେ ବିଧାୟକ ଓ ତାଙ୍କ ଗାଡ଼ି ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଉଦଳା-ବାରିପଦା ରାସ୍ତାର ତେରମାଇଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ଗୁରୁତରଦ୍ୱୟ ହେଲେ, ମିଠୁ ସିଂ (୬୦) ଓ ସନ୍ନ୍ୟାସୀ ସିଂ (୫୫)।

ସୂଚନା ମୁତାବକ, ରବିବାର ସନ୍ଧ୍ୟା ପ୍ରାୟ ୫ଟାରେ ବିଧାୟକ ନିଜ ସ୍କର୍ପିଓରେ ବାରିପଦାରୁ ଉଦଳାକୁ ଯାଉଥିଲା। ଏହି ସମୟରେ ହାଟରୁ ସଉଦା ସାରି ମିଠୁ ଓ ସନ୍ନ୍ୟାସୀ ଏକ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓଟି ସେମାନଙ୍କୁ ଧକ୍କା ଦେଇଥିଲା। କାର୍‌ଟି ଦୁହିଁଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବଉଳ ଗଛରେ ପିଟି ହୋଇ ଅଟକି ଯାଇଥିଲା। ଏହା ଦେଖି ବିଧାୟକ, ପିଏସ୍‌ଓ ଓ ଗାଡ଼ି ଚାଳକ ସେଠାରୁ ଗାଡ଼ି ଛାଡ଼ି ପଳାଇଥିଲେ। ଅପରପକ୍ଷେ, ଗୁରୁତର ମିଠୁ ଓ ସନ୍ନ୍ୟାସୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଏକ ସ୍ପର୍ଶକାତର ଘଟଣା ପରେ ବିଧାୟକ ଶ୍ରୀ ହାଁସଦା ଗୁରୁତରଙ୍କୁ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ବିଧାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ହେଲ୍‌ମେଟ୍‌ଧାରୀ କୁରୁପତି ଓ ଚିଣ୍ଟୁଙ୍କୁ ସାକ୍ଷୀ ଚିହ୍ନିଲେ କିପରି?

ବ୍ରହ୍ମପୁର, ୨୩।୧୧(ସମିସ): ସ୍ଥାନୀୟ ବୈକୁଣ୍ଠନଗର ବିଚ୍ ରାସ୍ତାରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହେଲମେଟ୍ ପିନ୍ଧିଥିବା ୨ଜଣ ଆତତାୟୀ ଗୁଳି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆଇଜି ନିତିଶେଖର, ବ୍ରହ୍ମପୁର ଅତିରିକ୍ତ ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଓ

### ଆଇନଜୀବୀ ମଦନ ଦଳାଇଙ୍କ ଜାମିନ ଆବେଦନ ଖାରଜ

ଅନ୍ୟ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଏପରିକି, ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣାର ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସକୁ ପ୍ରାୟ ୧୨ଦିନ ଲାଗିଥିଲା। ପରେ ପୁଲିସ ପର୍ଯ୍ୟାୟକ୍ରମେ ଜଣଙ୍କ ପରେ ଜଣଙ୍କୁ ଉଠାଇ ନେଇ ଜେରା କରିଥିଲା। କିଛି ଦିନର ଜେରା ପରେ ସାକ୍ଷୀଙ୍କ ବୟାନ ଓ ପୁଲିସର ତଦନ୍ତ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପୀତବାସଙ୍କୁ ଗୁଳି କରିବା ବେଳେ ଗାଡ଼ି ଚଳାଉଥିବା ଚିଣ୍ଟୁ ପ୍ରଧାନଙ୍କ ସମେତ ୧୨ଜଣଙ୍କୁ ପୁଲିସ ପ୍ରଥମେ ଗିରଫ କରିଥିଲା। ବର୍ତ୍ତମାନ ଗିରଫ ସଂଖ୍ୟା ୧୬ରେ ପହଞ୍ଚିଛି। ବଡ଼ କଥା ହେଲା, ପୁଲିସ କହିବା ପ୍ରକାରେ ପୀତବାସ ପଣ୍ଡାଙ୍କୁ ଦୁଇଜଣ ହେଲମେଟ ପିନ୍ଧିଥିବା ଯୁବକ 'ପଣ୍ଡାବାବୁ ନମସ୍କାର' କହି ଗୁଳି ଚଳାଇ ହତ୍ୟା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ





ଦୁହେଁ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିବା ନେଇ କେଉଁ ସାକ୍ଷୀ ପୁଲିସକୁ ସୂଚନା ଦେଲେ ଏବଂ ସାକ୍ଷୀଜଣଙ୍କ ହେଲମେଟ ପିନ୍ଧିଥିବା ଦୁଇ ଯୁବକଙ୍କୁ କୁରୁପତି ଓ ଚିଣ୍ଟୁ ବୋଲି ଜାଣିଲେ କିଭଳି।

ଯେଉଁ ସାକ୍ଷୀଜଣଙ୍କ ପୁଲିସକୁ କୁରୁପତି ଓ ଚିଣ୍ଟୁଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି, ସେ ପୂର୍ବରୁ ଉଭୟଙ୍କ ସଂସ୍ପର୍ଶରେ ଆସିଥିଲେ କି? ଯଦି ନୁହେଁ, ତେବେ ହତ୍ୟାକାରୀ ଦୁଇଜଣ କୁରୁପତି ଓ ଚିଣ୍ଟୁ ବୋଲି କେମିତି ଜାଣିଲେ? ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ ପରେ ପୁଲିସ ପକ୍ଷରୁ ଜାରି ପ୍ରେସ ନୋଟ୍ ଓ ଅଭିଯୁକ୍ତଙ୍କୁ ମୁହଁଖୋଲି କୋର୍ଟଚାଲାଣ କରିବା ପ୍ରକ୍ରିୟା ଯୋଗୁ ହିଁ ସାକ୍ଷୀମାନେ କୁରୁପତି ଓ ଚିଣ୍ଟୁଙ୍କୁ ଚିହ୍ନିଥିବା ନେଇ ଆଲୋଚନା ହେଉଛି।

ହତ୍ୟାକାଣ୍ଡରେ ଗିରଫ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୮ଜଣଙ୍କର ଟିଆଇ ପରେଡ୍ ହୋଇଥିଲା। ସାକ୍ଷୀମାନେ ସେଥିରେ କେବଳ କୁରୁପତି ଓ ଚିଣ୍ଟୁଙ୍କୁ ହିଁ ଚିହ୍ନଟ କରିଥିବା ସୂଚନା ରହିଛି। ଇତିମଧ୍ୟରେ ପୁଲିସ ଦୁଇ ଦୁଇଥର କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ସେପଟେ ପୁଲିସ ଏହି ମାମଲାରେ ୨୫ରୁ ଉର୍ଦ୍ଧ୍ୱ ସାକ୍ଷୀଙ୍କୁ ରଖିବା ସହ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରିଛି। ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି। ସେହିପରି ମାମଲାରେ ଗିରଫ ଆଇନଜୀବୀ ମଦନ ଦଳାଇଙ୍କ ପାଇଁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ କରିଥିବା ଜାମିନ ଆବେଦନକୁ ଏସଡିଜେଏମ୍ ଖାରଜ କରିଛନ୍ତି। ସୋମବାର ପିଣ୍ଟୁ ଦାଶଙ୍କ ସର୍ତ୍ତମୂଳକ ଖଲାସ ନେଇ ଦାଖଲ ପିଟିସନର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ କମିଟି ବୈଠକ

# ଖରିଫ୍ ଓ ରବିରେ ସଂଗ୍ରହ ହେବ ୯୩ ଲକ୍ଷ ଟନ୍ ଧାନ

ଭୁବନେଶ୍ୱର, ୨୩।୧୧ (ସମିସ): ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ଲକ୍ଷ ଥିଲା। ଏବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ମୁଖ୍ୟ

### ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ

ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକରୁ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ଧାନକ୍ରୟ ସହ ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଆସନ୍ତା ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରାଯିବା ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ନିର୍ଦ୍ଦିଷ୍ଟ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଧାନ କ୍ରୟ ସଂପର୍କିତ ସୂଚନା ଓ ପ୍ରଚାର ପ୍ରସାର ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପସ୍ ଆଦି ଧାନ ସଂଗ୍ରହରେ ସାମିଲ ହେବେ। ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ। ମୋଟ ୪୦୮୮ଟି ମଣ୍ଡି ଏବଂ ଏଫ୍‌ସିଆଇ ଏବଂ ଯୋଗାଣ ନିଗମର ୧୬୩ଟି ଗୋଦାମ ଘର ଥିବା ବେଳେ ସେସବୁର ନିଜସ୍ୱ ଓ ଭଡ଼ାସୂତ୍ରରେ ମିଶାଇ ମୋଟ ୬.୬୮ ଲକ୍ଷ ମେଟ୍ରିକ୍ ଟନ୍ ଭଣ୍ଡାର କ୍ଷମତା ରହିଛି। ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି। ଶୀଘ୍ର ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ୨୫ନଭେମ୍ବର ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ନଭେମ୍ବର ୩୦ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀ ପଞ୍ଜୀକରଣ, ରାଜ୍ୟରେ କେତେ ଜମିରେ ଧାନ ଚାଷ କରାଯାଇଛି, ତାହାକୁ ଡିଜିଟାଲ ସର୍ବେକ୍ଷଣ ସହିତ ସମନ୍ୱିତ କରି ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକୃତ ଚାଷୀ ଯେପରି ଧାନ ବିକ୍ରୟ କରି ତାର ପ୍ରାପ୍ୟ ଠିକ୍ ସମୟରେ ପାଏ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ

ଖଲ୍ଲିକୋଟ, ୨୩।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଣିଆ ଗ୍ରାମର ଜଣେ ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, କୈଳାଶ ଗୌଡ଼ (୪୫)। ଗତକାଲି ସେ ମଇଁଷି ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ୨୪ ଘଣ୍ଟା ପରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।



ସୂଚନାନୁଯାୟୀ, କୈଳାଶ ଶନିବାର ମଇଁଷିପଲ ନେଇ ବାଣିଆ ନିକଟସ୍ଥ ଖାରିଣୀପଡ଼ା ଗ୍ରାମକୁ ଯାଇଥିଲେ। ଦିନ ୧୨ଟା ପରେ ମଇଁଷିମାନେ ସେଠାରେ ଚରୁଥିବା ବେଳେ କୈଳାଶଙ୍କ ଦେଖାନଥିଲା। ପରିବାରଲୋକେ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ଖବର ପାଇ ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିକଟରେ ଥିବା ଏକ ଦଳଭର୍ତ୍ତି ପୋଖରୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ଫେରି ଆସିଥିଲେ। କୈଳାଶଙ୍କ ପତ୍ନୀ ବନିତା ଗୌଡ଼ ରବିବାର ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ରବିବାର ମଧ୍ୟାହ୍ନରେ ପୁଣି ଅଗ୍ନିଶମ ବାହିନୀ ପୋଖରୀ ଭିତରେ ଖୋଜାଖୋଜି କରିବା ପରେ କୈଳାଶଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବେଆଇନ ଲଘୁ ଖଣିଜ ଚାଲାଣ; ୨୫ ଗାଡ଼ି ଜବତ

ଛତ୍ରପୁର, ୨୩।୧୧ (ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନ ଖଲ୍ଲିକୋଟ, ଛତ୍ରପୁର, ଚମାଖଣ୍ଡି, ହିଞ୍ଜିଳି, ସୋରଡ଼ା, ବଡ଼ଗଡ଼, ବେଗୁନିଆପଡା, ବେଲଗୁଣ୍ଠା ପୋଲସରା, ପୁରୁଷୋତ୍ତମପୁର ଓ କବିସୂର୍ଯ୍ୟନଗର ଥାନାରେ ଅଞ୍ଚଳରେ ବାଲି, ମୋରମ ଆଦି ଲଘୁ ଖଣିଜ ପଦାର୍ଥଗୁଡ଼ିକ ଚୋରାଚାଲାଣ ବେଳେ ଚଢ଼ଉ କରାଯାଇଛି। ଏନେଇ ଗୋଟିଏ ଦିନରେ ୨୫ଟି ଗାଡ଼ିକୁ ଧରିଛି ପୁଲିସ। ଯାଞ୍ଚ ବେଳେ ଗାଡି ଚାଳକ ଯେଉଁ ଫର୍ମ ଦେଖାଇଥିଲେ ତାହା ଇନ୍‌ଭାଲିଡ୍ ରହିଥିବା ସୂଚନା ମିଳିଛି। ଏନେଇ ଏକ୍ସ ଯୋଗେ ସୂଚନା ଦିଆଯାଇଛି।

## ସ୍ୱର୍ଗଦ୍ୱାରରୁ ଫେରିଲା ଶବ

ପୁରୀ, ୨୩।୧୧(ସମିସ): ସ୍ୱର୍ଗଦ୍ୱାରରେ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାରକୁ ଦାହ ପାଇଁ ଆସିଥିବା ବ୍ୟକ୍ତି ଜୀବିତ ଥିବା ଆଶଙ୍କା କରିଥିଲେ ପରିଜନ। ତାଙ୍କୁ ସ୍ୱର୍ଗଦ୍ୱାରରୁ ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ସ୍ୱର୍ଗଦ୍ୱାରକୁ ଫେରିଥିଲା ମୃତଦେହ। ଶନିବାର ଏମିତି ଏକ ଘଟଣା ଘଟିଛି। ମୃତକ ହେଲେ, ପୁରୀର ମକୁନ୍ଦ ପ୍ରଧାନ। ଶନିବାର ବୃଦ୍ଧ ମକୁନ୍ଦଙ୍କୁ ଅସୁସ୍ଥ ଲାଗିବାରୁ ପରିବାରଲୋକେ ତାଙ୍କୁ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି। ତେଣୁ ପରିବାର ଲୋକେ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସ୍ୱର୍ଗଦ୍ୱାରକୁ ନେଇଥିଲେ। ସେଠାରେ ଦାହ ଲାଗି ପ୍ରକ୍ରିୟା ଚାଲିଥିବା ବେଳେ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ତେଣୁ ସେ ଜୀବିତ ଥିବା ଆଶଙ୍କା କରି ପରିବାରଲୋକେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ପୁନର୍ବାର ମୃତ ଘୋଷଣା କରିଥିଲେ। ଫଳରେ ପୁନଶ୍ଚ ପରିବାରଲୋକେ ଶେଷକୃତ୍ୟ ପାଇଁ ତାଙ୍କୁ ସ୍ୱର୍ଗଦ୍ୱାର ନେଇଥିଲେ।

# ରାଜ୍ୟର ଏକମାତ୍ର କତାଶିଳ୍ପ ତାଲିମ କେନ୍ଦ୍ର ବନ୍ଦ

ପିପିଲି, ୨୩।୧୧(ସମିସ): ରାଜ୍ୟର ଏକମାତ୍ର କତା ଶିଳ୍ପ ତାଲିମ ଓ ରୂପାୟନ କେନ୍ଦ୍ର ଗତ ୪ବର୍ଷ ହେଲା ବନ୍ଦ ହୋଇ ପଡ଼ିଛି। ପୁରୀ ଜିଲ୍ଲା ଡେଲଙ୍ଗିପୁରଠାରେ ୧୯୭୫ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଏହି ଶିଳ୍ପ ତାଲିମ କେନ୍ଦ୍ରଟି ପ୍ରତିଷ୍ଠା କରିଥିଲେ। ଏହି ତାଲିମ କେନ୍ଦ୍ରରେ ବିଭିନ୍ନ ପଦବୀ ଖାଲି ପଡ଼ିଥିବାରୁ ଏହା ଆଉ ଚାଲିପାରୁନାହିଁ। ତାଲିମ କେନ୍ଦ୍ରରେ ୯ଜଣ ବୈଷୟିକ କର୍ମଚାରୀଙ୍କ ସମେତ ୧୨ଜଣ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା ଅଛି। ପ୍ରତିବର୍ଷ ୩୦ଜଣ ବେକାର ଯୁବକ ଯୁବତୀ ଏଠାରେ ପ୍ରଶିକ୍ଷଣ ନେଇ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରୁଥିଲେ। ୨୦୨୩ ମସିହା ସୁଦ୍ଧା ଏଠାରୁ ୫୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ତାଲିମ ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ୧୫ ହଜାରରୁ ଅଧିକ ଲୋକଙ୍କୁ ଏହି କତା ଶିଳ୍ପ ତାଲିମ କେନ୍ଦ୍ର କର୍ମସଂସ୍ଥାନ ଯୋଗାଇଛି। ସେହି ୧୨ଟି ଜିଲ୍ଲାର କତା ଶିଳ୍ପ କେନ୍ଦ୍ରରେ ୨୫ଟି ବୈଷୟିକ ପଦ



ପୂରଣ ନ ହେବାରୁ ବାଲେଶ୍ୱର ଭୋଗରାଇ, ଜଗତସିଂହପୁରର ବାଲିକୁଦା ଓ ଗଞ୍ଜାମର ଗୋଳାବନ୍ଧଠାରେ ଥିବା ଜିଲ୍ଲାସ୍ତରୀୟ କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକ ମଧ୍ୟ ବନ୍ଦ ହୋଇଯାଇଛି। ଏପରିକି, ତାଲିମ କେନ୍ଦ୍ରରେ ଅବ୍ୟବହୃତ ହୋଇ ପଡ଼ିଥିବା ମେସିନ ଓ ଛୋଟ ବଡ଼ ଯନ୍ତ୍ରପାତିରେ କଳଙ୍କି ଲାଗିଗଲାଣି।

ସୂଚନାନୁସାରେ, ଜିଲ୍ଲା ଶିଳ୍ପ କେନ୍ଦ୍ର ତତ୍ତ୍ୱାବଧାନରେ କତା କ୍ଲଷ୍ଟର ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ତାଲିମ ଦିଆଯାଉଥିଲା। ଏହି ମହିଳାମାନେ କତା ରଶି, ପାପୋଛ, କତାରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ଆଦି ତିଆରି କରି ଜୀବିକା ନିର୍ବାହ କରୁଥିଲେ। ଓଡ଼ିଶା ସମବାୟ କତା ନିଗମ ଲିମିଟେଡ୍‌କୁ କତା ରଶି ବିକ୍ରୟ କରୁଥିଲେ। ସେହି କତା ରଶିରୁ କତା ନିଗମ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଦଉଡ଼ି ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହେଉଥିବା ରଥଯାତ୍ରାକୁ ଦଉଡ଼ି ଯୋଗାଉଥିଲା। ତେବେ ଗତ ୪ବର୍ଷ ହବ ଏହି କତା ଶିଳ୍ପ ତାଲିମ କେନ୍ଦ୍ରଟି ବନ୍ଦ ହେବା ଫଳରେ ଓଡ଼ିଶାର

### ଖତ ଖାଉଛି ମେସିନ୍

ଶହଶହ ବେକାର ଯୁବକ ଯୁବତୀ ନିଜର ରୋଜଗାର ହରାଇବାକୁ ବସିଛନ୍ତି। କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ପଦ ପୂରଣ ରିବା ପାଇଁ ସରକାର ଖୁବ୍‌ଶୀଘ୍ର ପଦେକ୍ଷପ ନେଲେ ରାଜ୍ୟର ହଜାରହଜାର ବେକାର ଯୁବକ ଯୁବତୀ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

## ସିଜେଆଇ କେନ୍ଦ୍ର କୋର୍ଟକୁ ପଠାଇଲେ ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟି

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଜାତି ଆଧାରିତ ସଂରକ୍ଷଣର ଥିବା କ୍ରିମିଲେୟର (ସ୍ୱଚ୍ଛଳ) ବର୍ଗ ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ନିଜ କାମ କରିସାରିଛନ୍ତି। ଏବେ କେନ୍ଦ୍ର ଏବଂ ସଂସଦ ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଏପରି କହି ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟିକୁ କେନ୍ଦ୍ର ଉପରେ ଛାଡ଼ି ଦେଇଛନ୍ତି। ସୋମବାର ଅବସର ଗ୍ରହଣ କରିବାକୁ ଯାଉଥିବା ସିଜେଆଇ ଗଭାଇ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଛନ୍ତି। ଗତ ବର୍ଷ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ। ଏସ୍‌ସି ଏବଂ ଏସ୍‌ଟି ବର୍ଗର ଗରିବ ଲୋକଙ୍କୁ ସଂରକ୍ଷଣର ଲାଭ ଦେବା ପାଇଁ ଉପ-ବର୍ଗୀକରଣର ରାସ୍ତାକୁ ପ୍ରଶସ୍ତ କରିଦେଇଥିଲେ। ଏହି ରାୟ ଦେଇଥିବା ଖଣ୍ଡପୀଠରେ ସିଜେଆଇ ଗଭାଇ ସାମିଲ ଥିଲେ। ସେ ପୁଣିଥରେ କଲେଜିୟମ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଏହା ଜାରି ରହିବା ଉଚିତ ବୋଲି କହିଛନ୍ତି। କାରଣ ଏହା ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି।

## 'ଇଣ୍ଡିଆ ଗେଟ୍'ରେ ପ୍ରଦୂଷଣ ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ବୃଦ୍ଧିକୁ ନେଇ ରବିବାର ଇଣ୍ଡିଆ ଗେଟ୍ ସାମ୍ନାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ସ୍ଥିତି ଅଚାନକ ବିଗିଡ଼ା ଯାଇଥିଲା। ବିକ୍ଷୋଭକାରୀଙ୍କୁ ହଟାଇବା ସମୟରେ କିଛି ଜଣ ପୁଲିସ ଉପରେ ପେପର ସ୍ପ୍ରେ ମାଡ଼ କରିଥିଲେ। ଏଥିରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଆରଏମଏଲ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ସୂଚନା ଅନୁଯାୟୀ, ଖରାପ ବାୟୁ ଗୁଣବତ୍ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଇଣ୍ଡିଆ ଗେଟ୍ ନିକଟରେ ବିକ୍ଷୋଭକାରୀମାନେ ଏକାଠି ହୋଇଥିଲେ। ଏହି ସମୟରେ, କିଛି ଲୋକ ସି-ହେକ୍ସାଗନ୍ ପହଞ୍ଚି ବ୍ୟାରିକେଡ୍ ଭାଙ୍ଗି ରାସ୍ତାରେ ବସିପଡ଼ିଥିଲେ। ଆମ୍ବୁଲାନ୍ସ ଏବଂ ଜରୁରୀ ଗାଡ଼ିକୁ ଯିବାକୁ ଦେଇ ନ ଥିଲେ। ସେମାନଙ୍କୁ ଶାନ୍ତ କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ଭିଡ଼ ଆକ୍ରମଣାତ୍ମକ ହୋଇ ଯାଇଥିଲା।


AFFIDAVIT

By virtue of an affidavit sworn before EXECUTIVE MAGISTRATE, cuttack Sadar on Dated 11/11/2025, I, Reshma Bibi W/O Abdul Wazid, Resident of Village: MUGABHANGA, PO-PHUL AKHARA, PS-CUTTACK SADAR, DIST CUTTACK, ODISHA, 754001, I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as "RESHAMA BIBI" for all purposes.

ADMISSION NOTICE-2025-26

Manjari Devi College

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• D. Pharm
Rs. 48,000/- P.A.
Eligibility: +2 Sc. (PCB/M)

• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)

• M.P.H.
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

# 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ବିତର୍କ ପ୍ରତିଯୋଗିତା






ଦେବଗଡ଼,୨୩।୧୧(ସମିସ)

ଦୈନିକ ଖବର କାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ଆଜି ଦେବଗଡ଼ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଆପ୍ରାଇଜ ଏଜୁକେଶନାଲ ଇନଷ୍ଟିଚ୍ୟୁଟ ପରିସରରେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ସକାଳ ଜିଲ୍ଲା ପ୍ରତିନିଧି ବ୍ରିଜେଶରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସମୟରେ ପଥଭ୍ରଷ୍ଟ ନହୋଇ ପାଠ ପଢ଼ାରେ ମନୋନିବେଶ କରିବା ସହ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରଛାତ୍ରୀ ମାନେ ନିଜକୁ ନିଶା ଓ ସାଇବର ଠକେଇ ଠାରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନର ବିକାଶ ପାଇଁ ବିତର୍କ ଭଳି ପ୍ରତିଯୋଗିତା ଆୟୋଜନ କରିଥିବାରୁ 'ସକାଳ' ଓ 'ନନ୍ଦିଘୋଷ' ପରିବାରକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ସଂମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ଆପ୍ରାଇଜ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଶରତ ବେହେରା ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର ପରିଚାଳନା କରିଥିଲେ । ଏହାପରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଭାଗ ନେଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ଶିକ୍ଷାବିତ ଡରାମଚନ୍ଦ୍ର ମହାପାତ୍ର, ବୁଢ଼ାପାଳ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଦାୟିତ୍ୱ ବହନ କରିଥିଲେ । କନିଷ୍ଠ ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶ୍ରୀୟେଶ୍ୱରୀ ଗଡନାୟକ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ କ୍ରିତିକା କିରଣ ସାମଲ ଦ୍ୱିତୀୟ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ ସୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବରିଷ୍ଠ ବର୍ଗରେ ଆପ୍ରାଇଜ ଇନଷ୍ଟିଚ୍ୟୁଟ ଛାତ୍ର ଓଁକାର ସେଠୀ ପ୍ରଥମ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀ ସାବିତ୍ରୀ ବେହେରା ଦ୍ୱିତୀୟ, ଆପ୍ରାଇଜ ଇନଷ୍ଟିଚ୍ୟୁଟ ଛାତ୍ରୀ ସୁନୟନା ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । 'ସକାଳ' ଜିଲ୍ଲା ପ୍ରତିନିଧି ବ୍ରିଜେଶରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ଅନୁଜ ପ୍ରଧାନଙ୍କ ସମେତ ଆପ୍ରାଇଜ ଇନଷ୍ଟିଚ୍ୟୁଟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ବରିଷ୍ଠ ବର୍ଗରେ ଫାଲଗୁନୀ ବେହେରା ଓ କନିଷ୍ଠ ବର୍ଗରେ ଅଭିପ୍ସା କର ପ୍ରଥମ

ଝାରସୁଗୁଡ଼ା: ଦୈନିକ ଓଡ଼ିଆ ଖବରକାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସାରା ରାଜ୍ୟରେ ବିତର୍କ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ରବିବାର ପିକେଏସଏସ କଲେଜ, ଏଚ କଣ୍ଟାପାଲି, ଝାରସୁଗୁଡ଼ା ପରିସରରେ ଅନୁଷ୍ଠିତ ହୋଇଥିଲା । କନିଷ୍ଠ ଏବଂ ବରିଷ୍ଠ ଦୁଇଟି ବର୍ଗରେ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କନିଷ୍ଠ ବିଭାଗର ବିତର୍କ ଶୀର୍ଷକ ଛାତ୍ରଛାତ୍ରୀଙ୍କ ପାଇଁ 'ବହିପଢ଼ା:ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ଶୀର୍ଷକ ଏବଂ ବରିଷ୍ଠ ବିଭାଗରେ ବିତର୍କର ଶୀର୍ଷକ 'ଜେନ୍ ଜେଡ୍:ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ରହିଥିଲା । ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ାର ଛାତ୍ରୀ ଅଭିପ୍ସା କର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗରର ଛାତ୍ରୀ ଏକତା ପ୍ରଧାନ ଦ୍ୱିତୀୟ, ଡାନିଏଲ ପବ୍ଲିକ ସ୍କୁଲ ବ୍ରଜରାଜନଗରର ଛାତ୍ରୀ ଆରାଧ୍ୟା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବରିଷ୍ଠ ବର୍ଗରେ ପିକେଏସଏସ କଲେଜ ଏଚ କଣ୍ଟାପାଲି ଝାରସୁଗୁଡ଼ାର ଫାଲ୍ଗୁନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଷାରାଣୀ ବେହେରା ଦ୍ୱିତୀୟ, ଦିବ୍ୟା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଭିପ୍ସା କର ଓ ଫାଲଗୁନି ବେହେରା ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ରବିବାର ଦୈନିକ ଖବରକାଗଜ ପକ୍ଷରୁ ଆୟୋଜିତ ଏହି ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଝାରସୁଗୁଡ଼ା ପୁଲିସ ଅଧିକାରୀ ଡିଏସପି ଲିଲିମା ଲଳିତା ବାର୍ଲା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ତଥା ବିଶିଷ୍ଟ ଅତିଥି ଓ ବିଚାରକ ଭାବେ ଝାରସୁଗୁଡ଼ାର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ବାଳଗୋବିନ୍ଦ ମିଶ୍ର, ସମାଜସେବୀ ସାହିତ୍ୟିକା ମାନସୀ ପଣ୍ଡା, ଡାନିଏଲ ପବ୍ଲିକ ସ୍କୁଲ ବ୍ରଜରାଜନଗରର ପ୍ରିନ୍ସିପାଲ ପରମ ଜ୍ୟୋତି ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ସଂଯୁକ୍ତା ମେହେର ମଞ୍ଚ ସଞ୍ଚାଳନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବିତର୍କ ବିଷୟରେ ସୂଚନା ପ୍ରଦାନ କରିଥିବା ବେଳେ ସକାଳର ବରିଷ୍ଠ ଇବ ଥର୍ମାଲ ପ୍ରତିନିଧି ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ସକାଳର ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ତୁଲେଶ୍ୱରୀ ପ୍ରଧାନ କାର୍ଯ୍ୟକ୍ରମର ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରାଯିବା ସହିତ ଝାରସୁଗୁଡ଼ା "ସକାଳ" ପରିବାର ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ବୃକ୍ଷ ଚାରା ଦେଇ ସମ୍ମାନିତ କରାଯାଇଥିଲା । ବିତର୍କ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯିବା ସହିତ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଅଫ ପାର୍ଟିସିପେଶନ ପ୍ରଦାନ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସକାଳ' ପରିବାର ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ତୁଲେଶ୍ୱରୀ ପ୍ରଧାନ, ଇବଥର୍ମାଲ ପ୍ରତିନିଧି ଉମାକାନ୍ତ ପଣ୍ଡା, ନନ୍ଦିଘୋଷ ଟିଭିର ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ମୁକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।









# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଝାରସୁଗୁଡ଼ା,୨୩।୧୧(ସମିସ): ରବିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତା ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ ଜଜ୍ ପୂଜା ଷଡଙ୍ଗୀ, ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର୍) ଦେବଶ୍ରୀ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାରରାଜେନ୍ଦ୍ର ଦାସ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀରେ ପଢୁଥିବା ୨୮ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । କଳା ଶିକ୍ଷକ ମନୋଜ ମହାପାତ୍ର ଓ ସମୀର ପଶାୟତଙ୍କ ସାଙ୍ଗରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ ଜଜ୍ ପୂଜା ଷଡଙ୍ଗୀ ମୂଲ୍ୟାଙ୍କନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ସମସ୍ତ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରାଧିକରଣ ପକ୍ଷରୁ ଅତିଥି ମାନଙ୍କ କରକମଳରେ ପ୍ରଦାନ କରା ଯାଇଥିଲା । ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଚିତ୍ର ଗୁଡିକୁ ଓଡ଼ିଶାରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ପଠାଯିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।



## ବୋହୂର ଠେଙ୍ଗା ମାଡରେ ଶ୍ୱଶୁର ଗୁରୁତର

ଦେବଗଡ଼,୨୩।୧୧(ସମିସ): ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ଧିରମୁଣ୍ଡା ଗାଁର ଚାରିଘରିଆ ସାହିରେ ବୋହୂର ଠେଙ୍ଗା ମାଡରେ ଶ୍ୱଶୁରଙ୍କ ମୁଣ୍ଡ ଫାଟିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଶ୍ୱଶୁର ମଧ୍ୟ ବୋହୂଙ୍କୁ ମାଡ ମାରିଥିବା ନେଇ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି । ଅଭିଯୋଗ ଅନୁଯାୟୀ ପାରିବାରିକ କଳହକୁ କେନ୍ଦ୍ର କରି ରଞ୍ଜନ ଘଡେଇଙ୍କ ସ୍ତ୍ରୀ ବବିତା ଘଡେଇ ତାଙ୍କ ଶ୍ୱଶୁର ତ୍ରିନାଥ ଘଡେଇଙ୍କୁ ଏକ ଠେଙ୍ଗା ଯୋଗେ ମାଡ ମାରିଥିଲେ । ଫଳରେ ତ୍ରିନାଥଙ୍କ ମୁଣ୍ଡ ଫାଟିଯିବା ସହିତ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ତ୍ରିନାଥ ଚିକିତ୍ସା ହୋଇ ଫେରିବା ପରେ ଗତକାଲି କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତ୍ରିନାଥଙ୍କ ଅଭିଯୋଗ ଆଧାରରେ ବବିତାଙ୍କ ବିରୋଧରେ ପୁଲିସ ଗତକାଲି ରାତିରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପଟେ ଆଜି ବବିତା ତାଙ୍କ ଶ୍ୱଶୁରଙ୍କ ବିରୋଧରେ ପାଲଟା ଅଭିଯୋଗ କରିବା ସହିତ ଶ୍ୱଶୁରଙ୍କ ମାଡରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଉଲ୍ଲେଖ କରିଛନ୍ତି । ତେବେ ବବିତାଙ୍କ ଅଭିଯୋଗ ଉପରେ ମାମଲା ହୋଇନଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଜଣାପଡିଛି ।

## ଓପିଜିସି ତରଫରୁ ସ୍ୱାସ୍ଥ୍ୟ ଶିବିର

ଇବଥର୍ମାଲ,୨୩।୧୧(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ (ଓପିଜିସି ) ତରଫରୁ ଆଜି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ ଅନ୍ତର୍ଗତ ପଣ୍ଡରୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡରୀ ସରପଞ୍ଚ ସୁଭାଷିନୀ ସାହୁ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ । ଶିବିରରେ ଇବଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଂଗୀତା ପଣ୍ଡା, ଡାକ୍ତର କିଶୋର ମିଶ୍ରଙ୍କ ସମେତ ସମ୍ବଲପୁରରୁ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡା ମଦନ ମୋହନ ତ୍ରିପାଠୀ ଓ ଭେଷଜ ବିଶେଷଜ୍ଞ ଡା ଦୀପକ ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପଣ୍ଡରୀ, ପେଟଓକଟା, ଗାଦିକଣ୍ଟା, ବେଙ୍କମୁରା ବଲଣ୍ଡଓ, ଗିଦ୍ଧଓ ଏବଂ ଅଇଁଲାଝରନ ଇତ୍ୟାଦି ଗାଁର ୨୩୪ ରୋଗୀଙ୍କୁ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳି ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାଷ୍ଟ୍ରିକ, ପେଟବ୍ୟଥା, ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା । ଓପିଜିସିର ସିଏସଆର ବିଭାଗ ଏବଂ ଇବ ଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ପରିଚାଳିତ ଏହି ଶିବିରରେ ସିଏସଆର ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା, ପ୍ରମୁଖ ଉପସ୍ଥିତ ରହିଥିଲେ । ଇବଥର୍ମାଲ ଚିକିତ୍ସାଳୟର ପ୍ରଭାତ ବାରିକ, ରିତା ଜେମ୍ସ, ସବିତା ନାୟକ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ ବିଶ୍ୱାଳ, ଅଭିମନ୍ୟୁ ଭୋଇ, ଦିଲ୍ଲୀପ ଦୀପ, ସ୍ନେହାଶିଷ ବେହେରା, କୁଞ୍ଜବିହାରୀ ବେହରା, ପ୍ରଫୁଲ୍ଲ ପ୍ରଧାନ ଏବଂ କର୍ଣ୍ଣ ବାଗ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।




# ବାରମ୍ବାର ଖବର ପ୍ରକାଶ ପରେ ଜିଲ୍ଲା ଖଣିଜ ପାଣ୍ଠିରୁ ମିଳିଲା ଅନୁଦାନ

ଝାରସୁଗୁଡ଼ା,୨୩।୧୧(ସମିସ)


ସକାଳ
ଗାଁରେ ପଶିପାରୁନି ଆମ୍ବୁଲାନ୍ସ
ବର୍ଷାରେ ରାସ୍ତା ପାଲଟିଛି ମୃତ୍ୟୁଫାଶ


ସକାଳ
ପକ୍କା ରାସ୍ତା ସାତସପନ
ନିତି କଷ୍ଟ ଭୋଗୁଛନ୍ତି ଗର୍ଭବତୀ, ଶିଶୁ, ଛାତ୍ରଛାତ୍ରୀ

'ସକାଳ' ପ୍ରଭାବ

ବିକଶିତ ଜିଲ୍ଲା ଭାବେ ପରିଗଣିତ ହେଉଥିବା ଝାରସୁଗୁଡ଼ା ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ କଦଳିମୁଣ୍ଡା ଗାଁରରାସ୍ତା ଅବସ୍ଥା ଦୀର୍ଘ ବର୍ଷ ହେବ ଶୋଚନୀୟ ହୋଇ ପଡିରହିଥିବା ବେଳେ ବର୍ଷା ହେଲେ ଗ୍ରାମବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା । ଲୋଇସିଂହ ପଞ୍ଚାୟତ ବାରଖଣ୍ଡିଆ କଦଳୀମୁଣ୍ଡାରାସ୍ତା ଅବସ୍ଥା ଅତି ଶୋଚନୀୟ ହେବା ଫଳରେ କୋମଳମତି ଶିଶୁ ସମେତ ମହିଳା ଏବଂ ଗ୍ରାମବାସୀ ନୀତି କଷ୍ଟ ଭୋଗୁଥିଲେ । ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଯୁବକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ, ଝାରସୁଗୁଡ଼ା ଜିଲ୍ଲାପାଳ, ପଞ୍ଚାୟତିରାଜ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଗତ ସକାଳ ଖବରକାଗଜରେ ଗତ ୨୦୨୫ ଜୁଲାଇ ୨୭ ତାରିଖରେ "ଗାଁରେ ପଶିପାରୁନି ଆମ୍ବୁଲାନ୍ସ, ବର୍ଷାରେ ରାସ୍ତା ପାଲଟିଛି ମୃତ୍ୟୁଫାଶ" ଶୀର୍ଷକ ଖବର, ୨୦୨୩ ଅଗଷ୍ଟ ୨୮ ତାରିଖରେ "ପକ୍କା ରାସ୍ତା ସାତସପନ, ନୀତି କଷ୍ଟ ଭୋଗୁଛନ୍ତି ଗର୍ଭବତୀ, ଶିଶୁ, ଛାତ୍ରଛାତ୍ରୀ" ଶୀର୍ଷକ ଖବର ପ୍ରକାଶ ପରେ ପ୍ରଶାସନିକ ମହଲରେ ତତ୍ପରତା ପ୍ରକାଶ ପାଇଥିଲା । ଏହା ସହିତ ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗ ଓ ଖବରକାଗଜରେ ପ୍ରକାଶ ପାଇବା ପରେ ବାରଖଣ୍ଡିଆ ପିଡବ୍ଲ୍ୟୁଡିରୋଡ ଠାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳିମୁଣ୍ଡା ରାସ୍ତା ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ୧୦ମ ଟ୍ରଷ୍ଟବୋର୍ଡ ବୈଠକରେ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡରପ୍ରକ୍ରିୟା ଆରମ୍ଭ ହୋଇଥିଲା । ବର୍ତ୍ତମାନ ପୂରଣ ହେବାକୁ ଯାଉଛି କଦଳୀମୁଣ୍ଡା ଗ୍ରାମବାସୀଙ୍କ ଦୀର୍ଘବର୍ଷର ଦାବି । ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ଗାଁପଞ୍ଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଖେଳ ପଡିଆ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଏଥିରେ ପ୍ରାୟ ସାଢ଼େ ୮କୋଟିରୁ ଅଧିକ ଅଟକଳ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ବାରଖଣ୍ଡିଆ ପିଡବ୍ଲୁଡିରୋଡ ଠାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳିମୁଣ୍ଡା ରାସ୍ତା ଏବଂ ବ୍ରିଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ୪କୋଟି ୯୧ଲକ୍ଷ ଅଟକଳ ମୂଲ୍ୟରେ ବାରଖଣ୍ଡିଆ ପିଡବ୍ଲୁଡିରାସ୍ତାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳୀମୁଣ୍ଡା ରାସ୍ତା ଏବଂ ଏହିରାସ୍ତା ବଘେଇନାଳ ଉପରେ ୫କୋଟି୧୭ ଲକ୍ଷ ଅଟକଳରେ ସେତୁ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩କୋଟି ୮୯ ଲକ୍ଷ ଟଙ୍କା ବ୍ୟୟରେ ଠରକଶପୁର ଶିବ ମନ୍ଦିର ଠାରୁ ଡିଗ୍ରିପଡା ଦେଇ ଭୋଇମୁଣ୍ଡା ପର୍ଯ୍ୟନ୍ତରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

### ରାଜସ୍ୱମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି, ମଙ୍ଗଳ ସାହୁ, ଝାରସୁଗୁଡ଼ା ବିଡିଓ ଅନିଲ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହିରାସ୍ତା ନିର୍ମାଣଫଳରେ କଦଳିମୁଣ୍ଡା ଗ୍ରାମବାସୀଙ୍କ ସମେତ ସମଗ୍ର ଲୋଇସିଂହ ପଞ୍ଚାୟତ ଏବଂ ସୁନ୍ଦରଗଡ ଅଞ୍ଚଳର ଜନସାଧାରଣ ମଧ୍ୟ ଉପକୃତ ହେବେ ।

## ଖ୍ରୀଷ୍ଟୀୟ ସମାଜର ଗୃହ ଉଦ୍‌ଘାଟନ

**ବରଗଡ଼, ୨୩।୧୧(ସମିସ):** ବରଗଡ଼ ସିଏନଆଇ ଚର୍ଚ୍ଚ ଆନୁକୂଲ୍ୟରେ ଖ୍ରୀଷ୍ଟିୟ ସମାଜର ଗୃହ ଉଦ୍‌ଘାଟନ ଓ ପ୍ରଭୁ ଯିଶୁଙ୍କ ଜନ୍ମତିଥିର ସ୍ୱାଗତ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ତାଙ୍କ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ, ଯୋଗଦେଇ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, କାଉନସିଲର ଜ୍ୟୋତ୍ସ୍ନା ପାଇକ, କାଉନସିଲର ପ୍ରିୟା ତାଣ୍ଡି, ସିଏନଆଇ ଚର୍ଚ୍ଚ ମହିଳା ସମିତି ସଭାନେତ୍ରୀ କୁମୁଦିନୀ ବାଗ, ସମାଜସେବୀ ଚନ୍ଦ୍ର ଶେଖର ବାଗ, ପିଙ୍କୁନ ମହାନ୍ତି, ସମାଜସେବୀ କମଲ ତାଣ୍ଡି, ଉର୍କୁଲୁ ତାଣ୍ଡି, ବ୍ୟାମକେଶ କର, ସୁବ୍ରତ ବିରତିଆ, ଜନ ନିଉଟନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଶାଳ ବାଗ କାର୍ଯ୍ୟକ୍ରମରେ ବାକ୍ୟ ପରିବେଷଣ କରିଥିବା ବେଳେ ମିଥାଇଲ ନାଗ ଶେଷ ପ୍ରାର୍ଥନା କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ଓ ମଣ୍ଡଳୀ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଫାର୍ମାସୀ ସପ୍ତାହ ଉତ୍ସବ ଉଦ୍‌ଯାପିତ

**ବରପାଲି, ୨୩।୧୧(ସମିସ):** ବରପାଲି ଫାର୍ମାସୀ କଲେଜ ପରିସରରେ ଜାତୀୟ ଫାର୍ମାସୀ ସପ୍ତାହ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବରପାଲି ଫାର୍ମାସୀ କଲେଜ ତରଫରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ 'ଟୀକାକରଣର ପ୍ରବକ୍ତା ଭାବେ ଫାର୍ମାସିଷ୍ଟ' ବିଷୟବସ୍ତୁ ଉପରେ ଆଲୋଚନା ବୈଠକ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ହିମାଞ୍ଚଳ ସାହୁ, ସରପଞ୍ଚ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତେଜରୁ ବାରିକ, କବି ଓ ସାହିତ୍ୟିକ, ହର୍ଷ ବେହେରା କବି ଓ ସାମ୍ବାଦିକ, ପ୍ରତିମା ସାହୁ କବି, କକମିଟି ସମ୍ପାଦକ ଦାମୋଦର ପଣ୍ଡା, ପ୍ରଦ୍ୟୁମ୍ନ ତ୍ରିପାଠୀ ଏମ୍‌ସି ସଦସ୍ୟ, ନାରାୟଣ ପ୍ରଧାନ ଏମ୍‌ସି ସଦସ୍ୟ, ଶଶିଭୂଷଣ ପ୍ରଧାନ ଏମ୍‌ସି ସଦସ୍ୟ, ବିମଳ ଦାଶ ଏମ୍‌ସି ସଦସ୍ୟ, ନିର୍ଦ୍ଦେଶକ ଡ.ରଞ୍ଜନ ସାହୁ, ଅଧ୍ୟକ୍ଷ ଡ.ଆଶୁତୋଷ ପ୍ରଧାନ, ଆରଏଲଏଚ କଲେଜ ଅଧ୍ୟକ୍ଷ ଡ.ଆଶୁତୋଷ ମେହେରଙ୍କ ସମେତ କାର୍ଯ୍ୟକ୍ରମ ସଂଯୋଜକ ଡ.ସନ୍ତୋଷ ଦାଶ, ଅବିନାଶ ସାହୁ, ଡ.ଅର୍ଣ୍ଣବାଦିତ୍ୟ ମହାନ୍ତି, ଡ.ଶ୍ରୀମନ୍ତ ଦାଶ, ଡ.ଅବଦୁଲ ସୟଦ ଖାନ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ, ସହ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇଥିଲା। ପରେ ଅତିଥି ମାନଙ୍କ ଗହଣରେ ପୁରସ୍କାର ବିତରଣ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା।

## ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ଭେଡେନ, ୨୩।୧୧(ସମିସ):** ଭେଡେନସ୍ଥିତ କଲ୍ୟାଣ ମଣ୍ଡପରେ ଭେଡେନ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାକୁ ବିଚାରପତି ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ସପ୍ତମ, ଅଷ୍ଟମ, ନବମ ଦଶମ ଶ୍ରେଣୀର ୫୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୋର୍ଟର କର୍ମଚାରୀ ପୁଷ୍ପମିତ୍ର ବେହେରା, ଦୁବରାଜ ସୋରେନ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ



**ପଦ୍ମପୁର, ୨୩।୧୧(ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୧ତମ ବାର୍ଷିକ କ୍ରୀଡା ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ପ୍ରାତଃ ପର୍ଯ୍ୟାୟରେ ପ୍ରଧାନ ଶିକ୍ଷକ ଜମରତଲା ହାଇସ୍କୁଲ ରାଜେଶ ଖମାରୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାକୁ ଆରମ୍ଭ କରିଥିଲେ। ଓଡ଼ିଶା ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଖଗେଶ୍ୱର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଟାଉନ ହାଇସ୍କୁଲ କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ, ଶିକ୍ଷା ବିକାଶ ସମିତି ବିଦ୍ୱତ୍ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା, ସଭାପତି ପୃଥ୍ୱୀରାଜ ସାହୁ, ସଙ୍କୁଳ ପ୍ରମୁଖ ଦ୍ୱାଦଶ ପଧାନ, ନିରୋଜ ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାରୀରିକ ପ୍ରମୁଖ ପ୍ରଦୀପ ରାଜହଂସ ବୃତ୍ତ କଥନ କରିଥିଲେ। ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ୭୯ ପ୍ରତିଯୋଗିତାରେ ୨୫୨ ଜଣ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବାଳ ବର୍ଗରୁ ଡୁଲେଶ୍ୱରୀ ନାଗ ଓ କିଶୋର ବର୍ଗରୁ ଶେଫାଳି ପ୍ରଧାନ ପୁରସ୍କୃତ ହୋଇଥିଲେ।

**'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ବିତର୍କ ପ୍ରତିଯୋଗିତା**

# କନିଷ୍ଠରେ ସାଲିନୀ, ବରିଷ୍ଠରେ ଅବିନାଶ ପ୍ରଥମ





**ବରଗଡ଼, ୨୩।୧୧(ସମିସ)**

ଦୈନିକ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ବରଗଡ଼ ରାଣା ପ୍ରତାପ ସ୍କୁଲଠାରେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଡ. ରବିନାରାୟଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ବିବେକାନନ୍ଦ ଅଦାବର୍, ଶିକ୍ଷାବିତ୍ ସୁଦର୍ଶନ ବାରିକ, ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ଅନିଲ ସାବତ ପ୍ରମୁଖ ଯୋଗ ଦେଇ ଥିଲେ। ତେବେ କନିଷ୍ଠ ବିଭାଗରେ ରାଣା ପ୍ରତାପ ସ୍କୁଲର ଛାତ୍ରୀ ସାଲିନୀ ସା ଓ ବରିଷ୍ଠ ବିଭାଗରେ ପଞ୍ଚାୟତ ଡିଗ୍ରୀ କଲେଜ ଛାତ୍ର ଅବିନାଶ ନାଗ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି।

କନିଷ୍ଠ ବିଭାଗରେ ପୀୟୂଷ ନାଏକ ଦ୍ୱିତୀୟ, ପାୟଲ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବିଭାଗରେ ଚନ୍ଦ୍ରିକା ପ୍ରଧାନ ଦ୍ୱିତୀୟ ଓ ଧରିତ୍ରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଦୈନିକ ସକାଳ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରତିନିଧି ହିମାଂଶୁ ନନ୍ଦ, ପଶ୍ଚିମ ଓଡ଼ିଶା ପ୍ରସାର ମୁଖ୍ୟ ସୁଦାମ ପ୍ରଧାନ ଓ ପାଇକମାଳ ବ୍ଲକ ପ୍ରତିନିଧି ଗିରିଶ ଚନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିବା ବେଳେ ସୁଦର୍ଶନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଂରାଜୀ ଭାଷା ଦକ୍ଷତା ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼, ୨୩।୧୧(ସମିସ):** ସ୍ଥାନୀୟ ଟାଉନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ଭାଷାର ଦକ୍ଷତା ବୃଦ୍ଧି ପାଇଁ ବିଜ୍ଞାନ ଓ କଳା ଶିକ୍ଷକମାନଙ୍କ ପଞ୍ଚ ଦିବସୀୟ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି।



ଏଥିରେ ବରଗଡ଼ ଏଡିଇଓ ସରୋଜ ଭୁଏ, ପର୍ଯ୍ୟବେକ୍ଷକ ତରଣୀସେନ୍ ବୁଧିଆ, ଟାଉନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ସାହୁ, ଧିରୋଜ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ବିକାଶ ବଘେଲଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷକ ଆଲୋକ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ବରଗଡ଼, ବଲାଙ୍ଗିର, ଦେବଗଡ଼ ଓ ସୋନପୁରରୁ ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରଗଡ଼ରୁ ବିକାଶ ବଘେଲ, ଦୟାସାଗର ମିଶ୍ର, ଦେବଗଡ଼ରୁ ମମତା ମଞ୍ଜରୀ ପ୍ରଧାନ, ବଲାଙ୍ଗିରରୁ ଶିକ୍ଷକ ନରେଶ ଦ୍ୱାରା ଓ ଗଣନାଥ ସାହୁ, ସୋନପୁରରୁ ସର୍ବେଶ୍ୱର ପୁଝାରୀ ଓ ଉମାକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ରାମନାରାୟଣ ଦାସ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ବିକାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଲତା ସମାଜ ଆନୁକୂଲ୍ୟରେ ମେଧାବୀ ଅଭିମୁଖୀକରଣ ଅଭିଯାନ

**ଭଟଲି, ୨୩।୧୧(ସମିସ):** ଆଗାମୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ଆଖିଆଗରେ ରଖି ରବିବାର ଠାରୁ ପରୀକ୍ଷା ପର୍ଯ୍ୟନ୍ତ ଭଟଲି ବ୍ଲକ କୁଲତା ସମାଜ ଆନୁକୂଲ୍ୟରେ ମେଧାବୀ ଅଭିମୁଖୀକରଣ ଅଭିଯାନ ଆରମ୍ଭ ହୋଇଛି। ଏହି ଅନୁକ୍ରମରେ ଆଜି ପ୍ରାରମ୍ଭିକ ସଭାରେ କୁଲତା ସମାଜର ସଭାପତି ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ମାଧବ ପ୍ରସାଦ ସାହୁ, ଉପ ସଭାପତି ବୈରାଗୀ ଚରଣ ସାହୁ, ସାଧନକର୍ମୀ ଶିକ୍ଷକ ଦେବାନନ୍ଦ ବିଶି, କୃଷ୍ଣ କେଦାର ସାହୁ, ଅନ୍ତର୍ଯ୍ୟାମୀ ବୁଧିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ଯେପରି ଏ-୧ ଶ୍ରେଣୀ ଅନ୍ତର୍ଭୁକ୍ତ ହେବେ ସେହି ଉଦ୍ଦେଶ୍ୟକୁ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀସାହୁ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହା ସହିତ ଅଭିଜ୍ଞ ଶିକ୍ଷକ ମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯିବାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ରବିବାର ଦିନ ପାଠ ପଢ଼ା ହେବ ବୋଲି ସଭାପତି ମହୋଦୟ ସୂଚନା ଦେଇଥିଲେ। ଶିକ୍ଷକ ଆନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ବୈରାଗୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଭିଯାନରେ ଅନ୍ୟତମ ସାଧନ କର୍ମୀରୂପେ ନିତୁ ବୁଧିଆ, ଠାକୁର ସାହୁ ଉପସ୍ଥିତ ଥିଲେ। ଉପେନ୍ଦ୍ର ଖମାରୀ କାର୍ଯ୍ୟକ୍ରମର ସଂଯୋଜକ ରୂପେ ଦାୟିତ୍ୱ ତୁଲାଇଥିଲେ। ଉପଦେଷ୍ଟା ରୂପରାଜ ସାହୁ ଏବଂ ସମ୍ପାଦକ ଦୁଃଖନାସନ ସାମଲ ସମେତ ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


## ସତ୍ୟାଗ୍ରହୀଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ

**ପଦ୍ମପୁର, ୨୩।୧୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ କେନ୍ଦୁଭଟା ଗାଁରେ ଏକ ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ କରିବା ପାଇଁ ସାଂସଦ ଉନ୍ନୟନ ପାଣ୍ଠିରୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ୪ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ନିମନ୍ତ୍ରଣ କ୍ରମେ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୁଭାରମ୍ଭ କରିବା ପାଇଁ ସାଂସଦ ଶ୍ରୀ ପୁରୋହିତ ଗାଁରେ ପହଞ୍ଚି ଥିଲେ। ଶତାଧିକ ମହିଳା, ପୁରୁଷ ସାଂସଦଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ଏହି ଅବସରରେ ଶୋଭାଯାତ୍ରାରେ ସାମିଲ ଥିବା ଗାଁର ଗନ୍ଧମାର୍ଦ୍ଦନ ଆନ୍ଦୋଳନର ସତ୍ୟାଗ୍ରହୀ ୮୫ ବର୍ଷ ବୟସ୍କ ଆଦିବାସୀ ମହିୟସୀ ମହିଳା ତୁଳସୀ ବରିହାଙ୍କୁ ସାଂସଦ ଶ୍ରୀ ପୁରୋହିତ ପାଦଧୋଇ ସମ୍ବର୍ଦ୍ଧିତ କରିଥିଲେ।

## ଶିକ୍ଷକ ନରସିଂହ ସୂପକାରଙ୍କ ଜନ୍ମ ଶତବାର୍ଷିକୀ

**ବରଗଡ଼, ୨୩।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ କୁମ୍ଭୋ ପଞ୍ଚାୟତ ସାନ ସରାଇପାଲି ବାବା କେଦାରନାଥ ମନ୍ଦିର ପରିସରରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ନରସିଂହ ସୂପକାରଙ୍କ ଜନ୍ମ ଶତବାର୍ଷିକୀ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୀତାରାମ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଶିଭୂଷଣ ପାଣିଗ୍ରାହୀ ଓ ମୁଖ୍ୟ ବକ୍ତା ଭାବେ ଗୌରାଙ୍ଗ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ନେପାଳ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୂରଲୀ ନାଏକ, ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ଶ୍ରୀ ସୂପକାରଙ୍କ ସ୍ମୃତିଚାରଣ କରାହୋଇଥିଲା। ସ୍ୱତନ୍ତ୍ର ବକ୍ତା ଭାବେ ରାଜ ବଘେଲ, କେଶବ ପ୍ରଧାନ, ଗଜେନ୍ଦ୍ର ବାଗ, ବୈଷ୍ଣବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ରୋହିତ ଭୂଏ ଓ ସନ୍ତୋଷ ମାଝୀ ସଭା ସଂଯୋଜନା କରିଥିଲେ। ଏଥିରେ ପ୍ରେମାନନ୍ଦ ସୁପକର, ଜନାର୍ଦ୍ଦନ ସୁପକର, ଯୋଗେଶ ଚନ୍ଦ୍ର ସୁପକର, ରମେଶ ଚନ୍ଦ୍ର ସୁପକର, ଉମେଶ ସୁପକର, ଭାର୍ଗବୀ ସୁପକର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁରେଶ ସୁପକର ଧନ୍ୟବାଦ ଦେଇଥିଲେ।

# ଭେଡେନ ଜମିଦାର ମନୋହର ସିଂ ନାଟକ ପ୍ରଦର୍ଶିତ



**ବରଗଡ଼ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା**

**ବରଗଡ଼, ୨୩।୧୧(ସମିସ):** "ଭେଡେନ ଜମିଦାର ମନୋହର ସିଂଙ୍କ ବୀରତ୍ୱର କାହାଣୀ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଉଦାହରଣ ଅଟେ।" ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ୨୨ତମ ପୁସ୍ତକ ମେଳା ଅବସରରେ ଏହି ମତ ପ୍ରକାଶ ପାଇଛି। ପୁସ୍ତକ ମେଳାରେ ଭେଡେନର ରାମଲୀଳାର କଳାକାର ମାନଙ୍କ ଦ୍ୱାରା ଅଭିନୀତ ନାଟକ 'ଭେଡେନ ଜମିଦାର ମନୋହର ସିଂ' ପ୍ରଦର୍ଶିତ ହୋଇଥିଲା। ମନୋହର ସିଂ ଭାରତର ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମରେ ବୀରତ୍ୱର ସହ ଭାଗ ନେଇଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ ଭେଡେନ ଜମିଦାର ମନୋହର ସିଂ ଥିଲେ। ତାଙ୍କ ଦ୍ୱାରା ହୋଇଥିବା ଉଲ୍‌ଗୁଲାନର ମୁକ ସାକ୍ଷୀ ପାପଙ୍ଗା ପାହାଡ, ବସେଖୋଲା ଗଡ଼, ଖାନସମା କଟା। ଏହି ସଂଗ୍ରାମ ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା। କଳାକାର ମାନଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ପକ୍ଷରୁ ପ୍ରଦାନ କରାଯାଉଥିବା ମେଧା ସମ୍ମାନ ଅତିଥି ଶ୍ରୀ ଆଚାର୍ଯ୍ୟ ପ୍ରଦାନ କରିଥିଲେ। ବରଗଡ଼ ପୌର ପରିଷଦ ଅଞ୍ଚଳର ସରକାରୀ ସ୍କୁଲ ମାଟ୍ରିକରେ ସର୍ବୋଚ୍ଚ ମାର୍କ ରଖିଥିବା ସମଲେଶ୍ୱରୀ ହାଇସ୍କୁଲ ଅମ୍ବାପାଲିର ଛାତ୍ରୀ ସ୍ନେହରାଣୀ ବିର୍ତିଆଙ୍କୁ ସ୍ୱର୍ଗତ ସତ୍ୟନାରାୟଣ ସାହୁ ମେଧା ସମ୍ମାନ, ସମଗ୍ର ବରଗଡ଼ ଜିଲ୍ଲାରେ ମାଟ୍ରିକରେ ସର୍ବୋଚ୍ଚ ମାର୍କ ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ବବିତା ରଥଙ୍କୁ ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, ଯୁକ୍ତ ଦୁଇ ବିଜ୍ଞାନରେ ସମଗ୍ର ଜିଲ୍ଲାରେ ଶ୍ରେଷ୍ଠ ଛାତ୍ରୀ ଭାବେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିସା ପ୍ରଧାନଙ୍କୁ ସ୍ୱର୍ଗୀୟା ଆଶଲତା ପଟ୍ଟନାୟକ ମେଧା ସମ୍ମାନ, ଯୁକ୍ତ ଦୁଇ ବିଜ୍ଞାନରେ ସମଗ୍ର ଜିଲ୍ଲାରେ ଶ୍ରେଷ୍ଠ ଛାତ୍ର ଭାବେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ମନୀଷ ଅଗ୍ରୱାଲଙ୍କୁ ସ୍ୱର୍ଗତ ଆନନ୍ଦ ରଥ ମେଧା ସମ୍ମାନ, ଶିକ୍ଷା ବିଷୟ ଅନର୍ସରେ ଜିଲ୍ଲାରେ ଶ୍ରେଷ୍ଠ ମାର୍କ ରଖିଥିବା ବରଗଡ଼ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ରଥଙ୍କୁ ସ୍ୱର୍ଗତ କିରଣମୟୀ ମହାପାତ୍ର ମେଧା ସମ୍ମାନ, ପଦାର୍ଥ ବିଜ୍ଞାନରେ ଜିଲ୍ଲାରେ ଶ୍ରେଷ୍ଠ ମାର୍କ ରଖିଥିବା ପଦ୍ମପୁର ଜୟଦେବ ଇଷ୍ଟିଚ୍ୟୁଟ ଅଫ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ଛାତ୍ର ଅମନ୍ ମୋହନ ସାହୁଙ୍କୁ ସ୍ୱର୍ଗତ ଲିଙ୍ଗରାଜ ନାୟକ ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ପୂର୍ବତନ ବିଧାୟକ ଆଚାର୍ଯ୍ୟ ଓ ସମସ୍ତ ପୁରସ୍କାରର ପ୍ରାୟୋଜକ ଓ ପାଠାଗାରର ସଭାପତି ଶ୍ରୀ ମହାନ୍ତି ପାଠାଗାର ପକ୍ଷରୁ ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ନକୁଳ ବାଦୀଙ୍କ ପୁସ୍ତକ ନାଟକ ଚଡଉଁରାକୁ ଶ୍ରୀ ଆଚାର୍ଯ୍ୟ ଉନ୍ମୋଚନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ଅରୁଣ ମହାନ୍ତି ପୌରୋହିତ୍ୟ କରିଥିଲେ। ଉପ ସଭାପତି ମନୋରଞ୍ଜନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ଜୟ ପ୍ରକାଶ ଶତପଥୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏଇଏମ୍ ଇଂରାଜୀ ମାଧ୍ୟମ ସ୍କୁଲର ଚେୟାରମ୍ୟାନ ଯଶବିର ସିଂ, ଅଧ୍ୟକ୍ଷ ପ୍ରଦୀପ ମିଶ୍ର, ଟ୍ରଷ୍ଟି ମନୋରଞ୍ଜନ ମିଶ୍ର, ଆଚିଭର କନସେପ୍ଟ ସ୍କୁଲର ସଭାପତି ବିଭୁ ମିଶ୍ର, ଚେୟାରମ୍ୟାନ ପ୍ରଭାସ ସାହୁ, କୋଷାଧ୍ୟକ୍ଷ ଦୀପକ ପାତ୍ର, ଅଧ୍ୟକ୍ଷା ମିତା ସାହୁ ପ୍ରମୁଖ ଶୁଭାରମ୍ଭ କରିଥିଲେ।

# ପୁଝାରୀପାଲି ଅଙ୍ଗନଦୀ ବନ୍ଧ ପ୍ରକଳ୍ପକୁ ବିରୋଧ

**ଗର୍ଜିଲେ ସରେଇ ଖେଲା ଓ ବୁଡ଼ି ଅଞ୍ଚଳବାସୀ**

**ପଦ୍ମପୁର, ୨୩।୧୧(ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ପୁଝାରୀପାଲିରେ ପ୍ରସ୍ତାବିତ ଅଙ୍ଗନଦୀ ବନ୍ଧକୁ ଲୋକେ ବିରୋଧ କରିଛନ୍ତି। ପୁଝାରୀପାଲି ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟି, ସରେଇଖେଲା ଗ୍ରାମବାସୀ ଓ ବୁଡି ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ସଦସ୍ୟଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରତିରୋଧ କମିଟିର ଉପ ସଭାପତି ସୁଶାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ସରେଇଖେଲା ସରପଞ୍ଚ ଉପେନ୍ଦ୍ର ପଟେଲ, ପୂର୍ବତନ ସରପଞ୍ଚ ମୁକୁନ୍ଦ ଦେବ ସାହୁ, ପ୍ରତିରୋଧ କମିଟି ସମ୍ପାଦକ ଆଇନଜୀବୀ କେଶବ ସାହୁ, ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ଜଳଧର ବରିହା, ଟୁନା ଡନସନା, ସୁନୀଲ ଅଗ୍ରୱାଲ ଏହି ପ୍ରକଳ୍ପ ବିରୋଧରେ ଅଭିଭାଷଣ ରଖିଥିଲେ।



ସୂଚନା ଅନୁସାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୩୨ଖଣ୍ଡ ମୌଜାର ୬୨୨୮ ପରିବାରର ୩୦ହଜାର ଲୋକ ବାସଚ୍ୟୁତ ହେବେ। ୧୧ଟି ମୌଜା ସମ୍ପୂର୍ଣ୍ଣ ଜଳମଗ୍ନ ହେବ। ୨୧ଟି ଗାଁ ଆଂଶିକ ପ୍ରଭାବିତ ହେବ। ଆଂଶିକ ପ୍ରଭାବିତ ହେଉଥିବା ଅଞ୍ଚଳରେ ଚାଷଜମିରେ ପାଣି ମାଡି ଯିବ। ୩୯୧୨.୬୭ ହେକ୍ଟର ସାଧାରଣ ଜମି, ୨୧୨.୩୫ ହେକ୍ଟର ଜଙ୍ଗଲ ଜମି, ୯୭୪.୯୮ ସରକାରୀ ଜମି ଜଳମଗ୍ନ ହେବ। ଏହାସହ ଏହି ଅଞ୍ଚଳରେ ୟୁରାନିୟମ, ଲୁହାପଥର, ଚୂନ ପଥର ଗଚ୍ଛିତ ଥିବା ପୂର୍ବ ଭୂ-ଗର୍ଭ ସର୍ବେକ୍ଷଣ ରିପୋର୍ଟ କହୁଛି। ତେଣୁ ମୂଲ୍ୟବାନ ଜମି, ଜଙ୍ଗଲ ଓ ଖଣି ଜଳ ସମାଧି ନେବା ନିଶ୍ଚିତ। ପ୍ରତି ଗାଁ ଗାଁରେ ମହିଳା, ଯୁବକ ଓ ବରିଷ୍ଠଙ୍କ ପୃଥକ କମିଟି ଗଠନ କରାଯାଇ ପ୍ରକଳ୍ପ ବିରୋଧରେ ଜୋରଦାର ଲଢ଼େଇ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକ ଶେଷରେ ଶତାଧିକ ମହିଳା ବୈଠକରେ ଉପସ୍ଥିତ ବୁଡି ଅଞ୍ଚଳବାସୀ ସରେଇଖେଲା ଗାଁ ପରିକ୍ରମା କରି ପ୍ରକଳ୍ପ ବିରୋଧରେ ନାରା ଦେଇଥିଲେ। ବୈଠକରେ କୁଳମଣି ବାରିକ, ପ୍ରତାପ ସାହୁ, ଅଶୋକ ପ୍ରଧାନ, ଭୀଷ୍ମଦେବ ବେହେରା, ଅରୁଣ ପ୍ରଧାନ ସମେତ ସମସ୍ତ ସରେଇଖେଲା ଗ୍ରାମବାସୀ ସହଯୋଗ କରିଥିଲେ।

## ଧାନ ରଖିବାକୁ ଜାଗା ନାହିଁ

**● ଚିନ୍ତାରେ ପଦ୍ମପୁର ଉପଖଣ୍ଡର ଚାଷୀ**




**ପଦ୍ମପୁର, ୨୩।୧୧(ସମିସ):** ବରଗଡ଼ ଜିଲ୍ଲା ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରେ ପ୍ରାୟ ୯୦ଭାଗ ଧାନ ଅମଳ ସରିଗଲାଣି; ମାତ୍ର ଅମଳ ଧାନ ରଖିବା ପାଇଁ ଚାଷୀଙ୍କ ପାଇଁ ସେମିତି ସୁରକ୍ଷିତ ଜାଗା ନାହିଁ। ଅପରପକ୍ଷରେ ବରଗଡ଼ ଜିଲ୍ଲା ପ୍ରଶାସନ ଆସନ୍ତା ୨୮ ତାରିଖ ମଣ୍ଡି ଖୋଲିବା ନେଇ ଘୋଷଣା କରିଥିବା ବେଳେ ଧାନ ବିକ୍ରି ନେଇ ଟୋକନ ମେସେଜ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ପାଖକୁ ପହଞ୍ଚି ନାହିଁ; ଯାହାକି ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ସେହିପରି ଭାରତୀୟ ପାଣି ପାଗ ବିଭାଗର ଆକଳନ ଓ ସାମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। କେତେକ ଚାଷୀ ସ୍ଥାନ ଅଭାବରୁ ନିଜର ଅମଳ ଧାନକୁ ବହୁତ କମ୍ ମୂଲ୍ୟରେ ବେପାରୀ ହାତରେ ଟେକି ଦେବାକୁ ବାଧ୍ୟ ହେଉଛନ୍ତି। ମଣ୍ଡି ଖୋଲିବାରେ ପ୍ରଶାସନର ବିଳମ୍ବ ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

| ସ୍ଥାନ | | କନିଷ୍ଠ | | ବରିଷ୍ଠ | |
|---|---|---|---|---|---|
| | | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ |
| ଭୁବନେଶ୍ୱର | ୧ମ | ଶୁଭଲକ୍ଷ୍ମୀ ସାହୁ | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ଶାଶ୍ୱତୀ ପ୍ରିୟଦର୍ଶିନୀ | ଉତ୍କଳ ବିଶ୍ୱବିଦ୍ୟାଳୟ |
| | ୨ୟ | ସୁଶ୍ରୀ ସୁରଭି | ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮ | ସୂର୍ଯ୍ୟକାନ୍ତ ବେହେରା | ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | | | | ଅସ୍ତିକ ମିଶ୍ର | କିଟ୍ ବିଶ୍ୱବିଦ୍ୟାଳୟ |
| | ୩ୟ | ପରିଣୀତି ବେହେରା | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ବିଶ୍ୱରଞ୍ଜନ ରାଉତରାୟ | ଉତ୍କଳ ବିଶ୍ୱବିଦ୍ୟାଳୟ |
| ଖୋର୍ଦ୍ଧା | ୧ମ | ହିମାଂଶୁ ସାହୁ | କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରାଣନାଥ ମହାବିଦ୍ୟାଳୟ |
| | ୨ୟ | ମୈଥିଲି ନାୟକ | ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଶିଆଳିଆ | ତପସ୍ୱିନୀ ରଥ | ପ୍ରାଣନାଥ ମହାବିଦ୍ୟାଳୟ |
| | ୩ୟ | ସ୍ୱପ୍ନାରାଣୀ ଜେନା | ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଅର୍ଜୁନପୁର | ଅଞ୍ଜୁଶ୍ରୀ ମହାପାତ୍ର | ମହିଳା ମହାବିଦ୍ୟାଳୟ |
| ନୟାଗଡ଼ | ୧ମ | ପ୍ରୀତିମୟୀ ସାହୁ | ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ | ସାଗର ବେହେରା | ରାଜସୁନାଖଳା ଡିଆଇଇଟି |
| | ୨ୟ | ପଲ୍ଲବୀ ପ୍ରିୟଦର୍ଶିନୀ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଶୁଭାଶିଷ ଦାଶ | ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଜ୍ଞାନରଞ୍ଜନ ଦାଶ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ବିଶ୍ୱକଲ୍ୟାଣ ତ୍ରିପାଠୀ | ୟୁନିଟେକ୍ ମହାବିଦ୍ୟାଳୟ |
| ଅନୁଗୁଳ | ୧ମ | ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର | ପି.ଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ | ସ୍ମୃତିସ୍ମିତା ରାଉତ | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୨ୟ | ସୁରଭି ସାହୁ | ରୋଟାରି ପବ୍ଲିକ ସ୍କୁଲ | ସନ୍ଦୀପ ଖିଲାର | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୩ୟ | ଇପ୍ସିତା ମିଶ୍ର | ସରକାରୀ ଉଚ୍ଚବିଦ୍ୟାଳୟ | ସୌମ୍ୟା ସମାପେକ୍ଷା ନାୟକ | ରୋଟାରି ପବ୍ଲିକ ସ୍କୁଲ |
| ପୁରୀ | ୧ମ | ଶୁଭାଙ୍ଗୀ ସାହୁ | ଘୋଡାବଜାର ଏସ୍‌ଏସ୍‌ଭିଏମ୍ | ରୋଜାଲିନ ରାଉତ | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରାଚୀ ପ୍ରଧାନ | ଚନ୍ଦ୍ରଶେଖର ଏକାଡେମୀ | ଆର୍ଯ୍ୟମାନ କର | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ରୁପାଲି ଭୋଇ | ବଳଗଣ୍ଡି ଉଚ୍ଚବିଦ୍ୟାଳୟ | ଅର୍ପିତା ପଟ୍ଟନାୟକ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ |
| କଟକ | ୧ମ | ସିଦ୍ଧାନ୍ତ କୁମାର ସାହୁ | ରେଭେନ୍ସା କଲିଜିଏଟ୍ ସ୍କୁଲ | ପ୍ରଶମିତ କାନୁନଗୋ | ଖ୍ରୀଷ୍ଟ ମହାବିଦ୍ୟାଳୟ |
| | ୨ୟ | ଜୟଦିତ୍ୟ ପାଢ଼ୀ | ଷ୍ଟିୱାର୍ଟ ସ୍କୁଲ୍ | ମନୋଜ କୁମାର ସାହୁ | ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ |
| | ୩ୟ | ଅନ୍ୱେଷା ପଣ୍ଡା | ଏସ୍‌ଏସ୍‌ଭିଏମ୍, କଲେଜ ଛକ | ଦେବଶ୍ରିତା ଦାସ | ରେଭେନ୍ସା ବିଶ୍ୱବିଦ୍ୟାଳୟ |
| ଢେଙ୍କାନାଳ | ୧ମ | ସୁଶ୍ରୀ ସାଗରିକା ସ୍ୱାଇଁ | ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲ | -- | -- |
| | ୨ୟ | ହନସୁଜା ହିମାଳିନୀ | ମନଫଂଟ ବିଦ୍ୟାଳୟ | -- | -- |
| | ୩ୟ | ବିଶ୍ୱବନ୍ଦିତା ମହାପାତ୍ର | ସେଣ୍ଟ୍ ଜାଭିୟର୍ ହାଇସ୍କୁଲ | -- | -- |
| ମୟୂରଭଞ୍ଜ | ୧ମ | ତସବି ପରବିନ | ସେଣ୍ଟ ଆନ୍ନିସ କନଭେଣ୍ଟ ସ୍କୁଲ | ଶୁଭଶ୍ରୀ ଦୀକ୍ଷିତ | ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ତପସ୍ୱିନୀ ବେହେରା | ସାଇ ଆଦର୍ଶ ବିଦ୍ୟାମନ୍ଦିର | ଜସ୍ମିନ ଦାସ | ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ତନ୍ମୟା ସାହୁ | ରଘୁନାଥ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ | ଆର୍ଯ୍ୟନ ଦାସ | ବାରିପଦାର ସେଣ୍ଟ ଆନ୍ନିସ କନଭେଣ୍ଟ ସ୍କୁଲ |
| ଗଜପତି | ୧ମ | ସ୍ନୋଇ ଜଶିକା ଦାଶ | ସେଞ୍ଚୁରିୟନ୍ ପବ୍ଲିକ ସ୍କୁଲ | ମହାଲକ୍ଷ୍ମୀ ମହାପାତ୍ର | ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ଅଜିତ୍ କୁମାର ପାଣିଗ୍ରାହୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ସୁଲଗ୍ନା ପଟ୍ଟନାୟକ | ସେଞ୍ଚୁରିୟନ ପବ୍ଲିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ସାଇଶ୍ରୀ ପଣ୍ଡିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ନିଉଟନ୍ ଶବର | ବିନୋଦିନୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| ଗଞ୍ଜାମ | ୧ମ | ବି ଅବିନାଶ ଦାଶ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ | ଅମ୍ବିକା ପ୍ରସାଦ ମହାପାତ୍ର | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୨ୟ | ଆଶୁତୋଷ ସାହୁ | ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ | ଅଭିଷେକ ସାମନ୍ତରାୟ | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୩ୟ | ମହିକା ପ୍ରଧାନ | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଜପତିନଗର | ବସୁନ୍ଧରା ପାଣିଗ୍ରାହୀ | ଦି ୟୁରୋ ସ୍କୁଲ, ଛତ୍ରପୁର |
| କନ୍ଧମାଳ | ୧ମ | ସାଇ ଶୁଭମ ମହାନ୍ତି | ପବ୍ଲିକ ସ୍କୁଲ | ସ୍ୱାଗତିକା ତ୍ରିପାଠୀ | ସରକାରୀ ମହାବିଦ୍ୟାଳୟ |
| | ୨ୟ | ଶୁଭମ ଡାକୁଆ | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ଶ୍ରଦ୍ଧାଞ୍ଜଳି ସାହୁ | ସରକାରୀ ମହାବିଦ୍ୟାଳୟ |
| | ୩ୟ | ଶୁଭଶ୍ରୀ ସା | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ରସନୀ ମହାନନ୍ଦ | ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ |
| କେନ୍ଦ୍ରାପଡ଼ା | ୧ମ | ସିମ୍ରନ ବେହେରା | ସେଣ୍ଟ ଜାଭିୟର ହାଇସ୍କୁଲ | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ଧରଣୀଧର ବିଶ୍ୱବିଦ୍ୟାଳୟ |
| | ୨ୟ | ଆୟୁଷା ମଙ୍ଗରାଜ | ସେଣ୍ଟ୍ ଜାଭିୟର ହାଇସ୍କୁଲ | ସତ୍ୟଜିତ ସାହୁ | ଇଗ୍ନୋ, କେନ୍ଦ୍ରାପଡ଼ା |
| | ୩ୟ | ସ୍ୱାତୀପ୍ରଜ୍ଞା ପଣ୍ଡା | ଦାମୋଦରଜୀୟୁ ବିଦ୍ୟାପୀଠ | ଓମ୍‌ପ୍ରକାଶ ରଥ | ଏଚଏନଏସ କଲେଜ, ଚାନ୍ଦୋଳ |
| ଜଗତସିଂହପୁର | ୧ମ | ଅଭିଷେକ ତ୍ରିପାଠୀ | ରସଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ | ରାଜକୁମାର ଶତପଥୀ | ଜଗତସିଂହପୁର ଏସଭିଏମ କଲେଜ |
| | ୨ୟ | ଅମିତ୍ରା ଷଡ଼ଙ୍ଗୀ | ବୃନ୍ଦାବନ ଉଚ୍ଚବିଦ୍ୟାଳୟ, ମାର୍କଣ୍ଡପୁର | ଦର୍ଶନ ସାରଦା ଶତପଥୀ | ଜଗତସିଂହପୁର, ଏସଭିଏମ କଲେଜ |
| | ୩ୟ | ଆଦ୍ୟାଶା ପ୍ରିୟଦର୍ଶିନୀ | ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଶ୍ରଦ୍ଧାଞ୍ଜଳି ପାତ୍ର | ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ଆଶ୍ରମପାଟଣା |
| ଯାଜପୁର | ୧ମ | ସ୍ୱସ୍ତିକା ରାଉତ | ଆଦର୍ଶ ବିଦ୍ୟାଳୟ, ଦାନଗଦୀ | କେଶରୀ ପ୍ରସାଦ ମହାନ୍ତି | ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର |
| | ୨ୟ | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ଉପେନ୍ଦ୍ର କୁମାର ହାଇସ୍କୁଲ, ଯାଜପୁର | ସାଇ ଶଙ୍କର ବାରିକ | ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପାଣିକୋଇଲି |
| | ୩ୟ | ପ୍ରଜ୍ଞା ପାରମିତା କୁଣ୍ଡୁ | ପଞ୍ଚାୟତ ହାଇସ୍କୁଲ, ନାଥସାହି | ମାନସ ରଞ୍ଜନ ସେନାପତି | ଡି.ଆଇ.ଇ.ଟି, ଡୋଳିପୁର |
| ବାଲେଶ୍ୱର | ୧ମ | ତୁଳସୀ ରଣା | ବାଲେଶ୍ୱର ଟାଉନ ହାଇସ୍କୁଲ | ଉପାସନା ପଟ୍ଟନାୟକ | ଫକୀରମୋହନ ବିଶ୍ୱବିଦ୍ୟାଳୟ |
| | ୨ୟ | ପିଆଲି ପଡ଼ିଆରି | ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଚନ୍ଦ୍ରାୟ ହେମ୍ବ୍ରମ | ଟେମ୍ପୁଲସିଟି ଇଞ୍ଜିନିୟରିଂ କଲେଜ |
| | ୩ୟ | ଅନ୍ଦିତ କୁମାର ଦାସ | ମଡର୍ଣ୍ଣ ପବ୍ଲିକ ସ୍କୁଲ | ଦୀପସା ତ୍ରିପାଠୀ | ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଭଦ୍ରକ | ୧ମ | ରତୁପୂର୍ଣ୍ଣା ନାୟକ | ଭଦ୍ରକ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ | ଉଦୀପ୍ତା କର | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୨ୟ | ଅନ୍ନପୂର୍ଣ୍ଣା ସେଠୀ | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ତୃପ୍ତିରାଣୀ ପଣ୍ଡା | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୩ୟ | ଜ୍ୟୋତିପ୍ରଜ୍ଞା ରାଉତ | ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ମଧୁସ୍ମିତା ବିଶ୍ୱାଳ | ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ |
| କେନ୍ଦୁଝର | ୧ମ | ଅନନ୍ୟା ଲେଙ୍କା | ଏସ୍‌ଏସ୍‌ଭିଏମ୍, କେନ୍ଦୁଝରଗଡ଼ | ଆୟୁଷା ପଟ୍ଟନାଏକ | ଧରଣୀଧର ବିଶ୍ୱବିଦ୍ୟାଳୟର |
| | ୨ୟ | ତନୁଶ୍ରୀ ପଣ୍ଡା | ଏସ୍‌ଏସ୍‌ଭିଏମ୍, କେନ୍ଦୁଝରଗଡ଼ | ଶତାବ୍ଦୀ ମହାନ୍ତି | ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟର |
| | ୩ୟ | ବିଶ୍ୱଜିତ ଦାଶ | ଡିଏନ ହାଇସ୍କୁଲ | ରଶ୍ମିତା ଶତପଥୀ | ଡିଡି ବିଶ୍ୱବିଦ୍ୟାଳୟର |
| ରାୟଗଡ଼ା | ୧ମ | ରାଜ ନାୟକ | ଗୋପବନ୍ଧୁ ମୁନସିପାଲିଟି ହାଇସ୍କୁଲ | ସାଇରେନ୍ଦ୍ରି ସିଲା ସାହୁ | ରାୟଗଡ଼ା ଜିଆଇଏସିଆର୍ କଲେଜ |
| | ୨ୟ | ନନ୍ଦିନୀ ଶତପଥୀ | ରାୟଗଡ଼ା ବାଳିକା ଉଚ୍ଚବିଦ୍ୟାଳୟ | ଶୁଭେନ୍ଦ୍ର କୁମାର ପାତ୍ର | ରାୟଗଡ଼ା ମଡେଲ ଡିଗ୍ରୀ କଲେଜ |
| | ୩ୟ | ଦିବ୍ୟକୃପା ଦାଶ | ରାୟଗଡ଼ା ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ | ସୂରଜ କନ୍ଧପାଣି | ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ |
| ନବରଙ୍ଗପୁର | ୧ମ | ଭି.ତନୁଶ୍ରୀ | ନବରଙ୍ଗପୁର ପିଏମଶ୍ରୀ ଆର୍‌ସିଡି ହାଇସ୍କୁଲ | ସୌମ୍ୟା ନନ୍ଦ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୨ୟ | ଅଭୀପ୍ସା ପରିଚ୍ଛା | ନବରଙ୍ଗପୁର ଏସ୍‌ଏସ୍‌ଭିଏମ୍ | ପ୍ରିୟଙ୍କା ନାୟକ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୩ୟ | ଅବିନାଶ ସାହୁ | ନବରଙ୍ଗପୁର ଏସ୍‌ଏସ୍‌ଭିଏମ୍ | ଭି. ଅନିତା ଆଚାରି | ନବରଙ୍ଗପୁର ବିଦ୍ୟାର୍ଥୀ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ |
| ମାଲକାନଗିରି | ୧ମ | ଶୁଭସ୍ମିତା ସ୍ୱାଇଁ | ବାଲିମେଳା ବାଳିକା ଉଚ୍ଚବିଦ୍ୟାଳୟ | ହୃଷୀକେଶ ପଣ୍ଡା | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୨ୟ | ଆଦର୍ଶ ଜ୍ଞାନରଞ୍ଜନ ନନ୍ଦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ | ଶିଭା ମାଟାମ | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୩ୟ | ଶ୍ରୀଧା ରଥ | ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ | ତପସ୍ୱିନୀ ଓଝା | ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ |
| କୋରାପୁଟ | ୧ମ | ସତତ୍ କୁମାର ଗନ୍ତାୟତ | ପ୍ରକାଶ ବିଦ୍ୟାଳୟ, ଜୟପୁର | ଦେବାଶିଷ ସାହୁ | କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ |
| | ୨ୟ | ତିତିକ୍ଷା ମିଶ୍ର | ଏସ୍‌ଏସ୍‌ଭିଏମ୍, ଶାରଦା ବିହାର, ଜୟପୁର | ମାନସୀ ରାଣି ମହାନ୍ତି | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| | ୩ୟ | ଇପ୍ସିତା ମହାନ୍ତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ | ପ୍ରୀତମ ପ୍ରୟାସ ପଣ୍ଡା | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| ବଲାଙ୍ଗିର | ୧ମ | ଦମୟନ୍ତୀ ଖୁଆସ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ବ୍ୟୋମକେଶ ଦତ୍ତ ତ୍ରିପାଠୀ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| | ୨ୟ | ବିନ୍ଦିୟା ବେହେରା | ବିଶ୍ୱାମ୍ବା ବିଦ୍ୟାମନ୍ଦିରର ଛାତ୍ରୀ | ପ୍ରତିଶ୍ରୁତି ନାୟକ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ |
| | ୩ୟ | ଶୁଭମ ପଣ୍ଡା | ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟର ଛାତ୍ର | ସନ୍ଧ୍ୟାରାଣୀ ପଧାନ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| ଦେବଗଡ଼ | ୧ମ | ଶ୍ରୀୟେଶ୍ୱରୀ ଗଡ଼ନାୟକ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଓଁକାର ସେଠୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| | ୨ୟ | କ୍ରିତିକା କିରଣ ସାମଲ | ସରସ୍ୱତୀ ଶିଶୁବିଦ୍ୟାମନ୍ଦିର | ସାବିତ୍ରୀ ବେହେରା | ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ |
| | ୩ୟ | ସୋନାଲିସା ଦାସ | ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ | ସୁନୟନା ଦେହୁରୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| କଳାହାଣ୍ଡି | ୧ମ | ଅନିନ୍ଦିତା ସାହୁ | ବିମଳା କନଭେଣ୍ଟ ସ୍କୁଲ, ଭବାନୀପାଟଣା | ଆର୍ଯ୍ୟା ନାୟକ | ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ |
| | ୨ୟ | ଐଶ୍ୱର୍ଯ୍ୟା ସିଂହ | ଭବାନୀପାଟଣା ବିମଳା କନଭେଣ୍ଟ ସ୍କୁଲ | ଟୁନା କଣ୍ଡୋଗିରି | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| | ୩ୟ | ଅନନ୍ୟା ମିଶ୍ର | ବ୍ରଜବିହାର ଏସ୍‌ଏସ୍‌ଭିଏମ୍, ଭବାନୀପାଟଣା | ତପନ କୁମାର ବେହେରା | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| ନୂଆପଡ଼ା | ୧ମ | ଦୀପିକା ପ୍ରିୟଦର୍ଶିନୀ ବିଶି | ଜ୍ଞାନଜ୍ୟୋତି ବିଦ୍ୟାଳୟ | କିରଣ ସାହୁ | ନ୍ୟାସନାଲ କଲେଜ |
| | ୨ୟ | ବର୍ଷା ପ୍ରିୟଦର୍ଶିନୀ | କେନ୍ଦ୍ରୀୟ ବିଦ୍ୟାଳୟ | ଜାନକୀ ଦଣ୍ଡସେନା | ନ୍ୟାସନାଲ କଲେଜ |
| | ୩ୟ | ଦେବକୀ ଦୀପ | ଜ୍ଞାନଜ୍ୟୋତି ବିଦ୍ୟାଳୟ | ଜୟଚନ୍ଦ୍ର ରଣା | ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| ସମ୍ବଲପର | ୧ମ | ମୃଣ୍ମୟୀ ପ୍ରଧାନ | ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲ | ଶ୍ରୁତିରେଖା ଆଚାର୍ଯ୍ୟ | ସରକାରୀ ମହିଳା ମହାବିଦ୍ୟାଳୟ |
| | ୨ୟ | ସ୍ନେହମୟୀ ମହାପାତ୍ର | ଏସ୍‌ଏସ୍‌ଭିଏମ୍, ସିଦ୍ଧେଶ୍ୱରବେର୍ଣ୍ଣା | ମାନସ ରଞ୍ଜନ ଦୀକ୍ଷିତ | ସୁଇଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| | ୩ୟ | ଅଙ୍କେଶ କୁମାର ନାଥ | ଓଏଭି, ଜମନକିରା | ବର୍ଷାରାଣୀ ମେହେର | ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ |
| ରାଉରକେଲା | ୧ମ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ଆଦର୍ଶ ବିଦ୍ୟାପୀଠ, ସାରନଗରୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରୟାଗରାଜ ବାରିକ | ଛେଣ୍ଡ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ | ପ୍ରସପିତା ପ୍ରିୟଦର୍ଶିନୀ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଅଲିଶା ରାୟ | ବାସନ୍ତୀ କଲୋନୀ ସରକାରୀ ହାଇସ୍କୁଲ | ବିଜେୟନ୍ତୀ ମହାନ୍ତି | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |


# ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ପ୍ରତିଯୋଗୀ



ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର | ସ୍ମୃତିସ୍ମିତା ରାଉତ | ତୁଳସୀ ରଣା | ଉପାସନା ପଟ୍ଟନାୟକ | ସାଲିନୀ ସା | ଅବିନାଶ ନାଗ



ଶୁଭଲକ୍ଷ୍ମୀ ସାହୁ | ଶାଶ୍ୱତୀ ପ୍ରିୟଦର୍ଶିନୀ | ଅନିନ୍ଦିତା ସାହୁ | ଆର୍ଯ୍ୟା ନାୟକ | ଦମୟନ୍ତୀ ଖୁଆସ | ବ୍ୟୋମକେଶ ଦତ୍ତ ତ୍ରିପାଠୀ



ଆର୍ଯ୍ୟନାରାୟଣ ଦେବ | ସୁନେଲି ବାଘ | ଶ୍ରୀୟେଶ୍ୱରୀ ଗଡ଼ନାୟକ | ଓଁକାର ସେଠୀ | ମହାଲକ୍ଷ୍ମୀ ମହାପାତ୍ର | ସ୍ନୋଇ ଜଶିକା ଦାଶ



ଅଭୀପ୍ସା କର | ଫାଲଗୁନୀ ବେହେରା | ଅନନ୍ୟା ଲେଙ୍କା | ଆୟୁଷା ପଟ୍ଟନାଏକ | ସତତ୍ କୁମାର ଗନ୍ତାୟତ | ଦେବାଶିଷ ସାହୁ



ଶୁଭସ୍ମିତା ସ୍ୱାଇଁ | ହୃଷୀକେଶ ପଣ୍ଡା | ତସବି ପରବିନ | ଶୁଭଶ୍ରୀ ଦୀକ୍ଷିତ | ଭି ତନୁଶ୍ରୀ | ସୌମ୍ୟା ନନ୍ଦ



ପ୍ରୀତିମୟୀ ସାହୁ | ସାଗର ବେହେରା | ଦୀପିକା ପ୍ରିୟଦର୍ଶିନୀ ବିଶି | କିରଣ ସାହୁ | ସ୍ୱାଗତିକା ତ୍ରିପାଠୀ | ସାଇ ଶୁଭମ ମହାନ୍ତି



ରାଜ ନାୟକ | ସାଇରେନ୍ଦ୍ରି ସିଲା ସାହୁ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ମୃଣ୍ମୟୀ ପ୍ରଧାନ | ଶ୍ରୁତିରେଖା ଆଚାର୍ଯ୍ୟ



ରତୁପୂର୍ଣ୍ଣା ନାୟକ | ଉଦିପ୍ତା କର | ସିମ୍ରନ ବେହେରା | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ସୁଶ୍ରୀ ସାଗରିକା ସ୍ୱାଇଁ



ବି ଅବିନାଶ ଦାଶ | ଅମ୍ବିକା ପ୍ରସାଦ ମହାପାତ୍ର | ହିମାଂଶୁ ସାହୁ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରଶମିତ କାନୁନଗୋ | ସିଦ୍ଧାନ୍ତ କୁମାର ସାହୁ



କେଶରୀ ପ୍ରସାଦ ମହାନ୍ତି | ସ୍ୱସ୍ତିକା ରାଉତ | ଅଭିଷେକ ତ୍ରିପାଠୀ | ରାଜକୁମାର ଶତପଥୀ | ଶୁଭାଙ୍ଗୀ ସାହୁ | ରୋଜାଲିନ ରାଉତ

| | | | | | |
|---|---|---|---|---|---|
| ଝାରସୁଗୁଡ଼ା | ୧ମ | ଅଭୀପ୍ସା କର | ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ | ଫାଲଗୁନୀ ବେହେରା | ପିକେଏସ୍‌ଏସ୍ କଲେଜ |
| | ୨ୟ | ଏକତା ପ୍ରଧାନ | ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗର | ଉଷାରାଣୀ ବେହେରା | ପିକେଏସ୍‌ଏସ୍ କଲେଜ |
| | ୩ୟ | ଆରାଧ୍ୟା ପଣ୍ଡା | ବ୍ରଜରାଜନଗର ଡାନିଏଲ ପବ୍ଲିକ ସ୍କୁଲ | ଦିବ୍ୟା ଭୋଇ | ପିକେଏସ୍‌ଏସ୍ କଲେଜ |
| ବୌଦ୍ଧ | ୧ମ | ଆର୍ଯ୍ୟନାରାୟଣ ଦେବ | ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ | ସୁନେଲି ବାଘ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| | ୨ୟ | ଆଧ୍ୟତ୍ରୀ ପୁରୋହିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଡେଜଲିନ ସାହୁ | ମଡେଲ ଡିଗ୍ରୀ କଲେଜ |
| | ୩ୟ | ବବିନ ବାଘ | ବୁଟୁପାଲି ହାଇସ୍କୁଲ | ବିମଳା ନାଏକ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| ବରଗଡ଼ | ୧ମ | ସାଳିନୀ ସା | ରାଣାପ୍ରତାପ ସ୍କୁଲ | ଅବିନାଶ ନାଗ | ପଞ୍ଚାୟତ ଡିଗ୍ରୀ କଲେଜ |
| | ୨ୟ | ପୀୟୂଷ ନାଏକ | ଜର୍ଜ ଉଚ୍ଚ ବିଦ୍ୟାଳୟର | ଚନ୍ଦ୍ରିକା ପ୍ରଧାନ | ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ପାୟଲ ପଣ୍ଡା | ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଧରିତ୍ରୀ ପ୍ରଧାନ | ପଞ୍ଚାୟତ ଡିଗ୍ରୀ କଲେଜ |

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୧- ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଗଠନ।
- ୧୯୧୪- ବେନିତୋ ମୁସୋଲିନୀଙ୍କୁ ଇଟାଲୀୟ ସମାଜବାଦୀ ପାର୍ଟିରୁ ବାହାର କରାଗଲା।
- ୧୯୬୯- ଆପୋଲୋ ୧୨ ମହାକାଶଯାନ ପୃଥିବୀକୁ ଫେରୁଥିବା ସମୟରେ ପ୍ରଶାନ୍ତ ମହାସାଗରରେ ଖସିପଡ଼ିଲା।
- ୧୯୯୨- ଚୀନ୍‌ର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪୧ ଲୋକଙ୍କ ମୃତ୍ୟୁ।



## ସିଂହାସନରେ ବସିବା ପୂର୍ବରୁ ପଥର ଉପରେ ବସନ୍ତି ରାଜା

ସାଧାରଣତଃ କୌଣସି ବ୍ୟକ୍ତି ରାଜା ହେଲେ ରାଜ୍ୟାଭିଷେକ କରାଯାଇ ତାଙ୍କୁ ରାଜ ସିଂହାସନରେ ବସାଯାଏ। ବ୍ରିଟେନରେ କିନ୍ତୁ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ରାଜାଙ୍କୁ ରାଜ୍ୟାଭିଷେକ ସମୟରେ ଏକ ପଥର ଉପରେ ବସିବା ପରମ୍ପରା ରହିଛି। ୧୫୨ କେଜି ଓଜନର ଏହି ପଥରକୁ ଭାଗ୍ୟର ପଥର ବା ଷ୍ଟୋନ ଅଫ୍ ଡେଷ୍ଟିନି ବୋଲି କୁହାଯାଏ। ଏହା ସ୍କଟିଶ୍ ରାଜତନ୍ତ୍ରର ପ୍ରତୀକ ଭାବେ ଜଣାଯାଏ। ଭାଗ୍ୟ ପଥର ବା ଲିୟା ଫେଲ୍ ନାମକ ଏହି ଆୟତାକାର ବାଲୁଆ ପଥର କାହିଁ କେଉଁ କାଳୁ ବ୍ରିଟେନ ରାଜାଙ୍କ ରାଜ୍ୟାଭିଷେକ ସହ ଜଡ଼ିତ। ଐତିହାସିକମାନଙ୍କ କହିବାନୁଯାୟୀ, ଚଉଦଶହ ଶତାବ୍ଦୀରୁ ବ୍ରିଟିଶ୍ ରାଜ୍ୟାଭିଷେକ ପାଇଁ ଏହା ବ୍ୟବହୃତ ହୋଇଆସୁଛି। ବାସ୍ତବିକ ରୂପେ ଏହା କେବେଠୁ ବ୍ୟବହୃତ ହୋଇଆସୁଛି, ତାହା କେହି ଜାଣନ୍ତିନି। ଏହାର ଉତ୍ପତ୍ତି ମଧ୍ୟ ରହସ୍ୟମୟ। ଏହାକୁ ନେଇ ବିଶେଷଜ୍ଞମାନେ ମଧ୍ୟ ବହୁ ଅଧ୍ୟୟନ କରିଛନ୍ତି। ବୈଜ୍ଞାନିକମାନଙ୍କ ତଥ୍ୟ ଅନୁଯାୟୀ, ଏହା ସ୍କଟଲ୍ୟାଣ୍ଡରେ ମିଳୁଥିବା ଏକ ବାଲୁଆ ପଥର। ସେହିଭଳି ଏଠାରେ ପ୍ରଚଳିତ ଲୋକକଥା ଅନୁଯାୟୀ, ଏହି ପଥର ୩୦୦୦ ବର୍ଷ ପୂର୍ବେ ପାଲେଷ୍ଟାଇନ୍‌ରୁ ଆସିଥିଲା। ଏଥିରେ ଯାକୁବ୍ ନିଜର ମୁଣ୍ଡ ରଖି ଶୋଇଥିଲେ ଏବଂ ସ୍ୱପ୍ନରେ ସ୍ୱର୍ଗକୁ ଶିଡ଼ି ଦେଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଆୟରଲ୍ୟାଣ୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏହା ରାଜାମାନଙ୍କ ରାଜ୍ୟାଭିଷେକରେ ବ୍ୟବହାର ହେଉଥିଲା। ଏହାପରେ ଏହି ପଥର ସ୍କଟଲ୍ୟାଣ୍ଡ ଆସିଥିଲା। ଏହା ରାଜା ନିର୍ମାଣକାରୀ ପଥର ଭାବେ ପ୍ରସିଦ୍ଧି ଲାଭ କରିଥିଲା। ସେହିପରି ମାନ୍ୟତା ରହିଛି, ରାଜା ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଏହି ପଥର ଉପରେ ବସିବା ଦ୍ୱାରା ଶବ୍ଦ ବାହାରିଥାଏ। ନବମ ଶତାବ୍ଦୀରେ ଏହାକୁ ସ୍କଟ୍‌ଲ୍ୟାଣ୍ଡର ସ୍କୋନ୍ ଏବେରେ ରଖାଯାଇଥିଲା। ଏହି ପଥର ସ୍କଟିଶ୍ ରାଷ୍ଟ୍ରବାଦର ପ୍ରତୀକ ଭାବେ ଜଣାଯାଏ।

## 'ବାରାଣସୀ'ରେ ମାଧବନ୍‌ଙ୍କ ଏଣ୍ଟ୍ରି

ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ନଭେମ୍ବର ୧୫ରେ ରାଜମୌଳି ଫିଲ୍ମର ଟାଇଟଲ୍ ବିଧିବଦ୍ଧଭାବେ 'ବାରାଣସୀ' ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସେ ରାମୋଜି ଫିଲ୍ମ ସିଟିରେ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ। ଏଥିରେ ଫିଲ୍ମର ପ୍ରଥମ ଝଲକ ମଧ୍ୟ ଦେଖାଯାଇଥିଲା। ଏହି ଇଭେଣ୍ଟ ପାଇଁ ପାଖାପାଖି ୨୦ କୋଟି ଖର୍ଚ୍ଚ ହୋଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଫିଲ୍ମର ବଜେଟ୍ ୧୦୦୦ କୋଟି ହେବ ବୋଲି କୁହାଯାଉଥିବାବେଳେ ଏହା ଏବେ ୧୩୦୦ କୋଟିରେ ପହଞ୍ଚିଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ଦେଖାଯିବେ। ମହେଶବାବୁ ଓ ପ୍ରିୟଙ୍କା ଏବେ ଏହାର ଲଗାତାର ସୁଟିଂ କରୁଛନ୍ତି। କାରଣ ରାଜମୌଳି ଏହାକୁ ୨୦୨୭ରେ ରିଲିଜ୍ କରିବାପାଇଁ ଯୋଜନା କରିଛନ୍ତି। ସେଥିପାଇଁ ସେ ଏହାର ସୁଟିଂ ୨୦୨୬ ସୁଦ୍ଧା ସାରିବା ପାଇଁ ଯୋଜନା କରିଛନ୍ତି। ତେବେ ଏଥିରେ ମହେଶବାବୁ କେଉଁ ଚରିତ୍ରରେ ଅଭିନୟ କରୁଛନ୍ତି ସେନେଇ ଦର୍ଶକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅପରପକ୍ଷରେ ରାଜମୌଳିଙ୍କ ଏହି ଫିଲ୍ମରେ ହନୁମାନ ଭୂମିକାରେ ଆର୍. ମାଧବନ୍ ନଜର ଆସିବେ ବୋଲି ଏବେ ଚର୍ଚ୍ଚା ହେଉଛି। ଯଦିଓ ମେଗା ଇଭେଣ୍ଟରେ ମାଧବନ୍‌ଙ୍କୁ ନେଇ କିଛି କୁହାଯାଇ ନ ଥିଲା କିନ୍ତୁ ସମୟ ଆସିଲେ ଫିଲ୍ମ ନିର୍ମାତା ତାଙ୍କ ନାମ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଫିଲ୍ମରେ ଭଗବାନ ଶିବ, ରାମ ଓ ହନୁମାନଙ୍କ ଭୂମିକା ରହିବ ବୋଲି ମେଗା ଇଭେଣ୍ଟର ଏକ କ୍ଲିପ୍‌ରେ ଦେଖାଯାଇଥିଲା।




### ଭିନ୍ନ ଜଣେ ସଙ୍ଗୀତ ପ୍ରେମୀ

## ଡିଜି ଜମାନାରେ ଟେପ୍ ରେକର୍ଡରରେ ଶୁଣନ୍ତି ଗୀତ

ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ସଉକ ରହିଥାଏ। କିଏ ସିନେମା ଦେଖିବାକୁ ଭଲ ପାଏ ତ ଆଉ କିଏ ଡାକଟିକଟ୍, ମୁଦ୍ରା ଆଦି ସାଇତି ରଖିବାକୁ ପସନ୍ଦ କରନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ରାଜସ୍ଥାନ, ବିକାନେରର ମାୱା ପଟ୍ଟି ଅଞ୍ଚଳର ୭୫ବର୍ଷୀୟ ମୋତିଲାଲ ମୋହତା। ସେ ଦୀର୍ଘ ଛଅ ଦଶନ୍ଧି ହେଲାଣି ଟେପ୍ ରେକର୍ଡରରେ ଗୀତ ଶୁଣି ଆସୁଛନ୍ତି। ଫୋନ୍, ଲାପ୍‌ଟପ୍ ଯୁଗରେ ସେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ଏଥିରେ ପୁରୁଣା ଗୀତଗୁଡ଼ିକ ଶୁଣନ୍ତି। ସେ ପାଖାପାଖି ୫,୦୦୦ କ୍ୟାସେଟ୍ ସଂଗ୍ରହ କରି ରଖିଛନ୍ତି। ଏହା ତାଙ୍କ ପାଇଁ ସମ୍ପତ୍ତି ସଦୃଶ ବୋଲି ସେ କୁହନ୍ତି। ମୋତିଲାଲ ଗୀତ ଶୁଣିବାରେ ପାଖାପାଖି ୭ରୁ ୮ ଘଣ୍ଟା ସମୟ ବିତାଇଥାନ୍ତି। ତାଙ୍କ ପାଇଁ ପୁରୁଣା ସଙ୍ଗୀତ ଥେରାପି ସଦୃଶ। ଯଦି ସେ କେଉଁଦିନ ଗୀତ ଶୁଣି ନ ଥାନ୍ତି, ସେଦିନ ତାଙ୍କୁ ବିଚଳିତ ଲାଗେ ବୋଲି କୁହନ୍ତି। ଗୀତ ଶୁଣିବା ଅଭ୍ୟାସ ତାଙ୍କ ପାଇଁ ଔଷଧ ପରି କାମ କରିଥାଏ। ତେବେ ଟେପ୍ ରେକର୍ଡରରେ ପୁରୁଣା ଗୀତ ଶୁଣିବା ପଛରେ ଏକ ରୋଚକ କାହାଣୀ ରହିଛି। ମୋତିଲାଲଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା, ସେ ଏକ ଚା' ଦୋକାନ ଚଳାଉଥିଲେ। ସେତେବେଳେ ଏକ ଟେପ୍ ରେକର୍ଡର ତାଙ୍କୁ ଭଲ ଲାଗିଥିଲା। ଏହାର ଦାମ୍ ଜାଣିବାକୁ ସେ ଚେଷ୍ଟା କରିଥିଲେ। ଟେପ୍ ରେକର୍ଡର କିଣିବା ପାଇଁ ସେ ସମର୍ଥ ନୁହଁନ୍ତି ବୋଲି କେହି ଜଣେ ତାଙ୍କୁ କହିଥିଲେ। ଏହି କଥାକୁ ଖାତିର୍ ନ କରି ମୋତିଲାଲ ଟଙ୍କା ସଞ୍ଚୟ କରି କରି ଟେପ୍ ରେକର୍ଡର କିଣିଥିଲେ। ଏହାପରଠାରୁ ତାଙ୍କର ଗୀତ ଶୁଣିବା ଅଭ୍ୟାସ ଚାଲିଲା। ସେ ବହୁତ ପୁରୁଣା ଗୀତର କ୍ୟାସେଟ୍ ସାଇତି ରଖିଛନ୍ତି। ପ୍ରତ୍ୟେକ କ୍ୟାସେଟ୍ ତାଙ୍କ ପାଇଁ ଏକ ସ୍ମୃତି। ଟେପ୍ ରେକର୍ଡର ଖରାପ ହୋଇଗଲେ, ସେ ତୁରନ୍ତ ଏହାକୁ ସଜାଡ଼ନ୍ତି ନଚେତ୍ ନୂଆ କିଣନ୍ତି। ଟେପ୍ ରେକର୍ଡରରେ ବାଜିଉଠୁଥିବା ଗୀତଗୁଡ଼ିକ ତାଙ୍କୁ ଯେମିତି ଜିଇଁବାର ସୁଯୋଗ ଦେଇଥାଏ। ମହମ୍ମଦ ରଫି, ଲତା ମଙ୍ଗେସକର, କିଶୋର କୁମାରଙ୍କଠାରୁ ନେଇ ମୁକେଶଙ୍କ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଗୀତ ତାଙ୍କର ମନେ ରହିଛି। ତେବେ ପିଲାଟି ଦିନରୁ ଅଭାବ ଅନଟନରେ ଚଳି ଆସୁଥିବାରୁ କେବଳ ଗୀତ ତାଙ୍କୁ ଜୀବନର ମାନେ ଶିଖାଇଥିବା ମୋତିଲାଲ କୁହନ୍ତି। କୌଣସି କାରଣରୁ ଯଦି ତାଙ୍କର ମନ ଦୁଃଖ ହୋଇଯାଏ, ସେ ତୁରନ୍ତ ଟେପ୍ ରେକର୍ଡରରେ ଗୀତ ବଜାଇ ଦିଅନ୍ତି। ଆଉ ଖୁସି ଅନୁଭବ କରନ୍ତି।





## ରାଶି ଅନୁସାରେ ରୁଦ୍ରାକ୍ଷ ଧାରଣ

ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଭଗବାନ ଶିବଙ୍କ କୃପା ପ୍ରାପ୍ତ ହୁଏ। ଏହାକୁ ଧାରଣ କରିବା ଦ୍ୱାରା ଜୀବନରେ ଦୁଃଖ ଓ ସଙ୍କଟ ଦୂର ହୋଇଥାଏ। ତା'ସହ ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ। ତେବେ ରୁଦ୍ରାକ୍ଷ ରାଶି ଅନୁସାରେ ଧାରଣ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। କେଉଁ ରାଶି କେତେ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ, ସେ ସମ୍ପର୍କରେ ଜାଣିବା।

ମେଷ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। ବୃଷ ରାଶି ୬ ଏବଂ ୧୦ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ମିଥୁନ ରାଶି ବ୍ୟକ୍ତି ବିଶେଷ ୪ ଏବଂ ୧୧ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଶୁଭ ଫଳ ମିଳେ। କର୍କଟ ରାଶି ପାଇଁ ୪ ମୁଖୀ ଏବଂ ଗୌରୀଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ସିଂହ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। କନ୍ୟା ରାଶିଙ୍କ ପାଇଁ ଗୌରିଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଲାଭକାରୀ। ତୁଲା ରାଶି ପାଇଁ ୭ ମୁଖୀ ଏବଂ ଗଣେଶ ରୁଦ୍ରାକ୍ଷ ଶୁଭ ହୋଇଥାଏ। ବୃଷ ରାଶି ପାଇଁ ୮ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଉତ୍ତମ। ତେବେ ଧନୁ ରାଶି ପାଇଁ ୯ ଏବଂ ୧ ମୁଖୀ ରୁଦ୍ରାକ୍ଷ ଶୁଭ ହୋଇଥିବା ବେଳେ ମକର ରାଶି ପାଇଁ ୧୦ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଶୁଭ। ଅନ୍ୟପଟେ କୁମ୍ଭ ରାଶି ପାଇଁ ୭ ମୁଖୀ ଏବଂ ମୀନ ରାଶି ବ୍ୟକ୍ତିଙ୍କ ପାଇଁ ୩ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ।

ସେହିପରି ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ମାନସିକ ଚାପ କମ୍ ହୁଏ। ସ୍ୱାସ୍ଥ୍ୟରେ ସୁଧାର ଆସେ। ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଆତ୍ମବିଶ୍ୱାସ ବଢ଼ିବା ସହିତ ଗ୍ରହଦୋଷ ଦୂର ହୁଏ। ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ଥିରତା ଆସେ। ସୌଭାଗ୍ୟ ବୃଦ୍ଧି ପାଏ ଏବଂ ସଫଳତା ମିଳେ।

# ସ୍ୱସ୍ତି

## ଘରେ ଶିବଲିଙ୍ଗ ରଖୁଥିଲେ...

ଅନେକ ଲୋକ ଘରେ ଶିବଲିଙ୍ଗ ରଖି ପୂଜାର୍ଚ୍ଚନା କରିଥାନ୍ତି। ତେବେ ଘରେ ଶିବଲିଙ୍ଗ ସ୍ଥାପନାକୁ ଶୁଭ ବୋଲି କୁହାଯାଇଛି। ଅବଶ୍ୟ ଘରେ ଶିବଲିଙ୍ଗ ରଖି ପୂଜା କରିବାର କିଛି ନିୟମ ଅଛି।



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘରେ ଶିବଲିଙ୍ଗ ସ୍ଥାପନା କରାଯାଇପାରିବ। ହେଲେ ଶିବଲିଙ୍ଗ ପୂଜା ନିୟମ ନିଷ୍ଠା ଏବଂ ଶୁଦ୍ଧତାର ସହ କରିବା ଉଚିତ।
- ପ୍ରତ୍ୟେକ ଦିନ ଶିବଲିଙ୍ଗର ପୂଜାର୍ଚ୍ଚନା କରିବା ଅନିବାର୍ଯ୍ୟ।
- ସେହିପରି ଶିବଲିଙ୍ଗ ପାଖରେ ନିତିଦିନ ଭୋଗ ଲାଗି କରିବା ଉଚିତ।
- ଶିବଲିଙ୍ଗରେ ଜଳ ଏବଂ କ୍ଷୀରରେ ଅଭିଷେକ କରିବାକୁ ହେବ।
- ଅଭିଷେକ ପରେ ବଳକା ପାଣି ତଥା କ୍ଷୀରକୁ ଜଳରେ ପ୍ରବାହିତ କରନ୍ତୁ।

## ରାମ ନାମ ଜପର ମହତ୍ତ୍ୱ



ରାମ ନାମ ମହିମା ଅଦ୍ୱିତୀୟ। ଏହା କେବଳ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରି ନ ଥାଏ, ବରଂ ଜୀବନରେ ସୁଖ, ଶାନ୍ତି ଏବଂ ସଫଳତାରେ ଭରି ଦିଏ। ଧର୍ମଗ୍ରନ୍ଥ ଅନୁସାରେ, ରାମ ନାମ ଜପ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ରାମ ନାମ ଉଚ୍ଚାରଣରେ ମନ ଶାନ୍ତ ହୁଏ।

କଳିଯୁଗରେ ରାମ ନାମକୁ ସଞ୍ଜିବନୀ ବୋଲି କୁହାଯାଇଛି। ରାମ ନାମର ନିୟମିତ ଜପରେ ଜୀବନରୁ ବଡ଼ ବଡ଼ ସଙ୍କଟ ଦୂର ହୁଏ ଏବଂ କଠିନ ସମସ୍ୟାର ସମାଧାନ କରିବା ସହଜ। ସେହିପରି ବିବାହରେ କୌଣସି ସମସ୍ୟା ସାମ୍ନା କରୁଥିଲେ, ରାମ ନାମ ଅଦ୍ଭୁତ ପରିଣାମ ଦିଏ। 'ରମାପତି' ନାମ ଜପ ଏବଂ ମାଳା ସାହାଯ୍ୟ ଧ୍ୟାନ କରିବା ଦ୍ୱାରା ବିବାହ ସମସ୍ୟା ଶୀଘ୍ର ଦୂର ହୁଏ ବୋଲି ବିଶ୍ୱାସ କରାଯାଏ। ସନ୍ତାନ ପ୍ରାପ୍ତିରେ ସମସ୍ୟା ଥିଲେ ୧୦୮ ଥର ରାମନାମ ଜପ ଦ୍ୱାରା ସନ୍ତାନ ସମ୍ବନ୍ଧି ଦୋଷ ସମାପ୍ତ ହେଉଥିବା ବି ବିଶ୍ୱାସ ଅଛି। ବିଜ୍ଞାନ ଅନୁସାରେ, ରାମନାମ ଜପ ଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ପ୍ରତିକ୍ରିୟା ଆସେ। ଅନ୍ୟପଟେ ରାମନାମ ନିୟମିତ ଜପ ଦ୍ୱାରା ଐଶ୍ୱର୍ଯ୍ୟ ଏବଂ ଧନଧାନ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ଶିକ୍ଷା ଏବଂ କ୍ୟାରିୟରରେ ଆସୁଥିବା ବାଧାକୁ ଦୂର କରିବା ଲାଗି ରାମନାମ ଜପ ଅତ୍ୟନ୍ତ ପ୍ରଭାବୀ।


## ଲେମ୍ବୁ ଗଛ ଲଗାଇବା ଶୁଭ ନା ଅଶୁଭ

ଘରେ ଗଛ ଲଗାଇବା ତଥା ଛୋଟମୋଟ ବଗିଚା କରିବା ସାଧାରଣ କଥା। ହେଲେ ଘରେ କେଉଁ ଗଛ ଲଗାଇବା ଦରକାର ସେ, ସମ୍ପର୍କରେ ଜାଣିବା ଜରୁରି। ତେବେ ଲେମ୍ବୁ ଗଛ ଘରେ ଲଗାଇବା ଶୁଭ କି ଅଶୁଭ, ତାହାକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ନିୟମ ଅଛି, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, ଲେମ୍ବୁ ଗଛକୁ ଘରର ମୁଖ୍ୟ ଦ୍ୱାର ତଥା ଘର ଭିତରେ ଲଗାଇବା ଅନୁଚିତ। ଲେମ୍ବୁ ଗଛରେ କଣ୍ଟା ଥିବାରୁ ଏହା ନକାରାତ୍ମକ ଶକ୍ତି ସଞ୍ଚାର କରେ। ଏହାକୁ ଘର ସାମ୍ନାରେ ଲଗାଇଲେ ମାନସିକ ଅଶାନ୍ତି ଏବଂ ଧନହାନି ହୋଇଥାଏ।
- ଘରର ଉତ୍ତର-ପୂର୍ବ କୋଣରେ ଲେମ୍ବୁ ଗଛ ଲଗାଇବା ଶୁଭ।
- ଲେମ୍ବୁ ଗଛକୁ ଘର ବଗିଚାର ଦକ୍ଷିଣ- ପୂର୍ବ ଦିଗରେ ଲଗାଇବା ଉଚିତ। ଏହା ଦ୍ୱାରା ଆର୍ଥିକ ସ୍ଥିତି ଭଲ ରହେ।
- ଲେମ୍ବୁ ଗଛକୁ ଘରର ବାଲକୋନି ତଥା ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନରେ ରଖନ୍ତୁ। ଦକ୍ଷିଣ-ପୂର୍ବ ଦିଗରେ ଏହାକୁ ରଖିବା ଦ୍ୱାରା ବ୍ୟବସାୟରେ ଲାଭ ଏବଂ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହୁଏ।

# ସ୍ଥଗିତ ରହିଲା ମନ୍ଧାନାଙ୍କ ବିବାହ



ମୁମ୍ବଇ, ୨୩।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଛଲଙ୍କ ମଧ୍ୟରେ ରବିବାର ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ସ୍ଥଗିତ ରଖାଯାଇଛି। ଦୁଃଖଦାୟକ ପାରିବାରିକ ଜରୁରୀକାଳୀନ ପରିସ୍ଥିତି ଯୋଗୁ ବିବାହ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ହୋଇଛି। ରବିବାର ସକାଳେ ମନ୍ଧାନାଙ୍କ ପିତା ଶ୍ରୀନିବାସ ଜଳଖିଆ କରୁଥିବାବେଳେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ଶ୍ରୀନିବାସ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବିବାହକୁ ସ୍ଥଗିତ ରଖିବାକୁ ମନ୍ଧାନା ନିଷ୍ପତ୍ତି ନେଇଥିବା ତାଙ୍କ ମ୍ୟାନେଜର ତୁହିନ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୯ ବର୍ଷୀୟା ମନ୍ଧାନାଙ୍କ ନିଜ ଘରୋଇ ସହର ମହାରାଷ୍ଟ୍ରର ସାଙ୍ଗଲିରେ ରବିବାର ବିବାହ କରିଥାନ୍ତେ। ବିବାହ ପୂର୍ବରୀତିନୀତି ଅନୁଯାୟୀ ମନ୍ଧାନାଙ୍କ ଘରେ ହଳଦୀ ଓ ମେହେନ୍ଦୀ ଉତ୍ସବ ବହୁତ ଧୁମଧାମରେ ପାଳନ କରାଯାଇଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଶ୍ୱେତାଙ୍କ ହାତ ଧରିଲେ ଅମୀୟ



ତାରକା ଧାବକ ଅମୀୟ ମଲ୍ଲିକ ଓ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଅଡ଼ିଲିଙ୍କ ବିବାହ ମୁମ୍ବଇରେ ଅନୁଷ୍ଠିତ ହୋଇଯାଇଛି।

### ଦ୍ୱିତୀୟ ଟେଷ୍ଟ: ୱିକେଟ୍ ପାଇଁ ଭାରତୀୟ ବୋଲରଙ୍କ ସଂଘର୍ଷ

# ମୁଥୁସାମୀଙ୍କ ଶତକରେ ଦ.ଆଫ୍ରିକା ସ୍ଥିତି ଦୃଢ଼

ଗୌହାଟୀ, ୨୩।୧୧ (ଏଜେନ୍ସି)



ସ୍ଥାନୀୟ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଭାରତୀୟ ବଂଶୋଦ୍ଭବ ଖେଳାଳି ସେନୁରାନ ମୁଥୁସାମୀଙ୍କ ପ୍ରଥମ ଟେଷ୍ଟ ଶତକ ଓ ନଂ-୯ ବ୍ୟାଟର୍ ମାର୍କୋ ଜାନସେନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୬.୧ ଓଭରରେ କୌଣସି ୱିକେଟ୍ ନ ହରାଇ ୯ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ୭ ଓ ଲୋକେଶ ରାହୁଲ ୨ ରନ କରି ଅପରାଜିତ ରହିଛନ୍ତି।

**ନୟାନ୍ତ କଲେ ମୁଥୁସାମୀ-ଜାନସେନ**

ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୪୭/୬ରୁ ରବିବାର ସକାଳେ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶୀଘ୍ର ଅଲ୍‌ଆଉଟ୍ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବ୍ୟାଟିଂକ୍ରମର ୭ମ, ୮ମ ଓ ୯ମ ସ୍ଥାନ ବ୍ୟାଟର୍ ମୁଥୁସାମୀ, କାଏଲ ଭେରେନ୍ନୀ ଓ ଜାନସେନ ଭାରତୀୟ ବୋଲରଙ୍କୁ ନୟାନ୍ତ କରିଥିଲେ। ଏହି ୩ଜଣ ଉପଯୋଗୀ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ୧୫୧.୧ ଓଭରରେ ୪୮୯ ରନର ବିଶାଳ ସ୍କୋର ଠିଆ କରାଇପାରିଥିଲା। ମୁଥୁସାମୀ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ସହ ୨୦୬ ବଲରୁ ୧୦୯ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ସପ୍ତମ ୱିକେଟ୍‌ରେ ମୁଥୁସାମୀ ଓ ଭେରେନ୍ନୀ (୪୫ ରନ) ଯୋଡ଼ି ୮୮ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ମୁଥୁସାମୀ ଓ ଜାନସେନ ୮ମ ୱିକେଟ୍‌ରେ ୯୭ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୪୦୦ ଅତିକ୍ରମ କରିଥିଲା। ମୁଥୁସାମୀଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ବଡ଼ ଆଶ୍ୱସ୍ତି ଦେଇଥିଲେ। ତେବେ ଜାନସେନଙ୍କ ଇନିଂସ ହିଁ ଦକ୍ଷିଣ ଆଫ୍ରିକାକୁ ୫୦୦ ରନ ନିକଟତର କରିଥିଲା। ଶେଷ ବ୍ୟାଟର୍ ଭାବେ ଆଉଟ୍ ହୋଇଥିବା ୬ ଫୁଟ୍ ୭୫ ଇଞ୍ଚ ଲମ୍ବର ଏହି ବାମହାତୀ ବ୍ୟାଟର୍ ୭ଟି ଛକା ଓ ୬ଟି ଚୌକା ବଳରେ ୯୧ ବଲରେ ୯୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ବଲରେ ବୋଲ୍ଡ ହୋଇ ଜାନସେନ ଅଳ୍ପକେ ପ୍ରଥମ ଟେଷ୍ଟ ଶତକରୁ ବଞ୍ଚିତ ହୋଇଥିଲେ।

ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକାର ବଳକା ୪ଟି ୱିକେଟ୍ ପାଇଁ ଆଜି ପାଖାପାଖି ୭୦ ଓଭର ବୋଲିଂ କରିଥିଲେ। କୁଲଦୀପ୍ ୧୧୫ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ। ଯଶପ୍ରୀତ୍ ବୁମରା, ସିରାଜ ଓ ରବୀନ୍ଦ୍ର ଜାଡେଜା ମିଳିତ ଭାବେ ଅନ୍ୟ ୬ଟି ୱିକେଟ୍ ବାଣ୍ଟିନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦ.ଆଫ୍ରିକା ପ୍ରଥମ ଇନିଂସ:** ୪୮୯/୧୦, ୧୫୧.୧ ଓଭର (ମୁଥୁସାମୀ- ୧୦୯, ଜାନସେନ- ୯୩, ଷ୍ଟବ୍ସ- ୪୯, ଭେରେନ୍ନୀ- ୪୫, କେଶମ ମହାରାପ- ଅପରାଜିତ ୧୨, କୁଲଦୀପ୍- ୪/୧୧୫, ବୁମରା- ୨/୭୫, ଜାଡେଜା- ୨/୯୪, ସିରାଜ- ୨/୧୦୬)। **ଭାରତ ପ୍ରଥମ ଇନିଂସ:** ୯/୦, ୬.୧ ଓଭର (ଜୟସ୍ୱାଲ- ଅପରାଜିତ- ୭, ରାହୁଲ- ଅପରାଜିତ- ୨)।

# ଗିଲ୍‌ଙ୍କ ଅନୁପସ୍ଥିତିରେ ରାହୁଲଙ୍କୁ ନେତୃତ୍ୱ

ମୁମ୍ବଇ, ୨୩।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ଶୁବମନ ଗିଲ୍ ଆହତ ଯୋଗୁ ଏହି ସିରିଜରେ ଖେଳିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ୱିକେଟ୍‌ରକ୍ଷକ ବ୍ୟାଟର୍ ଲୋକେଶ ରାହୁଲଙ୍କୁ କାମଚଳା ଅଧିନାୟକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତିଲକ ବର୍ମା, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଓ ଋତୁରାଜ ଗାଏକ୍‌ୱାଡଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ପନ୍ତ ଉପ-ଅଧିନାୟକ ଭାର ସମ୍ଭାଳିବେ। ଗାଏକୱାଡ ୨ ବର୍ଷ ପରେ ଦିନିକିଆ ଦଳକୁ ଫେରିଛନ୍ତି। ତେବେ ଅଷ୍ଟ୍ରେଲିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦୁଇ ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଏହାପରେ ଡିସେମ୍ବର ୩ ଓ ୬ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ରାୟପୁର ଓ ବିଶାଖାପାଟନାରେ ଅନୁଷ୍ଠିତ ହେବ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ/ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟ୍‌କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍‌ୱାଡ, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

# ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଲକ୍ଷ୍ୟ



ସିଡ୍‌ନୀ, ୨୩।୧୧ (ଏଜେନ୍ସି): ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ସିଜନରେ ତାଙ୍କର ପ୍ରଥମ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ୨୧-୧୫, ୨୧-୧୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। ୨୪ ବର୍ଷୀୟ ଲକ୍ଷ୍ୟଙ୍କ କ୍ୟାରିୟରର ଏହା ୬ଷ୍ଠ ଟାଇଟଲ୍ ଥିଲା। ଏଥିପୂର୍ବରୁ ଶେଷଥର ଲାଗି ସେ ଗତ ଡିସେମ୍ବରରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଟ୍ରଫି ଜିତିଥିଲେ। ୨୦୨୫ରେ ଲକ୍ଷ୍ୟ ହଂକଂ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଚଳିତ ବର୍ଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆୟୁଷ ସେଟ୍ଟୀ ଗତ ଜୁନରେ ୟୁଏସ୍ ଓପନ୍ ସୁପର୍-୩୦୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।

# କୋଚ୍ ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ



ଭୁବନେଶ୍ୱର, ୨୩।୧୧ (ସମିସ): ସ୍ଥାନୀୟ ପଟିଆ ସ୍ଥିତ ୬ପକେଟ୍ କ୍ଲବରେ ଚାଲିଥିବା ୩୧ତମ ନିଖିଳ ଓଡ଼ିଶା ସିନିଅର ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୬-୩ (୧୦୦-୦୮, ୧୪-୫୬, ୫୩-୫୯, ୬୯-୨୫, ୩୪-୬୫, ୫୯-୩୫, ୧୧୧-୦୦, ୪୩-୩୧, ୪୪-୩୧) ରେ ନିଜ ଗୁରୁ ତଥା କୋଚ୍ ସୁବ୍ରତ ଦାସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଆଶୁତୋଷ ଏପର୍ଯ୍ୟନ୍ତ ୫ଟି ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସୁବ୍ରତ ମଧ୍ୟ ୫ଟି ସିନିଅର ସ୍ନୁକର ଟାଇଟଲ ଜିତିଛନ୍ତି। ଚାମ୍ପିଅନ ଆଶୁତୋଷଙ୍କୁ ୨୦ ଓ ରନର୍ସଅପ୍ ସୁବ୍ରତଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଆଶୁତୋଷ ସିନିଅର ବିଲିଆର୍ଡ୍ସରେ ଚାମ୍ପିଅନ ହୋଇ ୧୦ ଓ ସୁବ୍ରତ ରନର୍ସଅପ ହୋଇ ୫ ହଜାର ଟଙ୍କା ପୁରସ୍କାର ଜିତିଥିଲେ।

### ୧୦ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଉଦ୍‌ଯାପିତ

# ବରଗଡ଼କୁ ହରାଇ କୋରାପୁଟ ଚାମ୍ପିଅନ



ଭୁବନେଶ୍ୱର/ଯାଜପୁର, ୨୩।୧୧ (ସମିସ): ଧର୍ମଶାଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋରାପୁଟ ଦୃଷ୍ଟିହୀନ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ କୋରାପୁଟ ୧୩୩ ରନରେ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବକୁ ପରାସ୍ତ କରିଥିଲା। ସୁଖରାମ ମାଝୀଙ୍କ ୮୩ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ବରଗଡ଼ ୧୫ ଓଭରରେ ୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁଖରାମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, 'ସକ୍ଷମ ଓଡ଼ିଶା'ର ମନସ୍ୱିତା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହକୁ ଓଡ଼ିଶା ଦୃଷ୍ଟହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗତ ୫ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା।

## ସଂକ୍ଷେପରେ...

**ଇପୋ:** ମାଲେସିଆରେ ରବିବାରଠାରୁ ଆରମ୍ଭ ହୋଇଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି।

**ନାରଙ୍ଗ-କଳିକେଶ ମୁକାବିଲା**
ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ ସଭାପତି ପଦ ଲାଗି ଅଲିମ୍ପିକ ପଦକ ବିଜେତା ଗଗନ ନାରଙ୍ଗ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ସଭାପତି ତଥା ବିଜେଡିର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂ ଦେଓଙ୍କ ସହ ତାଙ୍କର ମୁକାବିଲା ହେବ। ଡିସେମ୍ବର ୪ରେ ନିର୍ବାଚନ ହେବ।

**ତାରିକଙ୍କ ହ୍ୟାଟ୍ରିକ୍**
ପାକିସ୍ତାନର ୪ର୍ଥ ବୋଲର ଭାବେ ଉସମାନ ତାରିକ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ନେଇଛନ୍ତି। ତ୍ରି-ରାଷ୍ଟ୍ରୀୟ ସିରିଜର ଜିମ୍ବାୱେ ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ପାଇଛନ୍ତି।






# ଗଣ୍ଡରପୁର ଜିତିଲା ଶରଣକୁଳ କପ୍

ଶରଣକୁଳ, ୨୩।୧୧(ସମିସ)

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗଣ୍ଡରପୁର ଫୁଟ୍‌ବଲ କ୍ଲବ (ଭୁବନେଶ୍ୱର) ଟାଇ ବ୍ରେକର ରେ ୫ –୪ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ(ବରଗଡ଼)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା।

ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ମନସୁର ବକ୍ସ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢିଆରୀ ଅତିଥି ରୂପେ ଯୋଗଦେଇ ଚାମ୍ପିଅନ ଗଣ୍ଡପୁର ଦଳକୁ ୩୦ ହଜାର ଅର୍ଥ ରାଶି ସହିତ ଟ୍ରଫି ଓ ପରାଜିତ ବରଗଡ଼ ଦଳକୁ ନଗଦ ୨୦ ହଜାର ଅର୍ଥ ସହିତ ଟ୍ରଫି ପ୍ରଦାନ କରିଥିଲେ। ଗଣ୍ଡରପୁର ଅସୀମ ଟୁଡୁ ଓ ବରଗଡ଼ ଦଳର ସୁଶୀଲ ପଢିଆରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଲାଇନରେ ସହାୟତା କରିଥିଲେ। ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ଓ ସମ୍ପାଦକ ରବିନ୍ଦ୍ର ବିବରଣୀ ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ବରାଡ, ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ବରାଡ, ପ୍ରମୋଦ ଦାଶ, ଅଖିଳ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS